ବିଭୂତି ପଟ୍ଟନାୟକ

ସ୍ୱପ୍ନର ପ୍ରିୟ

Digitized by PPRACHIN, SOA

ସୁନାର ହରିଣ

ବିଭୂତି ପଟ୍ଟନାୟକ

ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ

ବୁକ୍‌ସ ଆଣ୍ଡ ବୁକ୍‌ସ

Digitized by PPRACHIN, SOA

ସୁନାର ହରଣ

ଲେଖକ :
ବିଭୂତି ପଟ୍ଟନାୟକ
ଗ୍ରା: ଓଡ଼ଙ୍ଗେଶ୍ୱର, ଜଗତସିଂହପୁର, କଟକ

ପ୍ରଥମ ମୁଦ୍ରଣ :
୧୯୮୩

ସ୍ୱତ୍ୱାଧିକାରୀ :
ସୁରପ୍ରଭା ପଟ୍ଟନାୟକ, ଏମ. ଏ.

ପ୍ରକାଶକ :
କୃଷ୍ଣ ଚନ୍ଦ୍ର ବେହେରା
ବୁକ୍ସ ଏଣ୍ଡ ବୁକ୍ସ
ବିନୋଦ ବିହାରୀ, କଟକ-୨

ମୁଦ୍ରାକର :
କଳିଙ୍ଗ ମୁଦ୍ରଣୀ
୭୨ ବି, ଅଖିଲମିସ୍ତ୍ରୀ ଲେନ
କଲିକତା-୯

ମୂଲ୍ୟ : ଆଠଟଙ୍କା
ଶୋଭନ ସଂସ୍କରଣ : ଦଶଟଙ୍କା

Digitized by PPRACHIN, SOA

ଏ ଉପନ୍ୟାସର ନାୟକ ପ୍ରଣବ···ପ୍ରଣବ ରାଉତରାୟ । ପୁରୁଣା ମାପ ଅନୁସାରେ ପାଞ୍ଚ ଫୁଟ ଛଅ ଇଞ୍ଚ ଲମ୍ବ । ନହ ନହକା ଦେହ । ଖୁବ୍ ଗୋରା ନୁହେଁ, ଶ୍ୟାମଳ ବୋଲି ମଧ୍ୟ କହିହେବ ନାହିଁ । ଗହମ ରଙ୍ଗର ଦେହ, ମୁଣ୍ଡଭର୍ତ୍ତି ଝାମ୍ପୁରା ବାଳ । କଲି ଲମ୍ବ ଆସିଛି ଗାଲ ଅଧା ପର୍ଯ୍ୟନ୍ତ । ପ୍ରଜାପତିଆ ନିଶ । ଆଖି ପତା ଉପର ଗହଳ ଭ୍ରୂଲତା ତାର ବ୍ୟକ୍ତିତ୍ୱକୁ କରିଛି ଶାଣିତ, ତୀକ୍ଷ୍ଣ ।

ପ୍ରଣବ ଦୀର୍ଘ ତିନି ବର୍ଷରେ ଗାଁକୁ ଫେରୁଛି । କଲେଜ ପାଠ ଶେଷ ପରେ ଓ. ଏ. ଏସ୍; ଆଇ. ଏ ଏସ୍; ଆଇ. ପି. ଏସ୍; ବ୍ୟାଙ୍କ ପ୍ରୋବେସନ୍ ଅଫିସର ଇନ୍ସୁରାନ୍ସ ଜୁନିଅର ଅଫିସର ପ୍ରଭୃତି ଯାବତୀୟ ପ୍ରତିଯୋଗୀତା ମୂଳକ ପରୀକ୍ଷା ଦେବାରେ ଏଇ ତିନିବର୍ଷ ଖୁବ୍ ବ୍ୟସ୍ତ ଥିଲା । ଚାକିରି ନ ପାଇଲେ ଗ୍ରାମକୁ ଫେରିବ ନାହିଁ, ଏମିତି ଏକ ପ୍ରତିଜ୍ଞା ମଧ୍ୟ ସେ ମନେ ମନେ କରି ବସିଥିଲା । କିନ୍ତୁ ସେ ପ୍ରତିଜ୍ଞା ସେ ରକ୍ଷା କରି ପାରିଲା ନାହିଁ । ରକ୍ଷା କରିବା ସହଜ ମଧ୍ୟ ନୁହେଁ । ଆଜି କାଲି ଏଭଳି ଭଲ ଚାକିରି ତା ଭଳି ସାଧାରଣ ସେକେଣ୍ଡକ୍ଲାସ ଏମ୍. ଏ. ମାନଙ୍କ ପାଇଁ ମାୟାବୀ ସୁନାର ହରିଣ ଭଳି । ଖୁବ୍ ପାଖରେ ପହଞ୍ଚିଲା ବେଳକୁ ସେ କନକ ମୃଗ ଦୂରକୁ ଛୁଟି ପଳାଏ । ଦୌଡ଼ି ଦୌଡ଼ି ପାଦ ଥକିପଡ଼େ । ସୁନା ହରିଣ ଧରା ଦିଏନା ।

ଆଗେ ରାଜକନ୍ୟା ପାଇଁ ସ୍ୱୟଂବର ହେଉଥିଲା । ରାଜ କନ୍ୟାକୁ ପାଇବା ପାଇଁ ଅସାମାନ୍ୟ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡୁଥିଲା । ଆଜି କାଲି ଭଳି

Digitized by PPRACHIN, SOA

ଶ୍ରୀକଣ୍ଠ ସୁନ୍ଦରୀ ରାଜକନ୍ୟା ଭଳି । ସମସ୍ତେ ଶିବଧନୁ ଭାଙ୍ଗି ପାରନ୍ତି ନାହିଁ । ତଳେ ଜଳ କୁଣ୍ଡକୁ ଚାହିଁ ଊର୍ଦ୍ଧ୍ୱରେ ରାଧାଚକ୍ର ଉପରେ ଥିବା କଣଯୁ ମତ୍ସ୍ୟର ଚକ୍ଷୁ ଭେଦ କରି ଜାଣନ୍ତି ନାହିଁ ! ରାଜ କନ୍ୟା ସେମାନଙ୍କ ବେକରେ ବରଣ ମାଳା ଦିଏ ନାହିଁ । ଶ୍ରୀକଣ୍ଠ ମିଳେ ନାହିଁ ।

ପ୍ରଣବ କିନ୍ତୁ ଆଶା ଛାଡ଼ି ନାହିଁ ।

ଆଇ, ଏ, ଏସ୍ କି ଆଇ, ପି, ଏସ୍ ଶ୍ରୀକଣ୍ଠ ନ ହେଲେ ମଧ୍ୟ ବ୍ୟାଙ୍କ ପ୍ରୋବେସନ ଅଫିସର ଶ୍ରୀକଣ୍ଠଟା ତାକୁ ମିଳି ଯାଇପାରେ ! ସେ ପରୀକ୍ଷା ଦେଇଛି । ଫଳ ବାହାରି ନାହିଁ । ଫଳ ବାହାରିଲା ପରେ ସେ ଗ୍ରାମକୁ ଫେରିବ ବୋଲି ମନେ ମନେ ସ୍ଥିର କରି ରଖିଥିଲା । କିନ୍ତୁ ଅଯୁଷ୍ଟ, ଶଯ୍ୟାଶାୟୀ ଜନନୀଙ୍କ ଚିଠି ତାକୁ ଅବେଳରେ ଗ୍ରାମକୁ ଟାଣି ଆଣୁଛି ।

ଆଜି କାଲି ଗ୍ରାମକୁ ଫେରିବା ପାଇଁ ସେ ଖୁବ୍ ଆକର୍ଷଣ ଅନୁଭବ କରେ ନାହିଁ । ସେ ଗୋଟିଏ ଧନୀ, ବଡ଼ ଗୃହସ୍ଥ ପରିବାରର ସନ୍ତାନ । ବାପ ମାଆଙ୍କର ଏକୋଇର ବଳା ବ୍ରାଣିକେଶନ । ଆଗେ ସେ ବାପା ମାଆଙ୍କର ଏକମାତ୍ର ସନ୍ତାନ ଭଳି ଖୁବ୍ ଗର୍ବ ଅନୁଭବ କରୁଥିଲା । ବାପ ମାଆଙ୍କର ସ୍ନେହ ସୋହାଗରୁ ଆଉ କେହି ଭାଗ ବସାଇବାକୁ ନାହାନ୍ତି ବୋଲି ଖୁସି ହେଉଥିଲା । ଆଜିକାଲି ସେଭଳି ଆନନ୍ଦ ସେ ଅନୁଭବ କରି ପାରେ ନାହିଁ । ବାପ ମାଆଙ୍କ ଏକମାତ୍ର ସନ୍ତାନ ହେଲେ ପୁଅ ଠାରୁ ବାପ ମାଆ ଖୁବ୍ ବେଶି ପ୍ରତ୍ୟାଶା କରନ୍ତି । ସେ ପ୍ରତ୍ୟାଶା ପୂରଣ କରି ନ ପାରିବାର ଦୁଃଖରେ ଜୀବନ ଭାରାକ୍ରାନ୍ତ ମନେ ହୁଏ ।

ଅରୁଣାକୁ ବାଦ୍ ଦେଲେ ମଧୁପାଟଣା ଗାଆଁରେ ଅବା ତାକୁ ବାନ୍ଧି ରଖିବା ପାଇଁ ଅଛି କିଏ ? ଅଥଚ ଗତ ଦୁଇ ବର୍ଷ ହେଲା ଅରୁଣା ମଧ୍ୟ ତାକୁ ଆଉ ଚିଠି ଦିଏ ନାହିଁ । ସେ ବଡ଼ ହୋଇଗଲା ପରେ ତାକୁ ହୁଏତ ତାଙ୍କ ଘରେ ଚିଠି ଲେଖିବାକୁ ତାର ବାପା ବୋଧିଏ ମନା କରି ଦେଇଛନ୍ତି । ଚିଠି ଲେଖି ସେ ଉତ୍ତର ପାଇ ନାହିଁ ।

ସମୟର ବ୍ୟବଧାନ ଏବଂ ଯୋଗସୂତ୍ରହୀନତା ସେମାନଙ୍କ ମଧ୍ୟରେ ଏକ ପ୍ରକାର ଦୂରତ୍ୱ ସୃଷ୍ଟି କରିଛି, ଯେଉଁ ଦୂରତ୍ୱକୁ ଅତିକ୍ରମ କରିବା ପାଇଁ ସହର ଠାରୁ ଗ୍ରାମର ଦୂରତା ଅତିକ୍ରମ କରିବା କେବଳ ଯଥେଷ୍ଟ ନୁହେଁ !

Digitized by PPRACHIN, SOA

ତଥାପି ଗ୍ରାମ୍ୟ ଜୀବନର ସେଇ ଖେଳ ସାଥୀ, ବାଳିକା ଫଗିମୀର ସ୍ମୃତି ଭୁଲି ପାରି ନାହିଁ ପ୍ରଣବ । ବୋଡ଼ର ଛୁଟି ପାଇ ଗ୍ରାମକୁ ଆସିବା କଥା ଭାବିଲା ବେଳେ ତାର ପ୍ରଥମେ ମନେ ପଡ଼ୁଥିଲା ଅରୁଣୀର କଥା । ଧମନୀରେ ରକ୍ତ ସ୍ରୋତର ବେଗ କ୍ଷିପ୍ର ହୋଇ ଉଠିଥିଲା । ନିଜ ମସ୍ତିଷ୍କର ସ୍ନାୟୁ କୋଷରେ ଘୁଙ୍ଗୁର ବାଜିବାର ଶବ୍ଦ ସେ ଶୁଣି ପାରୁଥିଲା ।

ମଧୁପାଟଣା ଏକ ଛୋଟ ରେଳ ଷ୍ଟେସନ ।

ସେଠାରେ ଏକ୍ସପ୍ରେସ, ମେଲ୍ ଗାଡ଼ି ଅଟକେ ନାହିଁ । ସେଥିପାଇଁ ତାକୁ ଆସିବାକୁ ହେଲା ଏଇ ମନ୍ଥର—ଗତି ପ୍ୟାସେଞ୍ଜର ଗାଡ଼ିରେ । ଖୋର୍ଦ୍ଧାରୁ ଗାଡ଼ି ଷ୍ଟେସନରେ ପହଞ୍ଚେ । ସେଥିପାଇଁ ଅନେକ ବେଳୁ ପ୍ରଣବର ନିଦ ଭାଙ୍ଗି ଯାଇଛି । ସେ ରେଳଗାଡ଼ିର ଝରକାବାଟେ ଦେଖୁଛି ଷ୍ଟେସନ ଆଉ କେତେ ଦୂର ? ଗାଡ଼ି ସେ ପାଖ ଆସିଲା !

ତାର ମନେ ଅଛି, ପିଲାଦିନେ ବାପାଙ୍କ ହାତଧରି ସେ ଏଇ ରେଳ ଲାଇନ୍କୁ ଆସୁଥିଲା ରେଳ ଗାଡ଼ି ଦେଖିବା ପାଇଁ । ବାପା ତାର ହାତକୁ ଦୃଢ଼ ଭାବରେ ଚାପିଧରି କହୁଥିଲେ—ଏଇ ଯେ ଗାଡ଼ିଟା ଧୂଆଁ ଛାଡ଼ି ଛାଡ଼ି ଚାଲିଗଲା, ସେଇଟା ମେଲ୍ ଗାଡ଼ି । ସେଥିରେ ଲୋକେ ବସିଛନ୍ତି । ଆଗରେ ଯେଉଁଠୁ ଧୂଆଁ ବାହାରୁଛି, ସେଇଟା ଗାଡ଼ିର ଇଞ୍ଜିନ । ଏଇ ଦେଖ୍—ଏଇ ଯେ ଗାଡିଟା ଆସୁଛି, ସେଇଟା ମାଲଗାଡ଼ି । ଏଥିରେ ଲୋକ ଯାଆନ୍ତି ନାହିଁ ମାଲ୍ ଯାଏ ।

ଗୋଟାକ ପରେ ଗୋଟାଏ ରେଳଗାଡ଼ି ହୁଙ୍କାର ଦେଇ, ସିଟିମାରି, ଧୂଆଁ ଛାଡ଼ି ଆଖି ପିଛୁଡ଼ାକେ ଚାଲିଯାଏ ।

ସେଦିନ ମଧୁ ପାଟଣାରେ କୌଣସି ଗାଡ଼ି ଅଟକୁ ନଥିଲା । ଏଠାରେ ଷ୍ଟେସନ ନଥିଲା ।

ପ୍ରଣବ ବାପାଙ୍କୁ ପଚାରୁଥିଲା—ବାପା ! ଆମ ଗାଁ ପାଖରେ ରେଳଗାଡ଼ି ଅଟକି ରହୁନାହିଁ କାହିଁକି ?

ବାପା ତାର କଥା ଶୁଣି ହସି ଦିଅନ୍ତି ।

କହନ୍ତି—ରହିବ, ଆଜି ନହେଲେ କାଲି ରହିବ । ମଧୁ ପାଟଣାରେ ଷ୍ଟେସନ ନ ବସାଇ ମୁଁ ଛାଡ଼ିବ ନାହିଁ ।

Digitized by PPRACHIN, SOA

ସେ ସବୁ ତାର ପିଲା ଦିନର ସ୍ମୃତି । ଷ୍ଟେସନ-ହୀନ ମଧୁପାଟଣା ରେଲ ଲାଇନ୍‌ରେ ଝିକ୍—ଝିକ୍—ଝିକ୍—ଶବ୍ଦ କରି ଅଣ ବିଶ୍ୱାସୀ ହୋଇ ଛୁଟି ଚାଲିଥିବା ଟ୍ରେନ୍‌କୁ ଦେଖି ଅପୂର୍ବ ଦୃଶ୍ୟ ଦେଖୁଥିବା ରୋମାଞ୍ଚକର ଅନୁଭୂତିର ସ୍ମୃତି ।

ତାପରେ ମଧୁପାଟଣାରେ ଷ୍ଟେସନ ହେଲା ।

ତାର ବାପା ଆଖ ପାଖ ପଚିଶ ଛବିଶ ଗାଁର ଲୋକଙ୍କୁ ମେଳକରି ପ୍ରଥମେ ଏଠାରେ ଷ୍ଟେସନ ବସାଇବାକୁ ଦାବୀ କଲେ । ଦରଖାସ୍ତ ଦେଲେ । ଭୋଟବେଳେ ମନ୍ତ୍ରୀ ପ୍ରତିଶ୍ରୁତି ଦେଲେ, ମଧୁପାଟଣାରେ ନିର୍ବାଚନ ପରେ ଷ୍ଟେସନ ହେବ ।

ନିର୍ବାଚନ ଶେଷ ହେଲା । ମନ୍ତ୍ରୀ ମଣ୍ଡଳ ଗଢ଼ା ହେଲା । କିନ୍ତୁ ମଧୁପାଟଣାରେ କୌଣସି ଟ୍ରେନ୍ ଅଟକିଲା ନାହିଁ

ଦିନେ ସହରରେ କଲେଜରେ ପଢ଼ିବା ବେଳେ ଖବର କାଗଜରେ ପ୍ରଣବ ପଢ଼ିଲା, ତା ବାପାଙ୍କ ନେତୃତ୍ୱରେ ଆଖପାଖ ଗାଁର ପାଞ୍ଚଶହ ଲୋକ ରେଲ ଲାଇନ୍ ଉପରେ ବସି ରହିଛନ୍ତି । କୌଣସି ଗାଡ଼ି ଛାଡି ଦେଉ ନାହାନ୍ତି । ପୋଲିସ ଦଳେ ଲୋକଙ୍କୁ ବାନ୍ଧି ନେଲା ପରେ ଆଉ ଦଳେ ଲୋକ ରେଳ ଲାଇନ୍ ଉପରେ ବସି ଧାରଣା ଦେଉଛନ୍ତି । ମଧୁ ପାଟଣାରେ ଷ୍ଟେସନ ନ ହେଲେ ସେମାନେ ଟ୍ରେନ୍ ଛାଡ଼ି ଦେବେନାହିଁ ବୋଲି ଶ୍ଲୋଗାନ ଦେଉଛନ୍ତି ।

ତାର ସାଙ୍ଗମାନେ କହିଲେ—ତୋ ବାପା ଜଣେ ଲିଡର । ଦେଖିବୁ, ସେ ବି ଦିନେ ମନ୍ତ୍ରୀ ହେବେ, ତମ ଗାଁ ପାଖରେ ଷ୍ଟେସନ ହେବ । ଗାଡ଼ି ରହିବ ।

ତାର ବାପା ଦୁଇବାଟି ଜମିର ଚାଷୀ । ତାଙ୍କ ଚେଷ୍ଟାରେ ଦିନେ ସତକୁ ସତ ମଧୁ ପାଟଣାର ନାମ ଦକ୍ଷିଣ ପୂର୍ବ ରେଲୱେ ଟାଇମ୍ ଟେବୁଲରେ ଛପା ହେଲା । କିନ୍ତୁ ସେ ମନ୍ତ୍ରୀ ହେଲେ ନାହିଁ । ଯେଉଁ ଚାଷୀକୁ ସେଇ ଚାଷୀ । ଇଲେକ୍‌ସନ ବେଳେ ତାଙ୍କୁ ଡାକରା ହୁଏ । ସବୁ ଦଳର ନେତାମାନେ ତାଙ୍କୁ ଖାତିର କରନ୍ତି । ନିର୍ବାଚନରେ ଜିତିବା ପାଇଁ ତାଙ୍କର ସାହାଯ୍ୟ କାମନା କରନ୍ତି । କିନ୍ତୁ ନିର୍ବାଚନ ଶେଷ ହୋଇଗଲେ ବାପାଙ୍କ ନାମ ସେମାନେ ଭୁଲି ଯାଆନ୍ତି ।

ଗାଡ଼ିର ଗତି ମନ୍ଥର ହୋଇ ଆସୁଛି ।

ଷ୍ଟେସନ ବୋଧହୁଏ ଆସିଗଲା ।

Digitized by PPRACHIN, SOA

ଷୋଅରର ଫର୍ଚ୍ଚ । ଆଲୁଅ ରେଳ ଲାଇନ ଦୁଇପଟେ ଥିବା ପାଚିଲା ଧାନ କ୍ଷେତ ଉପରେ ବିଛି ହୋଇ ପଡୁଛି ।

ଗାଡ଼ି ଏଠାରେ ଖୁବ୍ ଅଳ୍ପ ସମୟ ରହେ । ଥଣ୍ଡା ପବନ ପିଟି ହେଉଛି ।

ଦେହରେ ସୁଏଟର ଗଳାଇ ଦେଇ, ଏୟାର ବ୍ୟାଗଟା ହାତରେ ଧରି ପ୍ରଣବ ଦ୍ୱାର ମୁହଁ ପାଖକୁ ଆଗେଇ ଗଲା । ଅନେକ ଲୋକ ଦ୍ୱାର ମୁହଁ ପାଖରେ ଓହ୍ଲାଇବା ପାଇଁ ଜନସପନ ଧରି ଭିଡ଼ ଜମାଇଛନ୍ତି । ସେମାନଙ୍କୁ ଦୁଇ ହାତରେ ଠେଲି ପେଲି ପ୍ରଣବ ଆଗକୁ ମାଡ଼ି ଗଲା । ପକେଟରୁ ଗୋଟାଏ ସିଗାରେଟ୍ କାଢ଼ି ସିଗାରେଟ୍‌ରେ ନିଆଁ ଧରାଇଲା ।

କାର୍ତ୍ତିକ ଶେଷ । ଶୀତାର୍ତ୍ତ ସକାଳ ସେଇ ଗ୍ରେଟ ଷ୍ଟେସନକୁ କୁହୁଡ଼ିର ପାତଳ ପରଦାରେ ଘୋଡ଼ାଇ ଦେଇଛି । ନିଦ୍ରାଭିଭୂତ ହୋଇ ପଡ଼ି ରହିଥିଲା ଯ୍ଣୁଧୂପାଟଣା ଷ୍ଟେସନ । ପାସେଞ୍ଜର ଗାଡ଼ିର ତୀବ୍ର ହୁଇସିଲ ଶବ୍ଦରେ ସତେ ଯେମିତ ଏଇମାତ୍ର ନିଦ୍ରାଭଙ୍ଗ ହେଲା ।

ଗାଡ଼ିରୁ ବେଶ୍ କିଛି ଲୋକ ଓହ୍ଲାଇଲେ । କିନ୍ତୁ ଚଢ଼ିବା ଲୋକ ସଂଖ୍ୟା କମ୍ । ଏତେ ସକାଳୁ ଶୀତ ଦିନେ ଦୂର ଗାଁରୁ ଷ୍ଟେସନକୁ ଆସି ଗାଡ଼ି ଧରିବା କଷ୍ଟ । ତଥାପି ସେଇ ଜନ-ବିରଳ ପ୍ଲାଟଫର୍ମରେ କେତେଜଣ ନାଲି ପୋଷାକ ପିନ୍ଧା କୁଲି ଏବଂ ଗୁ' ପାନ, ବିଡ଼ି, ସିଗାରେଟ ବିକାଳୀ ଷ୍ଟେସନର ଏ ମୁଣ୍ଡରୁ ସେ ମୁଣ୍ଡକୁ ଦୌଡ଼ି ବୁଲୁଛନ୍ତି । ପ୍ରୌଢ଼ ଷ୍ଟେସନ ମାଷ୍ଟର ବାବୁ ମଧ୍ୟ ମୁଣ୍ଡରେ ଗୋଟାଏ ରଙ୍ଗିନ୍ ମଫଲାର ଗୁଡ଼ାଇ ନିଦ ମଳ ମଳ ଆଖିରେ ବାହାରିଛନ୍ତି ଷ୍ଟେସନ ପରିକ୍ରମାରେ !

ଗାଡ଼ିରୁ ବେଶ୍ ସ୍ୱଚ୍ଛନ୍ଦିତ ଭଙ୍ଗୀରେ ଅବତରଣ କଲା ପ୍ରଣବ । ଗୋଟିଏ କାନ୍ଧରେ ଝୁଲୁଛି ଏୟାର ବ୍ୟାଗ୍ । ବାମହାତ ଅଙ୍ଗୁଠି ଫାଙ୍କରେ ଜଳି ଯାଉଛି ଅର୍ଦ୍ଧ-ଦଗ୍ଧ ସିଗାରେଟ । ସେ ଖୋଜିଲା ଖୋଜିଲା ଆଖିରେ ଏଣେ ତେଣେ ଚାହୁଁଛି ତାକୁ ନେଇ ଯିବା ପାଇଁ ବାପା କାହାକୁ ଷ୍ଟେସନ ପଠାଇଛନ୍ତି କି ନାହିଁ, ସେ ପ୍ରଶ୍ନର ଉତ୍ତର ଖୋଜି ହେଉଛି ତାର ଦୁଇ ଆଖିର ଦୃଷ୍ଟି ।

ହଠାତ୍ ଷ୍ଟେସନ ମାଷ୍ଟରଙ୍କର ସେ ସାମ୍ନାସାମ୍ନି ହୋଇଗଲା ।

ଷ୍ଟେସନ ମାଷ୍ଟର ବାବୁ ଦୋ' ଦୋ' ଚହ୍ଲା ହୋଇ ପଚାରିଲେ—କିଏ ? ଅଖିଳ ବାବୁଙ୍କ ପୁଅ ନା ?

Digitized by PPRACHIN, SOA

ପ୍ରଣବ ସିଗାରେଟକୁ ହାତ ପାପୁଲିରେ ଆଡ଼୍ଆଳ କରି ଉତ୍ତର ଦେଲା—

: ହଁ ଆଜ୍ଞା ! ମୁଁ ପ୍ରଣବ । ନମସ୍କାର—

ବହୁ ଦିନ ପରେ ଦେଖା । ସେଥିପାଇଁ ଦୋ' ଦୋ ଚିହ୍ନା ହେଉଥିଲି । ଏତେ ଦିନେ ଗାମ କଥା ମନେ ପଡ଼ିଲା ? ଦେଖା ହେଲେ ଅଖିଳ ବାବୁ ତମ କଥା ପ୍ରାୟ କହନ୍ତି । ଷ୍ଟେସନ ମାଷ୍ଟର ବାବୁ ସ୍ୱଗତୋକ୍ତି କଲାଭଳି କହିଲେ ।

: ହଁ—ପ୍ରାୟ ତିନିବର୍ଷ ପରେ ଗ୍ରାମକୁ ଆସୁଛି । ତିନିବର୍ଷଟା କିଛି କମ୍ ନୁହେଁ ? ମତେତ ପୂରା ଗୋଟାଏ ଯୁଗଭଳି ଲାଗୁଛି ।—ପ୍ରଣବ କୈଫିୟତ୍ ଦେଲା ।

ପାସେଞ୍ଜର ଗାଡ଼ି ହେଲେ ବି ଏଇ ଗ୍ରାମ୍ୟ ଷ୍ଟେସନରେ ଅଟକି ରହିବା ପାଇଁ ତାର ବେଶୀ ସମୟ ନାହିଁ । ମାତ୍ର ପାଞ୍ଚ ମିନିଟ ରହଣୀ । ଗାଡ଼ିକୁ ଭଲରେ ଭଲରେ ବିଦାୟ କରିବା ପାଇଁ ଷ୍ଟେସନ ମାଷ୍ଟର ବାବୁ ବ୍ୟସ୍ତ ହୋଇ ପଡ଼ିଲେ ।

ଯିବା ପୂର୍ବରୁ କହିଗଲେ—ଗାଡିଟାକୁ ବିଦା କରିବା ବ୍ୟବସ୍ଥା କରି ମୁଁ ଆସୁଛି । ତମେ ମୋ ଅଫିସ୍ ରୁମ୍‌କୁ ଚାଲ ପ୍ରଣବ ! ଗୋଟାଏ କପ୍ ଚାହା ଖାଇ ଯିବ । ଏ କେଇ ଦିନ ହେଲା ଯାହା ଶୀତ ପଡ଼ୁଛି—

ଷ୍ଟେସନ ମାଷ୍ଟର ଚାଲିଗଲେ ।

ଲାଇନ୍‌ମ୍ୟାନ୍ ସବୁଜ ପତାକା ହଲାଇଲା !

ସିଟି ବଜାଇ ଗାଡ଼ି ମଧ୍ୟ ମିନିଟ କେତୋଟି ମଧ୍ୟରେ ଝିକ୍—ଝିକ୍—ଶବ୍ଦ କଲା ।

ଜନ ଗହଳି ପାତଳା ହୋଇଗଲା । କିଛି ସମୟ ପରେ ପ୍ରାୟ ନିର୍ଜ୍ଜନ । ଗାଡ଼ିର ଆବଦ୍ଧ ଡବା ମଧ୍ୟରେ ଶୀତଟା ଜଣା ପଡ଼ୁନଥିଲା । ଲୋକ ଗହଳରେ ମଧ୍ୟ ନୁହେଁ । କିନ୍ତୁ ନିର୍ଜ୍ଜନ ଖୋଲା ପ୍ଲାଟଫର୍ମରେ ଶୀତର ଶାଣିତ ଦନ୍ତାଘାତରେ ପ୍ରବଣ ଶୀତେଇ ଉଠିଲା ।

ମଧୁପାଟଣାର ଏଇ ପ୍ରଥମ ଶୀତଳ କୋମଳ ସ୍ପର୍ଶ !

Digitized by PPRACHIN, SOA



ଷ୍ଟେସନ ମାଷ୍ଟର ସଦାନନ୍ଦ ବାବୁଙ୍କ ଅଫିସରୁ ଗୁହ୍ଲା ଖାଇ ଉଠିଲା ବେଳକୁ ବେଶ୍ ସକାଳ ହୋଇ ଯାଇଛି । କିନ୍ତୁ ଶୀତ ଦିନର ସକାଳ ମୁହଁ ଘୋଡ଼ାଇ ରଖିଛି କୁହୁଡ଼ିର ରୁମାଲରେ । ଷ୍ଟେସନ ପାଖରୁ ଅନେଇଲେ ତାର ଗାଁ, ଗାଁ ମୁଣ୍ଡ ଡେଙ୍ଗା ତାଳଗଛ ଖୁବ୍ ଅସ୍ପଷ୍ଟ, ଧୂଆଁ ଳିଆ ଦେଖା ଯାଉଛି ।

ସଦାନନ୍ଦ ବାବୁହିଁ ତାକୁ ଖବର ଦେଇଥିଲେ, ତାକୁ ଷ୍ଟେସନରୁ ନେବା ପାଇଁ ଗାଁରୁ ଶଗଡ଼ ବାପା ପଠାଇଛନ୍ତି । ମଧୁ ପାଟଣାକୁ ଏ ପର୍ଯ୍ୟନ୍ତ ରିକ୍ସା ଆସିନାହିଁ । ଷ୍ଟେସନରୁ ଆଖପାଖ ଗ୍ରାମକୁ ଯିବା ପାଇଁ ଏକମାତ୍ର ଯାନ ହେଉଛି ଶଗଡ଼ ନହେଲେ ସାଇକେଲ୍ ।

ପ୍ରଣବ ଚାଲି ଚାଲି ଆଠ ଦଶ ହାତ ଆସିଲା ପରେ ଦେଖି ପାରିଲା, ରାସ୍ତା କଡ଼କୁ ଠିଆ ହୋଇଛି ଗୋଟିଏ ଶଗଡ଼ ଗାଡ଼ି । ବଳଦ ଦୁଇଟି ଶୋଇ ପାକୁଳି ପକାଉଛନ୍ତି । ଶଗଡ଼ ଉପରେ ବରଡ଼ା ପତ୍ରର ଛାଟ । ଛାଟ ଉପରେ ସକାଳ ସୂର୍ଯ୍ୟର ଈଷତ୍ ଲାଲ୍ କିରଣ ବିଞ୍ଚି ହୋଇ ପଡ଼ିଛି । ଏବଂ ଛାଟ ଦେହରେ ଲାଗିଥିବା କାଗଜର ପ୍ରାଚୀର ପତ୍ରରେ ସ୍ପଷ୍ଟ ପଢ଼ା ହେଉଛି "ସରପଞ୍ଚ ପଦ ପାଇଁ ଅଖିଳ ମୋହନ ଦାସଙ୍କୁ ଶଗଡ଼ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରନ୍ତୁ ।"

ପୋଷ୍ଟରର ଲେଖାତକ ପଢ଼ିସାରି ପ୍ରଣବ ମନେ ମନେ ହସିଲା । ତାର ମନେ ପଡ଼ିଲା ତାର ସାଙ୍ଗମାନେ ସେଦିନ କହୁଥିଲେ ବାପା ଜଣେ ଲିଡ଼ର୍ । ଦିନେ ନା ଦିନେ ସେ ମନ୍ତ୍ରୀ ହେବେ, ସରପଞ୍ଚ ପଦ ସେଇ ମନ୍ତ୍ରୀତ୍ୱର ପ୍ରାସାଦକୁ ଉଠିବା ପାଇଁ ସିଡ଼ିର ପ୍ରଥମ ପାହାଚ !

Digitized by PPRACHIN, SOA

ପ୍ରଣବ ବେଣ୍‌ଦେଖି ପାରିଲା ତାଙ୍କର ଶଗଡ଼ିଆ ବଳିଆ ଖଗଡ଼ ସାମ୍ନାରେ ବସି ବସି ଘୁମେଇ ପଡ଼ୁଛି । ହାତରେ ସେମିତ ଧରା ହୋଇଛି ପାଞ୍ଚଣ । ବୋଧହୁଏ ଅନେକ ରାତିରୁ ଚାଲି ଆସିଛି । ଇଚ୍ଛା ନଥିଲେ ମଧ୍ୟ ଆଖିପତା ଆପେ ଆପେ ଯୋଡ଼ି ହୋଇ ଯାଉଛି ।

ସେ ଟିକଏ ଗଲା ଖଙ୍କାରି ଗୋଟାଏ କୁହାଟ ମାରିଲା—ହେ ବଳିଆ !

ବଳିଆର ନିନ ଭାଙ୍ଗିଗଲା ।

ହାତରୁ ଖସି ପଡ଼ିଲା ପାଞ୍ଚଣ । ବାମ ପାଖ କଳରୁ ବୋଧହୁ ଆସିବା ଲାଳତକ ପାକଲା ଗାମୁଛାରେ ପୋଛି ନେଇ ସେ ଧଡ଼ପଡ଼ ଉଠି ପଡ଼ିଲା । ବେକ ନୁଆଁଇ ଜୁହାରଟାଏ ପକାଇ ସେ ପ୍ରଥମେ ତା ହାତରୁ ଏଟ୍ଚାର ବ୍ୟାଗ୍‌ଟି ନେଇ ଶଗଡ଼ ଉପରେ ରଖିଲା । ତାପରେ ହାତରୁ ଖସି ପଡ଼ିଥିବା ପାଞ୍ଚଣଟା ଉଠାଇ ନେଇ ଶୋଇ ପଡ଼ିଥିବା ବଳଦ ଦୁହିଁଙ୍କୁ ଠିଆ କରାଇ ଦେଲା ।

ପ୍ରଣବ ଶଗଡ଼ ଉପରକୁ ଉଠିଲା । କିନ୍ତୁ ତାଟ ଭିତରକୁ ଗଲା ନାହିଁ । ତାଟ ସାମ୍ନାରେ ବଳିଆ ପାଖରେ ବସି ପଚାରିଲା—କେତେବେଳୁ ଆସିଲୁଣି, ଟ୍ରେନ୍ ହୁଇସିଲରେ ମଧ୍ୟ ତୋ ନିଦ ଭାଙ୍ଗି ନାହିଁ !

ବଳିଆ ଖୁବ୍ ଗୋଟାଏ ବଡ଼ ଅପରାଧ କରି ପକାଇଥିବା ଭଳି ମୁହଁ ଭଙ୍ଗୀକରି କହିଲା—କାଲି ରାତି ଅଧଯାଏ ଅଳ୍ପ କିଆରୀକୁ ପାଣି ବୁହାଉ ଥିଲି । ତାପରେ ଘରକୁ ଫେରି ଘଡ଼ିଏ ଶୋଇଛି କି ନାହିଁ ଗୋଳିଆ ବୋଉ ମନେ ପକାଇ ଦେଲା ଶଗଡ଼ ନେଇ ବାହାରିବାକୁ । ମୋର ଏ ରେଳ ଗାଡ଼ିକୁ ବିଶ୍ୱାସ ନାହିଁ । କେତେବେଳେ ପହଞ୍ଚିଯିବ ତାର ବାଗ ବାଇଣ ନାହିଁ । ଯଦି ଗାଡ଼ି ପହଞ୍ଚିବା ଆଗରୁ ମୁଁ ଶଗଡ଼ ନେଇ ପହଞ୍ଚି ନ ପାରିଲି ଆଉ ଆପଣ ଶଗଡ଼ ନଦେଖି ଚାଲି ଚାଲି ଗାଁକୁ ଚାଲିଗଲେ ବଡ଼ ବାବୁ ମୋ ପିଠିରୁ ଚମଡ଼ା ଉତ୍ତାରି ଦେବେ । ତା ଅପେକ୍ଷା ବାକି ରାତିଟା ଏଇ ଇଷ୍ଟସେନରେ କଟାଇ ଦେଲେ ଭଲ—

ତା ମାନେ ମତେ ନେବା ପାଇଁ ଆସି ସାରା ରାତି ତୁ ଏ ଶୀତରେ ଏଠାରେ କଟାଇ ଦେଇଛୁ ?—ବିସ୍ମୟରେ ପ୍ରଣବ ପ୍ରଶ୍ନ କଲା ।

ଡାହାଣ ବଳଦ ପିଠିରେ ଗୋଟାଏ ଶକ୍ତ ପାଞ୍ଚଣ ପାହାର ଦେଇ ବଳିଆ କହିଲା : ଆଜ୍ଞା ! ଆପଣ ଆସିଲା ବେଳକୁ ମୁଁ ଯେ ଶୋଇ ପଡ଼ିଥିଲି ଏକଥା ବଡ଼

Digitized by PPRACHIN, SOA

ବାବୁଙ୍କୁ କହିବେ ନାହିଁ । ନହିଁ ଏମିତ ଅଦାଲତ କଲ ଯେ ରେଲ ଗାଡ଼ି କେତେବେଳେ ଆସି କେତେବେଳେ ଚାଲି ଗଲଣି, ମତେ ଜଣା ନାହିଁ । ହେଲେ ଇଷ୍ଟେସନରେ ପହଞ୍ଚିବା ମାତ୍ରେ ଇଷ୍ଟେସନ ମାଷ୍ଟର ବାବୁଙ୍କ ପାଖରେ ହାଜର ଦେଇଥିଲି, ବାବୁଙ୍କ ଆସିବାର ଅଛି । ମୁଁ ନେବା ପାଇଁ ଶଗଡ଼ ଆଣିଛି । ବାବୁ ଯଦି ପଚାରନ୍ତି କହିଦେବେ । ଆଜ୍ଞା ! ଡାଟ ଭିତରକୁ ଯାଆନ୍ତୁ ।

ଏ କନକନିଆ ମଫସଲ ଶୀତରେ କାନମୁଣ୍ଡ ବରଫ ମୁଣ୍ଡା ହୋଇ ଯାଉଛି । ବଳିଆ ମିଛ କହୁ ନାହିଁ ।

ପାଚିଲା ଧାନ କିଆରି ଉପରେ ଦେଇ ପହଁଚି ଆସୁଥିବା ଶୀତୁଆ ପବନରେ ଦେହ ଶିରଶିରେଇ ଉଠୁଛି । ବରଡ଼ା ଡାଟିର କୋଳ ବେଶ୍ ଉଷ୍ମ, ବେଶ୍ ଆରାମଦାୟକ । ଶକ୍ତପା ମଟର ସ୍କୁଟରରେ ଅଭ୍ୟସ୍ତ ପ୍ରଣବ ଶଗଡ଼ ଡାଟିର ଆବରଣ ଭିତରେ ବସିରହି ଏକ ପ୍ରକାର ସାମନ୍ତବାଦୀ ଉଷ୍ମତା ଅନୁଭବ କରିବାକୁ ଲାଗିଲା । ଶଗଡ଼, ସବାରି, ପାଲିଙ୍କିଡ ଏ ମଫସଲ ଅଞ୍ଚଳର ଆଭିଜାତ୍ୟ !

: ଆଉ ସବୁ ଗାଁ ଖବର କଣ ?

: ଭଲ, ଭଲ, ଆଜ୍ଞା, ଯାଆନ୍ତିଙ୍କ କୃପାରୁ ସବୁ ମଙ୍ଗଳ । ଏଥର ଭୋଟରେ ଯାଆନ୍ତେ ନିଶ୍ଚୟ କିଣି ସରପଞ୍ଚ ହେବେ । ସମାଯୋଟ ପ୍ରଚାର ଲାଗିଲାଣି । ଆପଣତ ଆସି ଗଲେଣି ବାବୁ ! ନିଜେ ଦେଖିବେ, ନିଜେ ଶୁଣିବେ । ବଳିଆ କଥା କହୁ କହୁ ପୁଣି ଥରେ ଡାହାଣପଟ ଖଳିଆ ବଳଦ ପିଠିରେ ପାଞ୍ଚଣ ଚଳାଇ ଦେଲା ।

ପ୍ରଣବ ବୁଝି ପାରିଲା, ବାପା ପଞ୍ଚାୟତ ନିର୍ବାଚନର ଗୋଳିଆ ପାଣିରେ ଅନେକ ଗହାରକୁ ଗୋଡ଼ ବୁଡ଼ାଇ ବସିଛନ୍ତି । କିନ୍ତୁ ନିର୍ବାଚନରେ ବାପା ଜିଣିବେ କି ହାରିବେ ସେକଥା ଜାଣିବାପାଇଁ ତାର କୌଣସି ଆଗ୍ରହ ନାହିଁ ।

ଗାଁକୁ ଆସିଲେ ତାର ଅରୁଣା କଥା ମନେ ପଡ଼େ । ସେ ତାର ସକଳ ଆକର୍ଷଣର କେନ୍ଦ୍ର ବିନ୍ଦୁ । କିନ୍ତୁ ସେ କଥା ଶଗଡ଼ୁଆ ବଳିଆକୁ ସିଧା ସଳଖ ପଚାରିବା ପାଇଁ ଲଜ୍ଜା ଲାଗେ । କଥାଟା ବାଁ ରେଇ ଦେଇ ସେ ପଚାରେ—ଆଚ୍ଛା ଶାନ୍ତନୁ ଦାଦାଙ୍କ ଖବର କଣ ?

ପଛକୁ ମୁହଁ ବୁଲାଇ ବଳିଆ କହେ—ସାଆନ୍ତସାହି ଶାନ୍ତନୁ ବାବୁତ ? ଦୁଇମାସ ହେଲା ତାଙ୍କର ତ କାଳ ହୋଇଗଲା ! ଜାଣିଲେ ବାବୁ ! ଗାଆଁ ରୁ ଭଲ

Digitized by PPRACHIN, SOA

ଲୋକମାନେ ଠୋ…ଫୋଟକା ଗୁଳି ଯାଉଛନ୍ତି । ବଚରା ଶାନ୍ତନୁ ବାବୁ ! ଘରେ ବାଞ୍ଝିଅ ଝିଅ ଓ ନାବାଳକ ପୁଅ…ବଡ଼ କଷ୍ଟରେ ଚଳୁଛନ୍ତି ଆଜ୍ଞା ।

ଶାନ୍ତନୁ ଦାଦାଙ୍କ ପରଲୋକ ହୋଇ ଯାଇଛି ।

ବଳିଆ ମୁହଁରୁ ଖବରଟା ଶୁଣି ପ୍ରଣବର ଗ୍ଲାଣ୍ଠରୁ ଅଜାଗ୍ରେ କଥାଁ ଖସି ପଡ଼ିଲା । ଘରେ ଅର୍ଥ ଉପାର୍ଜନ କଲାଭଳି ତାଙ୍କ ପରିବାରରେ ସେଇ ଜଣିଏ ଲୋକ ଥିଲେ ଶାନ୍ତନୁ ଦାଦା ! ବର୍ତ୍ତମାନ ସେମାନେ ଚଳୁଛନ୍ତି କିପରି ?

ବଳିଆ ଉତ୍ତର ଦେଲା—ଶାନ୍ତନୁ ବାବୁଙ୍କ କାଳ ହେଇଗଲା ପରେ ତାଙ୍କ ଘରେ ଆଉ ଚୁଲି ଜଳୁ ନଥିଲା । ଗାଁ ଲୋକେ କେବଳ ସମବେଦନା ଉଚ୍ଛାକୁ ଓଠ ଚୁଚୁ କଲେ । କିନ୍ତୁ କେହି ଜଣେ ହେଲେ ଆସି ତାଙ୍କୁ ସାହାଯ୍ୟ କଲା ? ଏଇ ଆମ ସାଆନ୍ତେ…ମଣିଷ ଭିତରେ ଦେବତା ଟିଏ । ଶାନ୍ତନୁ ବାବୁଙ୍କ ଝିଅକୁ ଡାକ ଆଣି ଗାଁ ମାଇନର ସ୍କୁଲରେ ମାଷ୍ଟ୍ରାଣୀ କରି ଦେଲେ । ବୁଝିଲେ ବାବୁ ! ଝିଅ ପିଲା ହେଲେ କଅଣ ହେବ ଶାନ୍ତନୁ ବାବୁଙ୍କ ଝିଅ ଅରୁଣା ମାଆର ସାହସ ଅଛି…ବର୍ତ୍ତମାନ ଗାଁ ମାଇନର ସ୍କୁଲରେ ମାଷ୍ଟ୍ରାଣୀ ହୋଇ ସେ ଘର ଚଳାଉଛନ୍ତି ।

ପ୍ରଣବ ଶଗଡ଼ ଭିତରେ ବସି ଅରୁଣାର ସୁଖ ଦୁଃଖର ଦୃଶ୍ୟ ନିଜ କଳ୍ପନାର ଚକ୍ଷୁରେ ଦେଖିବାକୁ ଲାଗିଲା ।

ଶାନ୍ତନୁ ଦାଦାଙ୍କ ମୃତ୍ୟୁ ପରେ ନିଃସହାୟା ଶ୍ରେରୁଦ୍ୟମାନ୍ୟ ଅରୁଣା !

ତାପରେ ଗାଁ ମାଇନର ସ୍କୁଲର ଶିକ୍ଷୟିତ୍ରୀ ଅରୁଣା !

ଜୀବନର ସାମ୍ନାସାମ୍ନି ଠିଆ ହୋଇ ସଂଗ୍ରାମରତା ଅରୁଣା !

ବାଞ୍ଚିବାର ସଂଗ୍ରାମ ଭିତରେ ତାର ଲବଣୀ-ପିତୁଳା ଦେହ ଲୌହ-କଠିନ ରୂପ ଧାରଣ କରିଛି । ସେଥିପାଇଁ ସେ ହୁଏତ ତାକୁ ଆଉ ଚିଠି ଲେଖି ପାରି ନାହିଁ ।

ଅଥଚ ତା ଚିଠିର ଉତ୍ତର ଦେଇ ପାରିନାହିଁ ବୋଲି ଅକାରଣରେ ତା ଉପରେ କେତେ ରାଗ କରିନାହିଁ ପ୍ରଣବ !!

ସକାଳର ଧୂଆଁଳିଆ କୁହୁଡ଼ିକୁ ଭେଦକରି ଶାଣିତ ସୂର୍ଯ୍ୟ କିରଣ ସେଇ ମଫସଲ ଗ୍ରାମକୁ ସୁନାର ରଙ୍ଗରେ ଧୋଇ ଦେଇଛି ।

ପ୍ରଣବ ଦେଖି ପାରୁଛି, ହିଡ଼ ଉପରକୁ ନଇଁ ପଡୁଥିବା ପାଚିଲା ଧାନ ଗଛକୁ ସଳଖି ଦେବା ପାଇଁ କେତେଜଣ କୃଷୀ କାକର ଭିଜା ଧାନ କ୍ଷେତ ଭିତରେ ପଶି

Digitized by PPRACHIN, SOA

ବାଉଁଶ ବାଡ଼ରେ ଗୁପା ଦେଉଛନ୍ତି । ସଦ୍ୟ ପାଚିଲା ସରୁଚିନା ଧାନର ବାସ୍ନାରେ ପଥ ମହକି ଉଠୁଛି ।

ସହରର ଧୂଳି ଧୂଆଁରେ ଏ ବାସ୍ନା ବାରି ହୁଏ ନାହିଁ । କିନ୍ତୁ ଗାଁକୁ ଫେରିଲେ ପ୍ରଣବର ମନକୁ ଚୁମ୍ବକ ଭଳି ଟାଣି ଆଣେ ଏଇ ଓଡ଼ାମାଟିର ସୁଗନ୍ଧ !

ବାପା ଥରେ କହୁଥିଲେ—ତୁ କଲେଜରେ ପାଠ ପଢ଼ି ଶିକ୍ଷିତ ହେବୁ, ମୁଠା ମୁଠା ଟଙ୍କା ଖର୍ଚ୍ଚ କରି ମୁଁ ତତେ ପାଠ ପଢ଼ାଉଛି । କିନ୍ତୁ ଗାଁର ଏ ଗୃହବାସ ଛାଡ଼ି ସହରରେ ଚାକିରି କରିବୁ, ଏକଥା ମୁଁ ଚାହେଁନା । ମୋ ଦେହର ରକ୍ତ ଝାଳ ଲହୁ ଦେଇ ମୁଁ ଏ ଦୁଇବାଟି ଜମି କିଣିଛି । ପୋଖରୀରେ ମାଛ । ଗୁହାଳରେ ଦୁଧିଆଳୀ ଗାଈ । କ୍ଷେତରେ ସୁନାର ଫସଲ । ତୋର ଅଭାବ କ'ଣ ? କେଉଁ ଦୁଃଖରେ ତୁ ସହରରେ ରହି ଚାକିରି କରିବୁ ? ଯଦି ଏଇ ଗୃହବାସ ଭଲ କରି ବୁଝୁ, ତୋ ପେଟ ଅପୋଷା ରହିବ ନାହିଁ ।

ପ୍ରଣବ ଜାଣେ ସେ ବାପ ମାଆଙ୍କର ଗୋଟିଏ ବୋଲି ପୁଅ । ସହରରେ ଚାକିରି କଲେ ସେ ଚିରଦିନ ବାପା ବୋଉଙ୍କ ଠାରୁ ଦୂରରେ ରହିବ । ବାପ ଅଜା ଅମଳର ଭିଟାମାଟି ଛାଡ଼ି ସେ ଦୁହେଁ କେବେ ତା ପାଖରେ ସହରରେ ରହିବେ ନାହିଁ । ସେଥିପାଇଁ ବାପା ଚାହାନ୍ତି ପାଠପଢ଼ି ସାରି ସେ ଗାଆଁରେ ଆସି ଗୃହବାସ ବୁଝିବ । ଜମିର ଧାନ ମୁଗ, ଗୁହାଳର ଗାଈ ଦୁଧ, ପୋଖରୀର ପୋଷା ମାଛ ଖାଇ ସୁଖରେ ରହିବ ।

କିନ୍ତୁ ଏଇ ଗ୍ରାମ୍ୟ ସୁଖ ପାଇଁ ସେ କଅଣ ପାଠ ପଢ଼ି ନିଜ ମନକୁ ନିଜ ରୁଚିକୁ ଏତେ ଦିନ ଧରି ଶାଣ ଦେଇ ଶାଣିତ କରିଛି ।

ପ୍ରଣବ ମନେ ମନେ ହସେ ।

ସେ ଜାଣେ ସେ କୌଣସି ଦିନ ଏ ଗାଁ ମାଟିର ପାଣି କାଦୁଅରେ ଗୋଡ଼ ବୁଡ଼ାଇ ବସି ରହି ପାରିବ ନାହିଁ । ଅରୁଣାକୁ ଧରି ସେ ଦିନେ ଅନ୍ୟ ଏକ ସହରକୁ ଫୁର୍ କିନା ଉଡ଼ିଯିବ, ଦୂର ଆକାଶର ପକ୍ଷୀଟିଏ ଭଳି !

Digitized by PPRACHIN, SOA



ପ୍ରତି ଗ୍ରାମରେ ଯେପରି କେତୋଟି ପୋଖରୀ, ଗୋଟିଏ ମହାଦେବ ମନ୍ଦିର କିମ୍ବା ତୋଟା, ବଗିଚା ଥାଏ, ସେମିତି ପ୍ରତି ଗ୍ରାମରେ ମଧ୍ୟ ଥାଆନ୍ତି ଜଣେ ଦୁଇଜଣ ଟାଉଟର ଲୋକ, ଅଥବା ଶୋଷକ ଜମିଦାର, ମହାଜନ । ମଧୁପାଟଣା ଗାଁରେ ବଡ଼, ବଡ଼ ପୋଖରୀ ଅଛି, ଗୋଟିଏ ମହାଦେବ ମନ୍ଦିର ଆଉ ଚତୁର୍ଦ୍ଦଶ ଶତାବ୍ଦୀର ଗୋଟିଏ ଗଣେଶ ମୂର୍ତ୍ତି ଥିବା ପ୍ରାଚୀନ ମନ୍ଦିର ରହିଛି । ଅନେକ ତୋଟା ବଗିଚା, ବାଉଁଶ ବଣ ମଧ୍ୟ ଅଛି । କିନ୍ତୁ ଏ ଗ୍ରାମରେ କେହି ଟାଉଟର ନାହାନ୍ତି । ଜମିଦାର କେହି କେବେ ନଥିଲେ, ମହାଜନ କହିଲେ ଯାହା ବୁଝାଯାଏ, ସେମିତି ଶୋଷକ ହୃଦୟହୀନ ଶ୍ରେଣୀ ମଧ୍ୟ କେହି ନାହାନ୍ତି । ଯାହା ଅଛନ୍ତି, ସେମାନେ ହେଲେ ଦୁଇ ତିନିଜଣ ବଡ଼ କୃଷୀ । ସେଇମାନଙ୍କ ମଧ୍ୟରୁ ପ୍ରଣବର ବାପା ଅଖିଳ ବାବୁ ଜଣେ ।

ଅଖିଳ ବାବୁଙ୍କ ପରିବାର ଛୋଟ । ରୁଗ୍ଣା ସ୍ତ୍ରୀ ସେ ଆଉ ତାଙ୍କର ଏକମାତ୍ର ପୁଅ ପ୍ରଣବ । ଖର୍ଚ୍ଚ କମ୍ । ଚାଷ ଜମିରୁ ଆୟ ବେଶୀ । ଦୁଇବାଟି ଅତୁଳ ଦୋଫସଲ ନାଳ କୂଳିଆ ଜମି । ଆଜି କାଲି ଓଡ଼ିଶା ସରକାରଙ୍କ କୃଷି ବିଭାଗର ପ୍ରଚାର ଯୋଗୁ ରାସାୟନିକ ସାର ବ୍ୟବହାର କରି ସେ ଜମିର ଫସଲ ତିନିଗୁଣା କରି ଦେଇଛନ୍ତି । ପୁଅର କଟକରେ ପଢାଖର୍ଚ୍ଚ ପାଇଁ ବର୍ଷକୁ ଛଅ ହଜାର ଟଙ୍କା ପଠାଇଲା ପରେ ମଧ୍ୟ ଧାନ ମୁଗ, ବିରି, ବଡ଼ି ଟଙ୍କାରୁ ବେଶ କିଛି ଟଙ୍କା ହାତରେ ଗଚ୍ଛିତ ରହେ ।

ସୃଷ୍ଟିର ଏକ ବିଚିତ୍ର ନିୟମ । ଯାହାର ଧନ ନାହିଁ, ତାର କିଛି ନାହିଁ । ଇଚ୍ଛା କଲେ ମଧ୍ୟ ସେ ଖୁବ୍ ବେଶୀ କିଛି ଧନ ଅର୍ଜ୍ଜନ କରିପାରେ ନାହିଁ । ଯାହାର

Digitized by PPRACHIN, SOA

ଧନ ଅଛୁ, ତାର ଆୟ ଆପେ ଆପେ ବଢ଼ିଯାଏ । କେଉଁଠୁ ନା କେଉଁଠୁ ଆସି ପାଞ୍ଚ ଟଙ୍କା ସାଙ୍ଗରେ ଆଉ ପାଞ୍ଚଟଙ୍କା ମିଶି ଦଶଟଙ୍କା ହୋଇଯାଏ ।

ଅଖିଳ ବାବୁଙ୍କ କୃଷି ଜମିରୁ ଯେଉଁ ଉଦ୍‌ବୃତ୍ତ ଟଙ୍କା ରହେ, ସେ ଟଙ୍କା ଲଗାଇ ସେ ଦୁଇଟା ବଡ଼ ପୋଖରୀ ଖୋଳାଇଛନ୍ତି । ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗ ସେ ପୋଖରୀରେ ଅନେକ ପକ୍ଷୀ ମାଛର ଜାଆଁଳ ଛାଡ଼ିଛନ୍ତି । ନୂଆ ପୋଖରୀ; ଦଳ, ପଙ୍କ ନାହିଁ । ମାଛ ଗୁଡ଼ାକ ବେଶ୍ ଭଲ ଭାବରେ ବଢ଼ୁଛନ୍ତି । ପ୍ରଥମ ବର୍ଷ ପାଞ୍ଚ ହଜାର ଟଙ୍କାର ମାଛ ବିକ୍ରୀ ହୋଇଥିଲା । ସେ ଟଙ୍କା ଅଖିଳବାବୁ ଘରକୁ ନେଇ ନାହାନ୍ତି । ଗାଁଆରେ ଗୋଟିଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିଲା । ପାଞ୍ଚ ହଜାର ଟଙ୍କା ଚାନ୍ଦା ଦେଇ ଅଖିଳ ବାବୁ ସ୍କୁଲଟିକୁ ମାଇନର ସ୍କୁଲ କରି ଦେଇଛନ୍ତି । ନିଜେ ସେ ସ୍କୁଲର ସେକ୍ରେଟେରୀ !

ଜୀବନରେ ଏଇ ପ୍ରଥମ ସର୍ବସାଧାରଣଙ୍କ ଉପକାର ପାଇଁ ସେ ପାଞ୍ଚ ହଜାର ଟଙ୍କା ଦାନ କରି ଦେଇଥିଲେ । ଏଥିପାଇଁ କେହି ତାଙ୍କୁ ଯୋର ଜବରଦସ୍ତି କରି ନାହିଁ । କଥଟା ଶୁଣି ତାଙ୍କ ରୁଗ୍‌ଣ ପତ୍ନୀ ଖୁବ୍ ଆନନ୍ଦିତ ହୋଇଥିଲେ ।

କହିଥିଲେ—ଦେଖିବ ରୁହ ! ମୋ ଦେହ ଏଥର ଭଲ ହୋଇଯିବ ।

କିନ୍ତୁ ପତ୍ନୀଙ୍କ ସ୍ୱାସ୍ଥ୍ୟରେ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ । ନହେବାର କଥା ଔଷଧ ଦେଲେ ଖାଇବେ ନାହିଁ । ବାରଣ କଲେ ମଧ୍ୟ ଉପାସ ବ୍ରତ ଛାଡ଼ିବେ ନାହିଁ । ଏଥିରେ ଦେହ ଭଲ ହେବ କେମିତି ?

ଆଜି କାଲି ସ୍ତ୍ରୀର ଅସୁସ୍ଥତା ପାଇଁ ଅଖିଳ ବାବୁ ବେଶୀ ଦୁଶ୍ଚିନ୍ତା କରନ୍ତି ନାହିଁ । ତାଙ୍କ ଶୋଇବା ଘର ଗୋଟାଏ ଛୋଟ ଡାକ୍ତରଖାନା ହୋଇଗଲାଣି । ପଶୁନେଲେ ଘରଟା ଡେଟାଲ୍ ବାସ୍ନାରେ ପୂର୍ଣ୍ଣ ରହିଥାଏ । ଛୋଟ ବଡ଼ ଔଷଧ ଶିଶିରେ ଟେବୁଲ୍ ଭର୍ତ୍ତି ହୋଇ ରହେ ।

ଅଖିଳ ବାବୁ ନିଜକୁ ଅମୃ-ବିସ୍ମୃତ କରି ରଖିବା ପାଇଁ ବାହାର କାର୍ଯ୍ୟରେ ବ୍ୟସ୍ତ ରହନ୍ତି । ମାଇନର ସ୍କୁଲର ଘର ତିଆରି, ମାଛଚାଷ, ଟାଇଚୁନ୍ ଧାନ ଏବଂ ଶେଷରେ ସରପଞ୍ଚ ନିର୍ବାଚନରେ ତାଙ୍କୁ ଆଉ ଘରେ ଅଧିକ ସମୟ ରହିବାକୁ ବେଳ ମିଳେ ନାହିଁ ।

ପ୍ରକୃତରେ ସରପଞ୍ଚ ନିର୍ବାଚନରେ ଠିଆ ହେବା ପାଇଁ ତାଙ୍କର ଖୁବ୍ ଆଗ୍ରହ

Digitized by PPRACHIN, SOA

ନଥିଲା । ସ୍ଥାନୀୟ ଏମ୍. ଏଲ୍. ଏ. ନୀଳାମ୍ବର ବାବୁ ତାଙ୍କୁ ଏଥିରେ ଯୋର କରି ଭର୍ତ୍ତି କରିଦେଲେ ।

କହିଲେ—ବୁଝିଲ ଅଖିଳ ବାବୁ ଆଜକାଲି ସବୁ କଥାରେ ପଲିଟିକ୍ସ । ଧାନ ଫସଲ କରିବା ସାର କିଣିବା ଠାରୁ ଆରମ୍ଭ କରି ସ୍କୁଲ୍ ଘର ତିଆରି ପାଇଁ ସିମେଣ୍ଟ ପର୍ଯ୍ୟନ୍ତ—କିଛି ବିନା ରାଜନୈତିକ ଚାପ ପ୍ରୟୋଗ ନ କଲେ ଆଜକାଲି ମିଳେ ନାହିଁ । ଆମ ଚଉଖୁମ୍ବା ରାଷ୍ଟ୍ର ବ୍ୟବସ୍ଥାର ପ୍ରଥମ ଖୁମ୍ବ ହେଲା ସରପଞ୍ଚ ପଦ, ଦ୍ୱିତୀୟ ଖୁମ୍ବ ଜିଲ୍ଲା ପରିଷଦ,, ତୃତୀୟ ଖୁମ୍ବ ବିଧାନସଭା ସଭ୍ୟପଦ, ଚତୁର୍ଥ ଖୁମ୍ବ ଲୋକସଭା ସଭ୍ୟ । ଏ ଚଉଖୁମ୍ବା ରାଷ୍ଟ୍ର ବ୍ୟବସ୍ଥାର ପ୍ରଥମ ଖୁଣ୍ଟି ହେଲା ସରପଞ୍ଚ । ଆପଣଙ୍କୁ ଯେପରି ଭାବରେ ହେଉ ସରପଞ୍ଚ ନିର୍ବାଚନରେ ଜିଣିବାକୁ ହିଁ ହେବ । ନହେଲେ ଆପଣଙ୍କ ଗାଁର ରାସାୟନିକ ସାର ଦୋକାନୀ ରମାପତି ବାବୁ ଜିଣିଯିବେ ।

ମଧୁପାଟଣା ଗାଁଅର ରମାପତି ବାବୁ ସରପଞ୍ଚ ହେବାକୁ ଅଣ୍ଟା ଭିଡ଼ି ବାହାରିଛନ୍ତି ଜାଣି ଅଖିଳବାବୁ ଖୁବ୍ ଉତ୍ତେଜିତ ହୋଇ ପଡ଼ିଲେ ।

ଠିକ୍ ଏଇ ଲୋକଟିକୁ ସେ ଗାଆଁରେ ସହ୍ୟ କରି ପାରନ୍ତି ନାହିଁ ।

ରାସାୟନିକ ସାର ବିକ୍ରୀ କରି ହାତକୁ କିଛି କଞ୍ଚା ପଇସା ଆସୁଛି ବୋଲି ସେ ଚନ୍ଦ୍ର ସୂର୍ଯ୍ୟ ମାନୁନାହିଁ । ସାଆନ୍ତ ସାହିର ଶାନ୍ତନୁବାବୁଙ୍କ ପାଞ୍ଚଗୁଣ୍ଠିଆ ବଗିଚା ଖଣ୍ଡିକୁ ହସ୍ତଗତ କରିବା ପାଇଁ ଗତ କିଛି ଦିନହେଲା ସେ ଦୁହିଙ୍କ ଭିତରେ ଛକା ପଂଝା ଲାଗି ରହିଛି । ଅଖିଳ ବାବୁଙ୍କ ଇଚ୍ଛା ବଗିଚା ଜମି ଖଣ୍ଡିକ ସେ କିଣିଲେ ସେଠାରେ ସେ ଗୋଟାଏ ଚାଉଳ କଳ ଆଉ ଅଟାକଳ ବସାଇବେ । ଆଜକାଲି ଢିଙ୍କିରେ ଧାନକୁଟି ଚାଉଳ କରିବା କାଠିକର ପାଠ । ଧାନ ଅପେକ୍ଷା ଚାଉଳ ବିକ୍ରୀରେ ଅନେକ ଲାଭ । ଚାଉଳ କଳ ବସାଇବା ପାଇଁ ଗାଁଆ ଭିତରେ ସେଭଳି ଭଲ୍ ଯାଗା ଆଉ ନାହିଁ । ଶାନ୍ତନୁ ବାବୁର ସେ ପାଞ୍ଚ ଗୁଣ୍ଠିଆ ବଗିଚାଟା ଏଥିପାଇଁ ଉପଯୁକ୍ତ ଜାଗା ।

ରମାପତି ବାବୁ ମଧ୍ୟ ସେଇ ଜମିଟାକୁ ଚକେଇ ରହିଛନ୍ତି । ତାଙ୍କର ଇଚ୍ଛା ସେଇ ପାଞ୍ଚ ଗୁଣ୍ଠିଆ ଜାଗାଟା ମିଳିଗଲେ ସେଠାରେ ସେ ଗୋଟିଏ ଦୋକାନ ଘର ତିଆରି କରିବେ ।

ସେଇ ଶାନ୍ତନୁବାବୁ ପାଞ୍ଚଗୁଣ୍ଠିଆ ବଗିଚାକୁ କେନ୍ଦ୍ରକରି ଅଖିଳ ବାବୁ ଆଉ

Digitized by PPRACHIN, SOA

ରମାପତି ବାବୁଙ୍କ ମଧ୍ୟରେ ଏଇ କେତେଦିନ ହେଲା ଏକ ଶୀତଳ ଯୁଦ୍ଧ ଲାଗି ରହିଛି ।

ରମାପତି ବାବୁ ସରପଞ୍ଚ ହେବାକୁ ଚାହୁଁଛନ୍ତି ବୋଲି ନୀଳାମ୍ବର ବାବୁଙ୍କ ମୁହଁରୁ ଶୁଣିବା ମାତ୍ରେ ଅଖିଳ ବାବୁ ଚମକି ପଡ଼ିଲେ । ତାଙ୍କର ଧାରଣା ହେଲା, ସରପଞ୍ଚ ହେଲା ପରେ ରମାପତି ବାବୁଙ୍କ ପ୍ରତିପତ୍ତି ଏ ଅଞ୍ଚଳରେ ବଢ଼ିଯିବ । ଚିନି, କିରାସିନି ଠାରୁ ଆରମ୍ଭ କରି ସିମେଣ୍ଟ, ସାର ପର୍ଯ୍ୟନ୍ତ ସବୁ କଣ୍ଟ୍ରୋଲ୍ ଜିନିଷ ବିତରଣରେ ସେ ପ୍ରଧାନ ନାୟକ ହୋଇ ଯିବେ । ଶାନ୍ତନୁ ବାବୁଙ୍କ ପାଞ୍ଚ ଗୁଣ୍ଠିଆ ବଗିଚାଟା ରମାପତି ବାବୁ ହାତକୁ ଚାଲି ଯିବା ପାଇଁ ବେଶୀ ସମୟ ଲାଗିବ ନାହିଁ ।

ସେଥିପାଇଁ ଆଉ କିଛି ଆଗପଛ ନ ବିଚାରି ସେ ସରପଞ୍ଚ ପଦ ପାଇଁ ପ୍ରାର୍ଥୀ ହେବାକୁ ସାଙ୍ଗେ ସାଙ୍ଗେ ରାଜି ହୋଇଗଲେ ।

ଶାନ୍ତନୁ ବାବୁଙ୍କ କାଳ ହୋଇଗଲା ପରେ ତାଙ୍କ ଝିଅ ଅରୁଣାକୁ ମଧ୍ୟ ନିଜେ ଡାକିଆଣି ଗାଁ ମାଇନର ସ୍କୁଲରେ ଶିକ୍ଷୟିତ୍ରୀ ଚାକିରି ଦେଇଛନ୍ତି ।

ପାଞ୍ଚ ଗୁଣ୍ଠିଆ ବଗିଚାକୁ ହସ୍ତଗତ କରିବାର ପ୍ରତିଯୋଗିତାରେ ରମାପତି ବାବୁ ଅନେକ ପଛରେ ପଡ଼ିଛନ୍ତି ।

କିନ୍ତୁ ରମାପତି ବାବୁଙ୍କ ସହିତ ତାଙ୍କର ଶୀତଳ ଯୁଦ୍ଧ ଶେଷ ହୋଇନାହିଁ ।

ଭିତରେ ସେ ଖବର ରଖିଛନ୍ତି, ତାଙ୍କର ପ୍ରତିଦ୍ୱନ୍ଦୀ ପ୍ରାର୍ଥୀକୁ ରମାପତି ବାବୁ ସାହାଯ୍ୟ କରୁଛନ୍ତି । ଶାନ୍ତନୁବାବୁଙ୍କ ପାଞ୍ଚ ଗୁଣ୍ଠିଆ ବଗିଚାକୁ କର-ତଳଗତ କରିବା ପାଇଁ ତାଙ୍କ ଘରକୁ ପାନ, ବାଇଗଣ ଭେଟି ପଠାଉଛନ୍ତି ।

ଅଖିଳ ବାବୁ ସହଜରେ ହାରିଯିବା ପାତ୍ର ନୁହନ୍ତି ।

ସେ ମନେ ମନେ ସ୍ଥିର କରି ରଖିଛନ୍ତି, ସରପଞ୍ଚ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ସେ ସମସ୍ତଙ୍କୁ ହସି ହସି କଥା କହିବେ । ଯୋଡ଼ହସ୍ତରେ ସାକ୍ଷାତ କରିବେ । ନୀଳାମ୍ବର ବାବୁ ଉପଦେଶ ଦେଇ ଯାଇଛନ୍ତି ମୁହଁରୁ ହସ ଲିଭିଗଲେ, ଯୋଡ଼ହସ୍ତ ଶିଥିଳ ହୋଇ ଗଲେ ସରପଞ୍ଚ ନିର୍ବାଚନରେ ଜିଣିବା କଷ୍ଟ । ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ମନ ଭିତରେ ଯେତେ ଦୁଃଖ, ରାଗ, ରୋଷଥିଲେ ମଧ୍ୟ ହସକୁ ଧରି ରଖିବାକୁ ପଡ଼ିବ, ଦୁଇ ହାତକୁ ଯୁକ୍ତ କରି ଛାତି ପାଖରେ ଲଗାଇ ରଖିବାକୁ ହେବ । ନିର୍ବାଚନ ପୂର୍ବରୁ ଆପଣ ଯେତେ ଲୋକଙ୍କ ପାଖରେ ହାତ ଯୋଡ଼ିଥିବେ, ନିର୍ବାଚନରେ

Digitized by PPRACHIN, SOA

ଜଣି ସାରିଲା ପରେ ତାର ଦଶଗୁଣ ଲୋକ ଆପଣଙ୍କ ପାଖରେ ହାତ ଯୋଡ଼ି ସକାଳୁ ରାତିଯାଏ ଠିଆ ହେବେ !

ନୀଳାମ୍ବର ବାବୁ ପୋଖତ ରାଜନୀତଜ୍ଞ ।

ତାଙ୍କ କଥାକୁ ଅଖିଲ ବାବୁ ତଳେ ପକାଇ ଦେଇ ନାହାନ୍ତି ।

ଏଥିମଧ୍ୟରେ ଦୁଇଥର ସେ ରମାପତି ବାବୁଙ୍କୁ ମଧ୍ୟ ଭେଟି ନିର୍ବାଚନରେ ତାଙ୍କର ସାହାଯ୍ୟ କାମନା କରି ଆସିଛନ୍ତି । ରମାପତି ବାବୁ ଅସାଧାରଣ ଧୂର୍ତ୍ତ । ପେଟରେ ଗରଳ ଭର୍ତ୍ତି ହୋଇ ରହିଥିଲେ ମଧ୍ୟ ମୁହଁରେ ହସି ହସି ତାଙ୍କୁ ନିଶ୍ଚୟ ସାହାଯ୍ୟ କରିବେ ବୋଲି ଠାକୁରାଣୀଙ୍କ ମନ୍ଦାର ଫୁଲ ଛୁଇଁ ଶପଥ କରିଛନ୍ତି ।

ଏହାକୁହିଁ କୁହାଯାଏ ପଲିଟିକ୍ସ !

ଅଖିଲ ବାବୁ ମନେ ମନେ ହସନ୍ତି ।

ସେ ଜାଣନ୍ତି, ଠାକୁରାଣୀଙ୍କ ଧଣ୍ଡା ଛୁଇଁ ରମାପତି ତାଙ୍କୁ ସାହାଯ୍ୟ କରିବା ପାଇଁ ଯେତେ ଶପଥ କଲେବି ଠିକ୍ ସମୟରେ ତାଙ୍କ ତଣ୍ଟିରେ ଛୁରୀ ଭୂସିଦେବା ପାଇଁ ସେ ପଛାଇବେ ନାହିଁ । ଆଜି କାଲି ଠାକୁର ଠାକୁରାଣୀଙ୍କୁ କେହି ପ୍ରକୃତରେ ଭକ୍ତି କରେ ନାହିଁ । ସବୁ ଭକ୍ତି ଆଜିକାଲି ଠୁଳ ହୋଇଛି ଶାସନ କ୍ଷମତା ପାଖରେ । ସବୁ ଭକ୍ତ ଭିଡ଼ କରୁଛନ୍ତି ଶାସନ କଳ ପାଖରେ । ସେଇ ବିକେନ୍ଦ୍ରିତ ଶାସନ କ୍ଷମତାର ପ୍ରଥମ ଖୁମ୍ବ ହେଉଛି ସରପଞ୍ଚ ପଦ !

Digitized by PPRACHIN, SOA

ଅଜୟ ପ୍ରଥମେ ଖବର ଦେଲା ।

: ବୋଉ ! ଏଇ ଦେଖ-ପ୍ରଣବ ଭାଇ ।

ସ୍ନେହମୟୀ ପଲଙ୍କରେ ବସି ସାରୁ ଗୁଣ୍ଡୁଥିଲେ । ସାନ ପୁଅର କଥା ଶୁଣି ସେ ପଛକୁ ଫେରି ଚାହିଁଲେ । ଦ୍ୱାର ମୁହଁ ପାଖରେ ଅଖିଳ ବାବୁଙ୍କ ପୁଅ ପ୍ରଣବ । ସେ ମୁଣ୍ଡର ଓଢ଼ଣାକୁ ଲମ୍ବ କରିଦେଇ ଉଠି ଠିଆ ହେଲେ । ଖୁବ୍ ନମ୍ର ସ୍ୱରରେ କହିଲେ : ଦାଣ୍ଡଟାରେ ଠିଆ ହୋଇ ରହିଲ କାହିଁକି ପୁଅ ! ଭିତରକୁ ଆସ ।

ଶେଷ ଆଡ଼କୁ କଣ୍ଠସ୍ୱର ତାଙ୍କର ବନ୍ଦ ବନ୍ଦ ଲୁହରେ ଛଳ ଛଳ ହୋଇ ଆସିଲା । ବହୁ ଚେଷ୍ଟା କରି ମଧ୍ୟ ଅକାଳ-ବୈଧବ୍ୟର ସଦ୍ୟ ଯନ୍ତ୍ରଣାକୁ ସେ ରୁଦ୍ଧ କରି ପାରିଲେ ନାହିଁ । ଶାଢ଼ୀ କାନିରେ ଓଦା ଆଖିକୁ ପୋଛି ନେଲେ ।

ଘର ଭିତରୁ ଗୋଟାଏ ହାତଭଙ୍ଗା ଚେୟାର ଆଣି ଅଜୟ ଦ୍ୱାର ମଝିରେ ପକାଇ ଦେଇ ପ୍ରଣବକୁ ଆମନ୍ତ୍ରଣ କଲା-ପ୍ରଣବ ଭାଇ ! ଏଠାରେ ବସନ୍ତୁ—

ପ୍ରଣବ ଭିତରକୁ ଗଲା, କିନ୍ତୁ ଚେୟାରରେ ନ ବସି ସ୍ନେହମୟୀଙ୍କ ପାଦତଳେ ମୁଣ୍ଡିଆ ମାରି ଖାଲି ପିଣ୍ଡା ଉପରେ ବସି ପଡ଼ିଲା ।

ଘରଟା ଖାଲି ଖାଲି ଲାଗୁଛି । ଶାନ୍ତନୁ ଦାଦା ଥିଲେ ଜଣେ ଖୁସି ମିଜାଜର ଲୋକ । ତାବଲା ଆଉ ମୃଦଙ୍ଗ ବଜାଇବାରେ ଏ ଆଖ ପାଖ ପଚିଶ ଖଣ୍ଡ ଗାଆଁରେ କେହି ସମକକ୍ଷ ନଥିଲେ । ପ୍ରଣବରେ ମନେଅଛି, ଗାଁଆରେ ଅଷ୍ଟପ୍ରହରୀ ହେଲେ ରାତି ଅନିଦ୍ରା ହୋଇ ଘଣ୍ଟା ଘଣ୍ଟା ଧରି କ୍ରମାଗତ ଭାବରେ ମୃଦଙ୍ଗ ପିଟି ସଂକୀର୍ତ୍ତନରେ ସେ ମାତି ଯାଆନ୍ତି । ଗିନି ବଜାଉଥିବା କୀର୍ତ୍ତନିଆମାନେ କ୍ଳାନ୍ତ

Digitized by PPRACHIN, SOA

ହୋଇ ମଝିରେ ହାତ ବଦଳ କରନ୍ତି, କିନ୍ତୁ ଶାନ୍ତନୁ ଦାଦା ମୃଦଙ୍ଗ ବଜାଇବାରେ ଅକ୍ଲାନ୍ତ ।

ଆଖ ପାଖ ଯେ କୌଣସି ଗାଁଆରେ ଯାତ୍ରା, ଥିଏଟର ହେଲେ ମଧ୍ୟ ଶାନ୍ତନୁ ଦାଦାଙ୍କୁ ଡାକରା ଆସେ ତାବଲା ବଜାଇବାପାଇଁ । ଘରେ ଯେତେ ଅସୁବିଧା ଥିଲେ ବି ସେ ସବୁକୁ ଖାତର ନକରି ସେ ଛୁଟି ଯାଆନ୍ତି । କାହାରିକୁ ନାହିଁ କରନ୍ତି ନାହିଁ । ସେ ଥିଲେ ମୃଦଙ୍ଗ ଆଉ ତାବଲାର ଶିଳ୍ପୀ ! ଯାତ୍ରାର କନସର୍ଟ ବାଜିଲେ କିମ୍ବା ସଙ୍କୀର୍ତ୍ତନର ଗିନି ଶବ୍ଦ କାନରେ ପଡ଼ିଲେ ତାଙ୍କ ରକ୍ତରେ ମୃଦଙ୍ଗ ଆଉ ତାବଲାର ବାଦ୍ୟ ବାଜି ଉଠେ । ସେ ଅସ୍ଥିର ହୋଇ ଉଠନ୍ତି ।

ସେଇ ଶାନ୍ତନୁ ଦାଦା ଆଜି ନାହାନ୍ତି ।

ଖୁଡ଼ି ସ୍ନେହମୟୀ ଆଖି ପତାରେ ଶିଶିର ବିନ୍ଦୁ ଭଳି ଝଲସି ଉଠିଥିବା କେଇ ଟୋପା ଲୁହକୁ ଆଖିରୁ ପୋଛି ନେଇ ପଣତ କାନରେ ମୁହଁ ପୋଛୁଛନ୍ତି ।

ତା ବୋଉଠାରୁ ଖୁଡ଼ି ତିନି ଚାରିବର୍ଷ ଜ୍ୟେଷ୍ଠ ହେବ । ଅରୁଣିମା ତାଠାରୁ ଛଅ ସାତବର୍ଷ ସାନ । କିନ୍ତୁ ତା ବୋଉ ଆଉ ସ୍ନେହମୟୀ ଖୁଡ଼ି ଦୁଇ ଭଉଣୀ ଭଳି ଦେଖା ଯାଆନ୍ତି । ବୋଉ ଏଇ କେଇବର୍ଷ ହେଲା ଅସୁସ୍ଥତା ଭୋଗ କରୁଛି । ପେଟ ରୋଗ । ହାତ ଗୋଡ଼ରେ ଜ୍ୱାଳା ଯନ୍ତ୍ରଣା । ମୁଣ୍ଡଘୂରାଏ । ରକ୍ତଚାପ ବଢ଼େ । ଠିକ୍ ସେ ରୋଗଟା କଅଣ ଡାକ୍ତରମାନେ ସଠିକ୍ ଭାବରେ ବୁଝି ପାରୁ ନାହାନ୍ତି । ରୋଗରେ ଶଯ୍ୟାଶାୟୀ ହୋଇ ତାର ବୋଉ ଖୁବ୍ ଝିଙ୍କି ଯାଇଛି । କେବଳ କଙ୍କାଳ ସାର ଦେହ । ଚମ ପଡ଼ିଛି ହାଡ଼ମାଳ ଦେହ ଉପରେ । କିନ୍ତୁ ସେଥିରେ ମଧ୍ୟ ତାର ତେଜ କମି ନାହିଁ । ବୋଉ କ୍ୱଚିତ୍ ରାଗ କରେ, କିନ୍ତୁ ରାଗିଲେ ସେ ହୋଇଯାଏ ଏକ ଜ୍ୱଳନ୍ତ ଅଗ୍ନି-ରେଖା !

ସ୍ନେହମୟୀ ଖୁଡ଼ୀଙ୍କୁ ସେ କେବେ ରାଗିବା ଦେଖିନାହିଁ ।

ସେ ସ୍ନେହ, ସହନଶୀଳତାର ଏକ ଶୀତଳ ଦୀପ ଶିଖା । ନିଜେ ଜଳି ଯାଆନ୍ତି ଅନ୍ୟର ବାଟକୁ ଆଲୋକିତ କରିବା ପାଇଁ ।

ବୈଧବ୍ୟ ତାଙ୍କୁ ବଡ଼ ରକ୍ତହୀନ, ଶିବର୍ଣ୍ଣ କରି ଦେଇଛି ।

ସ୍ନେହମୟୀ ପାଖରେ ବସି ପଚାରିଲେ : କୋଉଦିନ ଆସିଲୁ ପୁଅ !

: ଆଜି ସକାଳେ ଆସିଛି । ବାଟରେ ଆସୁ ଆସୁ ଶଗଡ଼ିଆ ବଳିଆଠାରୁ ଶାନ୍ତନୁ

Digitized by PPRACHIN, SOA

ଦାଦାଙ୍କ କଥା ଜାଣିଲି । ଘରେ ମନ ଲାଗିଲା ନାହିଁ । ଛୁଟି ଆସିଲି । କିନ୍ତୁ ଆସିକରି ଦେଖୁଛି ଆପଣଙ୍କ ଶୁଖିଲା ମୁହଁ—ଓଦା ଆଖି । ଖୁଡ଼ି ! ଆପଣ ଭାଙ୍ଗି ପଡ଼ିବା ଉଚିତ ନୁହେଁ, ଆପଣ ଭାଙ୍ଗି ପଡ଼ିଲେ ଅରୁଣିମା ଆଉ ଅଜୁଙ୍କୁ ମଣିଷ କରିବ କିଏ ? -ପ୍ରଣବ ସ୍ନେହମୟୀଙ୍କୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କଲା ।

କିନ୍ତୁ ବୃଥା ଚେଷ୍ଟା । ପ୍ରଣବର ସାନ୍ତ୍ୱନା ତାଙ୍କ ଦୁଇ ଆଖିକୁ ପୁଣି ଥରେ ଲୁଣି ଲୁହରେ ଓଦା କରିଦେଲା ।

ସେ କୋହକମ୍ପିତ କଣ୍ଠରେ କହିଲେ : ଭାର ସମ୍ଭାଳିବାପାଇଁ ମୋଠାରେ ଆଉ ବଳ କାହିଁ ପୁଅ ! ସେ'ତ ମତେ କନ୍ଦାଇ କନ୍ଦାଇ ନିଜେ ହସି ହସି ଚାଲିଗଲେ । ମୁଁ ମାଇପି ଲୋକ, ମୁଁ କଅଣ ଏମାନଙ୍କୁ ମଣିଷ କରି କୂଳରେ ଲଗାଇ ପାରିବି ?

ପାରିବେ-ପାରିବେ ଖୁଡ଼ି ! ଆପଣ କେବଳ ଦମ୍ଭ ଧରିଲେ ପାରିବେ ।

—ପ୍ରଣବ ଆଉ ଥରେ ତାଙ୍କୁ ସାନ୍ତ୍ୱନା ଦେଲା । କିନ୍ତୁ ସେ ନିଜେ ଭଲ କରି ଜାଣି ନ ଥିଲା କିପରି ଭାବରେ ସମ୍ବଳହୀନା ଜଣେ ବିଧବା ସ୍ତ୍ରୀ-ଲୋକ ଜଣେ ଅଭିଆଡ଼ି ଝିଅ ଆଉ ନା-ବାଳକ ପୁଅକୁ ମଣିଷ କରି ପାରେ !

ଦାପାଙ୍କ ଟଙ୍କାରେ କଟକ ସହରରେ ମେସ୍‌ରେ ରହି, ହୋଟେଲରେ ଲଞ୍ଚ୍, ଡିନାର ଖାଇ ଫୂର୍ତ୍ତି କରୁଥିବା ଜଣେ ଯୁବକ, ଗାଁଆରେ ଜଣେ ନିରାଶ୍ରୟା ବିଧବା କିପରି ନିଜର ଦୁଇ ପୁଅ ଝିଅକୁ ମଣିଷ କରିବ, ସେକଥା ଭାବି ସ୍ଥିର କରିବା କଷ୍ଟ । କିନ୍ତୁ ପ୍ରଣବ ଜାଣିଥିଲା ସ୍ନେହମୟୀ ଖୁଡ଼ି ଠିକ ତାଙ୍କର ସଂସାର ସମ୍ଭାଳି ନେବେ । ଶାନ୍ତନୁ ଦାଦା ଜୀଇଁଥିଲା ବେଳେ ଘର କଥା ଅବା କଅଣ ବୁଝୁଥିଲେ ! ମୃଦଙ୍ଗ ଆଉ ତୁବିତାବଲା ନେଇ ଥିଲା ତାଙ୍କର ସଂସାର । ଯେତେଦିନ ଘରେ ରହୁଥିଲେ ସେତେଦିନ ହୁଏ ଆନନ୍ଦ ଉତ୍ସବ । ଆଜି ଖାସିକାଟ, କାଲି କୁକୁଡ଼ା ମାର, ତା ଆରଦିନ ବନସୀ ଧରି ଗାଁଆର ବଡ଼ ପୋଖରୀକୁ ମାଛ ମାରି ଚାଲ । ଶାନ୍ତନୁ ଦାଦା ଥିଲା ବେଳେତ ଚାଷ ବାସ ଘର ସଂସାର କଥା ଏଇ ଖୁଡ଼ି ବୁଝୁଥିଲେ ।

: ତମେ କଅଣ ଚାକିରୀ ବାକିରୀ କଲଣି ପୁଅ ? ସ୍ନେହମୟୀ ପ୍ରଣବକୁ ପ୍ରଶ୍ନଟା ପଚାରି ଚମକାଇ ଦେଲେ ।

ଏଭଳି ଏକ ପ୍ରଶ୍ନ ସେ ହୁଏତ ଆଶା କରି ନ ଥିଲା । ସେଥିପାଇଁ ପ୍ରଥମେ ସେ ଟିକିଏ ଥ'ଥ ମ'ମ ହୋଇ କହିଲା : ଚାକିରୀ, ନା—ମନଲାଖି ଚାକିରୀ ଏପର୍ଯ୍ୟନ୍ତ

Digitized by PPRACHIN, SOA

ପାଇନ୍ତ । ଭଲ ଚାକିରି ନ ପାଇଲେ ଭାବୁଛି ଗାଁଆରେ ଆସି ଚାଷବାସ ଖବର ବୁଝିବ । ବାପାଙ୍କର ଇଚ୍ଛା ମୁଁ ଗାଁରେ ରହେ…ନିଜେ ନ ଦେଖିଲେ ଚାଷ ଉଜୁଡ଼ିଯିବ ।

ଏମ୍. ଏ. ପାଶ କରିଥିବା ଜଣେ ଯୁବକ ଗାଁଆରେ ଆସି ଚାଷବାସ କରିବ, ଏକଥା ସ୍ନେହମୟୀ ବିଶ୍ୱାସ କରିପାରି ନ ଥିଲେ । ତେଣୁ ପ୍ରଣବ ମୁହଁରୁ ଚାଷବାସ ବୁଝିବା କଥା ଶୁଣି ସେ ଖୁବ ବିସ୍ମିତ ହୋଇଗଲେ । ତାଙ୍କ ମୁହଁରେ ସେଇ ବିସ୍ମୟ ବିମୂଢ଼ ଭାବ ପ୍ରଣବର ଦୃଷ୍ଟି ମଧ୍ୟ ଏଡ଼ାଇଲା ନାହିଁ ।

ସେ କହିଲା : ଖୁଡ଼ି ! ଆଜି କାଲି ଚାକିରି ଖାଲି ସହରରେ ନାହିଁ, ଦରକାର ହେଲେ ଚାଷବାସ ବୁଝି ମୁଁ ଏଇ ମଧୁପାଟଣାରେ ମଧ୍ୟ ଚାକିରି କରିପାରେ । ଶୁଣିଲି ଆମ ଅରୁ କୁଆଡ଼େ ଗାଁ ମାଇନର ସ୍କୁଲରେ ମାଷ୍ଟ୍ରାଣୀ ହୋଇଛି । ଆବଶ୍ୟକ ହେଲେ ମୁଁ ମଧ୍ୟ ସେଇ ସ୍କୁଲରେ ମାଷ୍ଟର ହୋଇ ପାରେ । ମାଇନର ସ୍କୁଲ ମଧ୍ୟ ହାଇସ୍କୁଲ ହୋଇ ପାରେ । ଚାକିରି ପାଇଁ ସହରରେ ମୁହଁ ମାଡ଼ି ପଡ଼ିବା କଅଣ ଦରକାର ?

ଝିଅର ଚାକିରି କଥା ଶୁଣି ସ୍ନେହମୟୀଙ୍କ ଦୁଇ ଆଖିରେ ପୁଣି ଦୁଃଖର ଲୋତକ ଆସିଗଲା ।

ସେ ଆଖି ଛଳ ଛଳ କରି କହିଲେ : ଭାଗ୍ୟ ଏମିତି, ପର ଘରକୁ ଯିବା ପାଇଁ ଗୋଡ଼ ବଢ଼ାଇ ବସିଥିବା ଝିଅକୁ ମାଷ୍ଟ୍ରାଣୀ କରି ତା ରୋଜଗାରରେ ମୁଁ ଭାତ ଖାଉଛି । ପୁଅ ! ଅରୁଣା ପାଇଁ ତମେ ଗୋଟିଏ ପାତ୍ର ଦେଖ । ତା କଥା ବୁଝିବା ପାଇଁ ଆଉ କିଏ ଅଛି ?

ଅରୁଣାକୁ ଅନ୍ୟତ୍ର ବିବାହ କରିଦେବା ପାଇଁ ଖୁଡ଼ିଙ୍କର ବ୍ୟାକୁଳତା ଦେଖି ପ୍ରଣବର ଗୁଢ଼ ଭିତରେ ଗୋଟାଏ ଅଦେଖା ଯନ୍ତ୍ରଣାର ନୀଳ ନିଆଁ ଜଳି ଉଠିଲା । ସେ ନିଆଁର ଧାସ ନାଳିଦିଏ ।

ସେ ଟିକିଏ ଅପ୍ରତିଭ ହୋଇ କହିଲା : ଅରୁର ବୟସ ଅବା କେତେ, ଏତେ ଚଞ୍ଚଳ ତାକୁ ବାହା କରିଦେବା ପାଇଁ ବ୍ୟସ୍ତ କାହିଁକି ? ସେ ଚାକିରି କରୁଛି, କିଛିଦିନ ଚାକିରି କରୁ । ଅଜୁର ଏଇଟା କ୍ଲାସ ଏଇଟ୍ ।

ମାଟ୍ରିକ ପାଶ୍ କରିବା ପାଇଁ ତାର ଆହୁରି ତିନିବର୍ଷ ଡେରି । ଝିଅକୁ

Digitized by PPRACHIN, SOA

ଆହୁରି ଛଅ ବର୍ଷ ନିଜ ବେକରେ ବାନ୍ଧି ସେ ତା ଟଙ୍କାରେ ପୁଅକୁ ପାଠ ପଢ଼ାଇବେ ? ତା ଛଡ଼ା ଅବା ଅନ୍ୟ ଉପାୟ କ'ଣ ଅଛି ?

ସ୍ନେହମୟୀ ପାନଡ଼ାଲା କାଢ଼ି ପାନ ଭାଙ୍ଗି ବସିଲେ ।

କହିଲେ : ପୁଅ ! ସାଦା ବିଡ଼ିଆ ପାନ ଖଣ୍ଡେ ଦେବି ?

ପ୍ରଣବ ବୁଝି ପାରିଲା, ତାରି ଚର୍ଚ୍ଚା କରିବା ପାଇଁ ଖୁଡ଼ି ଖୁବ୍ ବ୍ୟସ୍ତ ହୋଇ ପଡ଼ିଲେଣି । ଅରୁଣା ଥିଲେ ବୋଧହୁଏ ଗୁହ୍ୱା ଖୁଆଇ ଚର୍ଚ୍ଚା କରି ଥାଆନ୍ତା । ଖୁଡ଼ି ପାନ ଖୁଆଇ ତାକୁ ବିଦାୟ ଦେବାକୁ ଚାହୁଁଛନ୍ତି । ଅଥଚ ସେ ପାନ ଖାଇଲେ ଦାନ୍ତ ଖରାପ ହୋଇଯିବ ବୋଲି ଅରୁଣା କେତେ ରାଗ କରେ !

ସେ ମୃଦୁ ସ୍ୱରରେ କହିଲା : ଖୁଡ଼ି ! ମୁଁ ଆଜି କାଲି ଆଉ ପାନ ଖାଉ ନାହିଁ । ମତେ ଖଣ୍ଡେ ଗୁଆ ଭାଙ୍ଗି ଟିକିଏ ଦିଅନ୍ତୁ । ସନ୍ଧ୍ୟାବେଳକୁ ଆସିବି । ଅରୁଣା ସହିତ ଦେଖା ହେଲା ନାହିଁ । ସେ ବୋଧହୁଏ ସ୍କୁଲକୁ ଯାଇଛି ।

ଗୁଆ ନୁହେଁ, ଲବଙ୍ଗ-ଅଲେଇଚ କେତୋଟି ଶନାମାଟି ପାତ୍ରରେ ପ୍ରଣବ ଆଡ଼କୁ ବଢ଼େଇ ଦେଇ ସ୍ନେହମୟୀ କହିଲେ : ନିଶ୍ଚୟ ଆସିବ । ଛୁଇ ନେଉଛାଣି ବେଳକୁ ଅରୁ ଚାଲି ଆସିଥିବ । ତମକୁ ଦେଖିଲେ ଖୁବ ଖୁସି ହେବ । ବଉଳ ଦେହ କେମିତି ଅଛି ପୁଅ !

ପ୍ରଣବର ବୋଉଙ୍କ ସାଙ୍ଗରେ ସ୍ନେହମୟୀ ବଉଳ ବସିଛନ୍ତି ।

ପ୍ରଣବ ଉତ୍ତର ଦେଲା : ବୋଉ କେମିତି ଅଛି ଏପର୍ଯ୍ୟନ୍ତ ମୁଁ ଭଲକରି ଜାଣିନାହିଁ, ମତେ ଦେଖି ସେ କେବଳ ଗୁଡ଼ାଏ କାନ୍ଦିଲା । ମତେ ପାଖରୁ ଛାଡ଼ିବାକୁ ନାରାଜ । ମୋ ସାଙ୍ଗରେ ସହରକୁ ଯିବା ପାଇଁ ମଧ୍ୟ ରାଜି ନୁହେଁ । ବୋଧହୁଏ ତାହାରି ପାଇଁ ମତେ ଏ ଗାଁରେ ରହିବାକୁ ପଡ଼ିବ ।

ବଉଳଙ୍କ ଦେହ କଥା ଶୁଣି ସ୍ନେହମୟୀ ଆଖିରୁ ଲୁହ ପୋଛିଲେ ।

ଆଉ ଥରେ ସନ୍ଧ୍ୟାବେଳକୁ ଆସିବ ବୋଲି କହି ଉଠି ଠିଆ ହେଲା ପ୍ରଣବ । ଖୁଡ଼ିଙ୍କର ସେଇ ପଦଏ କଥା ତା କାନରେ ବାରମ୍ବାର ଅନୁରଣିତ ହେଉଥିଲା ; ଅରୁ ତତେ ଦେଖିଲେ ଖୁବ ଖୁସି ହେବ ।

ସତରେ ଖୁସି ହେବ ଅରୁଣା !

ପ୍ରଣବ ଓଠରେ ହସ କେଉଁଏ ଫୁଲ ହୋଇ ଫୁଟି ଗଲା ।

Digitized by PPRACHIN, SOA

ତା ଆରଦିନ ଗ୍ରୁଇ ନେଉଥାଣି ବେଳେ ଅରୁଣା ସହିତ ତାର ଦେଖା ହୋଇଗଲା ତାଙ୍କର ପାଞ୍ଚଗୁଣ୍ଠି ଆ ବଗିଚା ପାଖରେ । କାନ୍ଧରେ ଗୋଟାଏ ଶାନ୍ତି-ନିକେତନୀ ବ୍ୟାଗ ଝୁଲାଇ ଅରୁଣା ସ୍କୁଲରୁ ଫେରୁଥିଲା ।

ପ୍ରଣବକୁ ଦେଖି ପ୍ରଥମେ ଜିଭ କାମୁଡ଼ି ପକାଇ ଟିକିଏ ପଛକୁ ଘୁଞ୍ଚିଗଲା ଏବଂ ପ୍ରଣବ ହା’ ହା କରି ତାକୁ ବାଧା ଦେବା ଆଗରୁ ଭୂଇଁରେ ମୁଣ୍ଡ ଛୁଇଁ ତାକୁ ପ୍ରଣାମ କଲା । କଲେଜରୁ ଦୀର୍ଘଦିନ ପରେ ଫେରି ଦେଖାହେଲେ ଭୂଇଁରେ ମୁଣ୍ଡ ଛୁଇଁ ପ୍ରଣାମ କରିବା ଅରୁଣାର ଏକ ପ୍ରାଚୀନ ବଦଭ୍ୟାସ । ଯେତେ ମନା କଲେବି ତାର ବାରଣ ସେ ମାନେ ନାହିଁ ।

: ଅନେକ ଦିନ ପରେ ଦେଖା । ନା ?

: ହଁ ପ୍ରାୟ ଦୁଇବର୍ଷ । ଏକାଥରେ ଗାଁକୁ ଭୁଲି ଦୁଇବର୍ଷ କାଳ ସହରରେ ଅଟକି ରହିବା ତମର ଏଇ ପ୍ରଥମ ! ଭାବିଥିଲି, ତମେ ଆଉ ହୁଏତ ଏ କାଦୁଅ ପଚର ପଚର ଗାଁକୁ ଫେରିବ ନାହିଁ ।

: କିନ୍ତୁ ତୁ ଆଉ ଚିଠି ଦେଲୁନାହିଁ କାହିଁକି ? ହଠାତ୍ ତୋ ଚିଠି ବନ୍ଦ ହୋଇ ଯିବା ଦେଖି ମୁଁ ବଡ଼ ଦ୍ୱନ୍ଦ୍ୱରେ ପଡ଼ି ଯାଇଥିଲି ।

: କଅଣ ସେ ମାନସିକ ଦ୍ୱନ୍ଦ୍ୱ ? ମୁଁ ବାହା ହୋଇ ଆଉ କାହାର ଘର ସଂସାର କରିବାକୁ ଚାଲିଗଲିଣି । ଏଇଆତ !

: ସେମିତି ଏକ ଅନୁମାନ କରିଥିଲେ ମନ୍ଦ ହୋଇ ନଥାନ୍ତା । ଅନ୍ତତଃ

Digitized by PPRACHIN, SOA

ସେଭଳି ସମ୍ଭାବନା ଯେ ନଥିଲା ବା ନାହିଁ—ଏକଥା ତୁ ଯୋର୍ ଦେଇ କହି ପାରିବୁ ନାହିଁ କିନ୍ତୁ ମୋର ଭୟ ଥିଲା ଅନ୍ୟ ପ୍ରକାରର—

ଅରୁଣାର ଭ୍ରୂ କୁଞ୍ଚିତ ହେଲା ।

ସେ ଚକିତ କଣ୍ଠରେ ପ୍ରଶ୍ନ କଲା : ଆଉ କେଉଁ ବିଷୟରେ ସନ୍ଦେହ ?

ପ୍ରଣବ ନିଃସଙ୍କୋଚ କଣ୍ଠରେ ଉତ୍ତର ଦେଲା : ମୋର ଶେଷ ଚିଠିରେ କିଛି ପରିମାଣରେ ଅତିରିକ୍ତ ଭାବ ପ୍ରବଣତା ଥିଲା । ମୋର ସନ୍ଦେହ ହେଲା, ସେ ଚିଠି ହୁଏତ ଦାଦା କିମ୍ବା ଖୁଡ଼ି—କାହା ହାତରେ ପଡ଼ି ଯାଇଛି । ସେମାନେ ସେଥିପାଇଁ ତତେ ଗାଳି ଦେଇଛନ୍ତି ଆଉ ତୁ ରାଗକରି ମୋ ଚିଠିର ଉତ୍ତର ଦେଇନୁ—

ପ୍ରଣବର କଥା ଶୁଣି ଫିକ୍ କିନା ହସି ଦେଲା ଅରୁଣା ।

କହିଲା : ଓଃ, ଏଇ ସନ୍ଦେହ ! ମୁଁ ଅନ୍ୟ କିଛି ଭାବୁଥିଲି । ନା ସେମାନେ କେହି ମୋ ଚିଠି ପଢି ପଢ଼ନ୍ତି ନାହିଁ, ଆଉ ତମ ଚିଠିରେ ଯେତିକି ଭାବ ପ୍ରବଣତାର ଉଚ୍ଛ୍ୱାସ ଥିଲା, ସେମାନଙ୍କର ସନ୍ଦେହ ଆମ ଦୁଇଜଣଙ୍କ ସମ୍ପର୍କ ତାଠାରୁ ଆହୁରି ଗଭୀର ।

ଅରୁଣା କଥାର ଶେଷ କାବ୍ୟଟି ପ୍ରଣବକୁ ଖୁବ୍ ଭଲ ଲାଗିଲା । ତା ମନରେ ଠୁଳ ହୋଇଥିବା ଅନେକ ଘନଭୂତ ସନ୍ଦେହ ଜଳ ହୋଇ ତରଳି ଗଲା ।

ସେ ମୃଦୁ ହସି କହିଲା : ମୁଁ ମନରେ ତୋ କଥା ଯେତେ ଗଭୀର ଭାବରେ ଚିନ୍ତା କରେ, ଚିଠିରେ ସେ କଥା ଲେଖି ପାରେ ନାହିଁ । କିନ୍ତୁ ତୁ ମୂଳରୁ ଚିଠି ଦେବା ବନ୍ଦ କରି ଦେଲୁ କାହିଁକି ?

ଅରୁଣିମା ଅନ୍ୟମନସ୍କ ହୋଇଗଲା ଭଳି ମନେ ହେଲା । ସେ ପ୍ରଣବ ମୁହଁକୁ ନ ଚାହିଁ ଦୂର ଆକାଶକୁ ଚାହିଁଲା । ଆକାଶରେ ସୂର୍ଯ୍ୟର ବିଦାୟ ଉତ୍ସବ । ନାନା ଅଜଣା ଚଢ଼େଇ କେତୋଟି ନୀଳ ଆକାଶରେ ଉଡ଼ି ଯାଉଛନ୍ତି । ପାଞ୍ଚଗୁଣ୍ଠିଆ ବଗିଚାର ଗଛପତ୍ରରେ ସୂର୍ଯ୍ୟ କିରଣ ଚମ୍ପାଟିଆ ପଡି ଆସୁଛି ।

: କିଛି ଉତ୍ତର ଦେଲୁ ନାହିଁ ଯେ ! ଚିଠି ଦେବା ବନ୍ଦ କରିଦେଲୁ କାହିଁକି ? ପ୍ରଣବ ନିଜ ପ୍ରଶ୍ନର ଉତ୍ତର ଜାଣିବା ପାଇଁ ଜିଦ୍ କଲା ।

: ଠିକ୍ ବୁଝାଇ ପାରିବି ନାହିଁ । ତମେ ଆସିବ ବୋଲି କଣ୍ଠ ଦେବ ଆଉ ଠିକ୍ ଆସିବା ବେଳକୁ କୌଣସି ନା କୌଣସି ପରୀକ୍ଷାର ଆଳ ଦେଖାଇ ଆସିବ ନାହିଁ,

Digitized by PPRACHIN, SOA

ଏକଥା ମତେ ଆଦୌ ଭଲ ଲଗୁ ନ ଥିଲ ! ଚିଠିରେ କିଛି କଥା ଲେଖି ଗୁଝାଇ ହୁଏ ? ଅଥଚ ମୋର କେତେ କଥା କହିବାକୁ ବାକି ରହିଯାଏ । କିଛି ଲେଖି ହୁଏନା...କିଛି କହି ହୁଏନା । ଶେଷ ଆଡ଼କୁ ମୋର କେମିତି ସନ୍ଦେହ ହେଲ, ତମେ ମତେ ଆଉ ଭଲ ଆଉ ଭଲପାଅ ନାହିଁ । କେବଳ ବାଧ୍ୟ ରଖିବା ପାଇଁ ଚିଠି ଲେଖ । ସେ ଚିଠିରେ ଭାବପ୍ରବଣତା ଥାଏ, ଆନ୍ତରିକତା ନ ଥାଏ । ଚିଠିରେ ମନ ପୁରେନା···କେବଳ ଖାଲି ଖାଲି ଲଗେ, ଯେଉଁ ଚିଠି ଦୂରତ୍ୱ ବଢ଼ାଏ···ଶୂନ୍ୟତା ବଢାଏ···ସେ ଚିଠି ଲେଖି ଲଭ କ'ଣ ?

ଅରୁଣିମାର ଭାଷା ଉପନ୍ୟାସର ଭାଷା ଭଳି । ମାଷ୍ଟ୍ରାଣୀ ହେଲ ପରେ ସେ ଖୁବ୍ ବୋଧହୁଏ ନଭେଲ ପଢ଼ୁଛି । ପ୍ରଣବ କଥା ଗୁଡ଼ାକ ଠିକ୍ ଏମିତି ଭାବରେ ସଜେଇ କହି ପାରେ ନାହିଁ । ସବୁ ଝିଅ ବୋଧହୁଏ ପ୍ରେମରେ ପଡ଼ିଲେ ସାହିତ୍ୟିକ ହୋଇ ଯାଆନ୍ତି । ସେମାନଙ୍କ ଭାବନାରେ ରଙ୍ଗ ଲଗେ, କଥାରେ ମଣିମୁକ୍ତା ଝଲସି ଉଠେ ।

ପ୍ରଣବ ଅରୁଣିମାକୁ ଲଘୁ ପରିହାସରେ କହିଲ ତୁ ଏଥି ଭିତରେ ଖୁବ୍ ବଡ଼ ହୋଇ ଯାଇଛୁ । ଏ ଦୁଇ ବର୍ଷ ଭିତରେ ତୁ ଏତେ ବଦଳି ଯାଇଛୁ ଯେ ମୁଁ ତତେ ଆଉ ଚିହ୍ନି ପାରୁନ । ତୋ କଥାରେ କବିତ୍ୱ, ତୋ ଗଢରେ ଲବଣ୍ୟ । ମୁଁ କିନ୍ତୁ ଯେଉଁ ଚଷାକୁ ସେଇ ଚଷା ହୋଇ ରହିଯାଇଛି । ମୁଁ ଉଚ୍ଚତାରେ ଇଞ୍ଚେ ବଢ଼ିନ କି ମୋ ଭାବନାରୁ ଗ୍ରାମ୍ୟ-ନିର୍ବୋଧତା ଯାଇନ ।

ଗୋଟାଏ ପିଜୁଳି ଗଛକୁ ଆଙ୍ଗୁଳି ଠିଆ ହୋଇଥିଲ ଅରୁଣିମା ।

ପ୍ରଣବକୁ ସେଇ ଗଛକୁ ଦେଖେଇ କହିଲ : ଦୁଇବର୍ଷ ତଳେ ଏ ଗଛ କେତେ ଛୋଟ ଥିଲ ମନେ ଅଛି ? ଦୁଇବର୍ଷ ଭିତରେ ଏ ଗଛ କେତେ ବଡ଼ ହୋଇ ଗଲଣି, ହାତ ବଢ଼ାଇଲେ ହାତ ପାଉନି । ସମସ୍ତର ଦୈର୍ଘ୍ୟ ବଢ଼ିଲେ ଗଛ ବଢ଼େ, ଆଉ ମଣିଷ ବଡ଼ ହୁଅନ୍ତା ନାହିଁ ? ତମେ ଅବଶ୍ୟ ଉଚ୍ଚତାରେ ବଢ଼ିଛ କି ନାହିଁ ମୁଁ କହି ପାରିବ ନାହିଁ, କିନ୍ତୁ ଖୁବ୍ ରୋଗା ହୋଇ ଯାଇଛ ।

ଅରୁଣିମା ମୁହଁରୁ ଏଇ ରୋଗା ହୋଇ ଯାଇଥିବା କଥାଟା ଶୁଣିଲେ ପ୍ରଣବ ମନେ ମନେ ଖୁବ୍ ଖୁସି ହୁଏ, ତା ବୋଉ ଛଡ଼ା ଆଉ କେହି ତାର ଦେହ କଥା

Digitized by PPRACHIN, SOA

କହନ୍ତ ନାହିଁ । ଆଉ ଅରୁଣିମା ସହିତ ତାର ଯେତେ ଥର ଦେଖାହୁଏ, ତା ଦେହର ଗ୍ରେଗୀଣା ଚେହେର୍‌ଟା ପ୍ରଥମେ ହିଁ ତା ଆଖିରେ ଧର୍‌ପଡ଼େ ।

ସେ ଅରୁଣିମାକୁ କହିଲ ଗଛ ବଡ଼ ହୁଏ, ମଣିଷ ବଦଳିଯାଏ, ସମସ୍ତ ବଡ଼ ଅବଶ୍ୟାସୀ, ଏ ଦୁଇବର୍ଷ ଭିତରେ ଏ ଗାଁରେ ଅନେକ ଅଦଳ ବଦଳ ହୋଇ ଯାଇଛୁ । ମୁଁ ଗାଁକୁ ଆସି କାହାକୁ ଚିହ୍ନି ପାରୁନ—

: ମତେ ବି ଚିହ୍ନି ପାରୁନ ?

: ଖୁବ୍ ନ ବଦଳିଲେବ ଅନେକ ପରିମାଣରେ ବଦଳି ଯାଇଛୁ । ବୟସ ତତେ ଅନେକ ଅଭିଜ୍ଞ କରିଛି । ତୁ ପାଖରେ ଥିଲେବି ଦୂରରେ ଥିଲି ଭଳି ମନେ ହେଉଛୁ । ତୋର ଦେହର ଲାବଣ୍ୟ ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟରେ ଉଜ୍ଜ୍ୱଳ ଦେଖାଯାଉଛୁ ।

ଠିକ୍ ବୁଝି ପାରିଲି ନାହିଁ । ପେଟ ପୋଷିବା ପାଇଁ ଗ୍ରକିରି କରିବାରେ କଣ ମଣିଷର ବ୍ୟକ୍ତିତ୍ୱ ବଢ଼େ ?

: ବଢ଼େ—ନିଜ ଗୋଡ଼ରେ ଠିଆ ହେବାର ଶକ୍ତି ମଣିଷକୁ ଆଣିଦିଏ ଗଭୀର ଆତ୍ମପ୍ରତ୍ୟୟ । ସେଇ ଆତ୍ମପ୍ରତ୍ୟୟକୁ ବାଦ ଦେଲେ ତାର ବ୍ୟକ୍ତିତ୍ୱ ଅସ୍ପଷ୍ଟ ଦେଖାଯାଏ । ମୋର ଗ୍ରକିରି ନାହିଁ, ମୋ ପାଦତଳେ ମାଟି ମଧ୍ୟ ନାହିଁ । ପେଟ ପୋଷିବା ପାଇଁ ଅବଶ୍ୟ ମୋର ଗ୍ରକିରି ମଧ୍ୟ ଲୋଡ଼ା ନାହିଁ—କିନ୍ତୁ ଗ୍ରକିରିକୁ ବାଦ୍ ଦେଇ ମୁଁ ନିଜର ଅସ୍ତିତ୍ୱ କଥା ଭାବି ପାରେ ନାହିଁ—

ଗ୍ରକିରି ପାଇଁ ଏତେ ପରୀକ୍ଷା ଦେଉଥିଲ--ଗ୍ରକିରି ହେଲା ନାହିଁ ?

: ଏ ପର୍ଯ୍ୟନ୍ତ ହୋଇ ନାହିଁ । ଧିନେ ହୁଏତ ହେ ଇଯିବ । ବ୍ୟାଙ୍କରେ ଗୋଟାଏ ଗ୍ରକିରୀ ପାଇଁ ପରୀକ୍ଷା ଦେଇ ଆସିଛୁ—ହୁଏତ ମିଳିଯାଇ ପାରେ ।

: ତାହେଲେ ଏତେ ଅସ୍ଥିରତା କାହିଁକି ? ମୋ ପାଇଁ ଏ ଗ୍ରକିରୀ ନିହାତ ଦରକାର ଥିଲା । ଏକା ମୋ ପେଟ ପୋଷିବା ପାଇଁ ନୁହେଁ, ଆମ ଘର ଚଳାଇବା ପାଇଁ ଏ ଗ୍ରକରୀ ଖଣ୍ଡିକ ସହାୟ । ତମ ବାପା ମତେ ସ୍କୁଲରେ ରଖାଇ ଦେଇ ନ ଥିଲେ ଆମ ଘର ଉଚ୍ଛନ୍ନ ହୋଇ ଯାଇ ଥାଆନ୍ତା । କିନ୍ତୁ ଗ୍ରକିରୀ ପାଇଁ ତମର ସେଭଳି କିଛି ଉତ୍କଣ୍ଠାତ ଆବଶ୍ୟକ ନାହିଁ । ଧୀରେ ସୁସ୍ଥେ ଭଲ ଗ୍ରକିରୀ ପାଇଲେ କରିବ--ନହେଲେ ଗାଁ ମାଇନର ସ୍କୁଲ ହାଇସ୍କୁଲ ହେଲେ ତମ ପାଇଁ ହେଡ୍ ମାଷ୍ଟର ଗ୍ରକିରୀ ଥୁଆ ! ଶେଷ ବାକ୍ୟଟି କହିସାରି ଅରୁଣିମା ହସିଲା ।

Digitized by PPRACHIN, SOA

ପ୍ରଣବ ବୁଝି ପାରିଲା, କାଲି ସେ ଅରୁଣିମାର ବୋଉଙ୍କୁ ଗାଁ ହାଇସ୍କୁଲର ମାଷ୍ଟ୍ର ହେବା କଥା କହି ଆସିଥିଲା । ସେଇ କଥାକୁ ଖୁଣ୍ଟା ଦେଉଛି ଅରୁଣିମା । କିଛି ଚାକିରୀ ନ ମିଳିଲେ ଗାଁ ହାଇସ୍କୁଲର ହେଡ଼ମାଷ୍ଟ୍ର !

ପ୍ରସଙ୍ଗ ପରିବର୍ତ୍ତନ କରିବାକୁ ଯାଇ ସେ କହିଲା—ତୋର ଯେ ଚାକିରୀଟା ନିହାତ ଦରକାର, ଏକଥା କାଲି ଖୁଡ଼ିଙ୍କ ସାଙ୍ଗରେ କଥାବାର୍ତ୍ତା ହେଲା ପରେ ମୋର ମନେ ହେଉନାହିଁ । ସେ ତୋ ବାହାଘର ପାଇଁ ପ୍ରକୃତରେ ଖୁବ୍ ବ୍ୟସ୍ତ । ବରପାତ୍ରଟିଏ ଦେଖି ଦେବା ପାଇଁ ମତେ ମଧ୍ୟ କହିଛନ୍ତି । କହନ୍ତୁ—ତୋର କେମିତିଆ ପାତ୍ରଟିଏ ଦରକାର !

ପ୍ରଣବର ପରିହାସ ଶୁଣି ଅରୁଣିମା ଦବିଗଲା ନାହିଁ । ଶୀତ ଦିନ । ସନ୍ଧ୍ୟା ହୋଇ ଆସୁଛି । ଦେହ ସାମାନ୍ୟ ଶୀତେଇ ଉଠୁଛି ଥଣ୍ଡା ପବନରେ । ଶାଢ଼ୀ ପଣତକୁ ଦେହସାରା ଗୁଡ଼େଇ ନେଇ ଅରୁଣିମା କହିଲା : ପାତ୍ର ନିର୍ବାଚନରେ, ମୋର ଆଉ ଚଏସ୍ କାହିଁ ? ଗରିବ ଘରର ବାପଛେଉଣ୍ଡ ଝିଅ । ଚାକିରୀରେ ଚଏସ ନାହିଁ, ସ୍ୱାମୀ ନିର୍ବାଚନରେ ମଧ୍ୟ ନିଜ ମତାମତର ମୂଲ୍ୟ ନାହିଁ । ବୋଉ ବଳିଲା ଝିଅକୁ ପାରି ଉଦ୍ଧାର କରିବା ପାଇଁ ବ୍ୟସ୍ତ । ଝିଅର ଟଙ୍କାରେ ଭାତ ଖାଉଛି ବୋଲି ଗାଁ ସାରା ଲୋକେ ତାକୁ ଊଲୁଗୁଣା ଦେଉଛନ୍ତି । ତମେ ଯଦି ଗୋଟିଏ ସୁପାତ୍ର ଦେଖି-ଦେଇପାର ଖୁବ୍ ପୁଣ୍ୟକାମ କରିବ ।

ଶେଷ ଆଡ଼କୁ ନିଜ କଥାରେ ନିଜେ ହସି ଉଠିଲା ଅରୁଣିମା । ତା ନିଜ କଥା ନିଜ କାନକୁ ମଧ୍ୟ ଖୁବ ନିଷ୍ଠୁର ଶୁଣାଗଲା ।

ପ୍ରଣବ ମଧ୍ୟ ତାର ହସରେ ଯୋଗ ଦେଲା । ସେ ଦୁହିଁଙ୍କ ହସର ସମ୍ମିଳିତ ଆବାଜରେ ସେଇ ରାସ୍ତା ଦେଇ ଯାଉଥିବା କେତେଜଣ ଗ୍ରାମବାସୀ ପଛରୁ ଫେରି ଚାହିଁ ଆଖି ଠାରାଠାରି ହେଲେ । ଆଖିରେ ଆଖିରେ କଥାବାର୍ତ୍ତା ପ୍ରସାରିତ ହୋଇଗଲା ଉଡ଼ନ୍ତା ପବନରେ ।

ପ୍ରଣବ କହିଲା : ଏ ପିଜୁଳି ଗଛଟା ଶାନ୍ତନୁ ଦାଦା ସେଥର ଶାଳଗାଁକୁ କୀର୍ତ୍ତନରେ ଯାଇ ଫେରିଲା ବେଳକୁ ଆଣି ଲଗାଇଥିଲେ । ନା ? ଯେଉଁ ଗାଁକୁ କୀର୍ତ୍ତନ କମ୍ପା ଡ଼ାମା କରିଗଲେ ଫେରିଲା ବେଳକୁ ସାଙ୍ଗରେ ଆଣନ୍ତି ଗୋଟାଏ ଗଛ···ସେଇ ସ୍ମୃତିର ଗଛରେ ଏ ବଗିଚ୍ଛଟା ମହ ମହ ବାସୁଛି । ନା ?

Digitized by PPRACHIN, SOA

: କିନ୍ତୁ ମୋ ବାପାଙ୍କର ଏଇ ଅନେକ ସ୍ମୃତିର ଉଦ୍ୟାନକୁ ତମ ବାପା କିଣି ଏଠାରେ ଅଣ୍ଟାକଳ, ଗ୍ରଉଳ କଳ ବସାଇବାକୁ ଗ୍ହାନ୍ତି । ଏକଥା ଜାଣିଚ !

: ଏକଥା ତତେ କିଏ କହିଲା ?

: ମାଇନର ସ୍କୁଲ ହେଡ୍‌ମାଷ୍ଟ୍ର ବାସୁବାବୁ । ସେ ମତେ ଅନେକଥର ବୁଝାଇଲେଣି କିଛି ପାଇବାକୁ ହେଲେ କିଛି ଦେବାକୁ ହୁଏ, ଅଖିଳବାବୁ ତମକୁ ମାଷ୍ଟ୍ରାଣୀ ଗ୍ରକିରି ଦେଲେ, ତମେ ବୋଉଙ୍କୁ ବୁଝାଇ ସେ ପାଞ୍ଚଗୁଣ୍ଠିଆ ବଗିଗ୍ହଟା ବିକ୍ରୀ କରିଦିଅ । ସେଠାରେ ଅଖିଳ ବାବୁ ଗ୍ରଉଳ ଆଉ ଅଣ୍ଟାକଳ ପକାଇବେ, ଗାଁ ଲୋକଙ୍କର ଉପକାର ହେବ । ତମକୁ ମଧ୍ୟ ସେ ଜମିର ଉଚିତ୍ ମୂଲ୍ୟ ଦେବେ ।

: ତା'ପରେ ।

: ତା'ପରେ ମୁଁ ଏକଥା ବୋଉକୁ କହିଥିଲି । ବୋଉ ସିଧା ସଳଖ ମନା କରି ଦେଲା । ତମେ ଜାଣ, ଏଇ ଗାଞ୍ଚଗୁଣ୍ଠିଆ ବଗିଗ୍ହଟା ପାଇଁ ବୋଉର କେତେ ଆକର୍ଷଣ । ବାପା ଗ୍ରରିଆଡୁ ସଂଗ୍ରହ କରି ଭଲ ଭଲ ଗଛ ଆଣି ଏଠାରେ ଲଗାନ୍ତି, ବୋଉ ତାକୁ ପାଣି ଢାଳି, ଘାସ ବାଛି, ଆଦର ଯତ୍ନ କରି ବଢ଼ାଏ । ସେଇ ଜମି ବାପାଙ୍କ କାଳ ହୋଇ ଗଲା ପରେ ବିକ୍ରୀ ହେବ, ସେଇ ସବୁ ଗଛ ହଣା ହୋଇ ସେଠାରେ ଅଣ୍ଟା ଆଉ ଗ୍ରଉଳ କଳ ଜମିବ, ଏକଥା ଶୁଣିଲା ମାତ୍ରେ ତା ଆଖି ଦୁଇଟି ଲାଲ ହୋଇଗଲା କାନ୍ଦି କାନ୍ଦି । ମତେ ବାଧ୍ୟ କରି ଦେଲେ ସ୍କୁଲରେ ଆଉ ଗ୍ରକିରି କରିବାକୁ ପଡ଼ିବ ନାହିଁ—ପାଞ୍ଚ ଗୁଣ୍ଠିଆ ବଗିଗ୍ହ ବିକ୍ରୀ ପାଇଁ ତମ ବାପା ଆମକୁ ବାଧ୍ୟ କରି ପାରିବେ ନାହିଁ—ବୋଉ ଏଥିପାଇଁ ମୋ ବାହାଘର ପାଇଁ ବ୍ୟଗ୍ର ହୋଇ ଉଠିଛି । —ଅରୁଣିମା କଥା ଶେଷ କରି ଅନୁସନ୍ଧିତ୍ସୁ ଦୃଷ୍ଟିରେ ପ୍ରଣବ ଆଡ଼କୁ ଗ୍ହିଁଲା ।

ପ୍ରଣବ ଚୁପ୍ ହୋଇ ଠିଆ ହେଲା । କିଛି ଉତ୍ତର ଦେଲାନାହିଁ । ଅପରାହ୍ଣ ମଉଳି ସଞ୍ଜ ହୋଇଗଲା । ଗ୍ରରିଆଡୁ ଅନ୍ଧକାର ଘୋଟି ଆସିଲା ।

ଅରୁଣିମା କହିଲା : ସନ୍ଧ୍ୟା ହେଲା । ବୋଉ ମତେ ଖୋଜୁ ହେଉଥିବ । ମୁଁ ଯାଉଛି ।

: ଅରୁ ! କିଛି ସମୟ ଆଗରୁ ତତେ ଯେ କହୁଥିଲି, ମୁଁ ଦୁଇବର୍ଷ ପରେ ଗାଁକୁ ଫେରି କାହାକୁ ଚିହ୍ନି ପାରୁନି—ସେ ଅଶିକ୍ଷିତ ଲୋକଙ୍କ ଭିତରେ ମୋ ବାପା ହେଉଛନ୍ତି ପ୍ରଧାନ ବ୍ୟକ୍ତି । ରାଜନୈତିକ କ୍ଷମତା, ଅର୍ଥର ପ୍ରଲୋଭନ ତାଙ୍କୁ ଏକ

Digitized by PPRACHIN, SOA

ଅଲଗା ପ୍ରକାର ମଣିଷ କରି ଦେଇଛୁ । ମଣିଷ ନୁହେ ଅମଣିଷ । ଲୋଭ ତାଙ୍କର ଆଜି ସର୍ବବ୍ୟାପୀ । ତାଙ୍କ ହୃଦୟରୁ ସମସ୍ତ ପ୍ରକାର ସ୍ନେହ ସହାନୁଭୂତି ଶେଷ ହୋଇ ଯାଇଛି, ଜାଣୁନା-ଆଜିକାଲି ବାପା ବୋଉକୁ ମଧ୍ୟ ଭଲ ପାଆନ୍ତି ନାହିଁ । ତାର ଚିକିତ୍ସା ପାଇଁ ଟଙ୍କା ପଇସା ଖର୍ଚ୍ଚ କରନ୍ତି, ଚାକରାଣୀ ଦ୍ୱାରା ତାର ସେବା କରାନ୍ତି । ନିଜେ ତାର ଭଲମନ୍ଦ ବୁଝନ୍ତି ନାହିଁ । ଏଇ କଥା କହି ବୋଉ ଖୁବ୍ କାନ୍ଦୁଥିଲା ।

—କଥା କହୁ କହୁ ପ୍ରଣବ କାନ୍ଦି କାନ୍ଦି ପକାଇଲା ।

ସାଢ଼େ ପାଞ୍ଚଫୁଟ ଲମ୍ବର ହୃଷ୍ଟ ପୁଷ୍ଟ ଜଣେ ଯୁବକ ବଗିଚା ଭିତରେ ସନ୍ଧ୍ୟାର ଅନ୍ଧକାରରେ ଠିଆ ହୋଇ କାନ୍ଦୁଥିବାର ଦୃଶ୍ୟ ଦେଖି ଅରୁଣିମା ବଡ଼ ଭୟଭୀତ ହୋଇ ପଡ଼ିଲା । ସେ ପ୍ରଣବର ନିକଟବର୍ତ୍ତୀ ହୋଇ କହିଲା : ଛି, ତମେ ପିଲାଙ୍କଭଳି କାନ୍ଦୁଛ ?

ନିଜ ଆଖିର ଲୁହ ନିଜେ ରୁମାଲରେ ପୋଛି ନେଇ ପ୍ରଣବ କହିଲା : ନା, କାନ୍ଦୁନି, ଯାହାର ବାପା ଅମଣିଷ, ସ୍ୱାର୍ଥପର, ଅର୍ଥଲୋଭୀ ତାର ପୁଅ ଆଖିରେ ଅଶ୍ରୁ, କାହାର ବିଶ୍ୱାସଯୋଗ୍ୟ ହେବାର କଥା ନୁହେଁ ।

ଅରୁଣିମା କ୍ଷୀଣ କଣ୍ଠରେ ପ୍ରତିବାଦ କଲା : ଛି, ଏସବୁ କଣ କହୁଛ !

Digitized by PPRACHIN, SOA

ସେଦିନ ଉଦ୍ ଉଦିଆ ଖରାବେଳେ ଅରୁଣାର ମାମୁଁ ଆସି ମଧୁପାଟଣ ଗାଁ କିଆ ଗୋହିରୀ ଡେଇଁ ଗାଁ ଦାଣ୍ଡରେ ପାଦ ଦେଲା ବେଳକୁ ସ୍ନେହମୟୀ ହେଁସ ଦେହରେ ଧାନ ଶୁଖାଉ ଥିଲେ । ସାନ ଭାଇକୁ ଅବେଳରେ ଦେଖି ତାଙ୍କର ଛାତି ଭିତରେ କଅଣ ଗୋଟାଏ ରକ୍ କିନ ହୋଇଗଲା । ଆଜିକାଲି ଅସମୟରେ କୌଣସି ନିକଟ ଆତ୍ମୀୟଙ୍କୁ ଦେଖିନେଲେ ତାଙ୍କର ଏକ ଅଶୁଭ ଚିନ୍ତା ମନକୁ ଆସିଯାଏ । ବୋଉର ଦେହ ଗତ କେତେ ମାସ ହେଲା ଭଲ ନ ଥିଲା । ସାନ ଭାଇକୁ ଖରାବେଳେ ଦେଖି ସେଇ କଥା ତାଙ୍କର ଆଗ ସ୍ମରଣ ହୋଇଗଲା ।

ସେ ସାନଭାଇକୁ ପ୍ରଶ୍ନକଲେ : ଘରେ ସମସ୍ତଙ୍କ ଦେହ ପା' ଭଲ ଅଛନ୍ତି ?

ନଟବର ଛତା ବାଡ଼ି ଥୋଇ ଦେଇ ଖଣ୍ଡେ ପୁରୁଣା ଖବର କାଗଜକୁ ବିଞ୍ଚଣା ଭାବରେ ବ୍ୟବହାର କରୁ କରୁ କହିଲେ : ହଁ, ସବୁ ଭଲ, ବୋଉର ଦେହ ମଧ୍ୟ ଭଲ ଅଛି । ତା ନ ହେଲେ ଘରୁ ଗୋଡ଼ କାଢ଼ି ମୁଁ ପଦାକୁ କୁଆଡ଼କୁ ବାହାରି ପାରୁଥିଲି !

ସ୍ନେହମୟୀଙ୍କ ମନରୁ ଦୁଶ୍ଚିନ୍ତାର କଳାମେଘ କଟି ଗଲା । ମୁହଁ ଉଜ୍ଜ୍ୱଳ ଦେଖାଗଲା, ସେ ଘର ଭିତରକୁ ଯାଇ ପାଣି ଢାଳେ ଆଣି ସାନ ଭାଇକୁ ଗୋଡ଼ ହାତ ମୁହଁ ଧୋଇ ଆସିବାକୁ ଉପଦେଶ ଦେଲେ ।

: ଏ ଟାଣ ଖରାବେଳଟାରେ ଏତେ ବାଟ ଚାଲି ଚାଲି ଆସିଲୁ ? ଛୁଇନେଉଟାଣି ବାହାରି ଥିଲେ ଥଣ୍ଡାରେ ଥଣ୍ଡାରେ ତ ମୁହଁ ସଞ୍ଜ ସୁଦ୍ଧା ପହଞ୍ଚି ଯାଇ ଥାଆନ୍ତୁ ।

: ଖବରଟା ପାଇଲା ପରେ ଆଉ ଘରେ ମନ ଲାଗିଲା ନାହିଁ, ଯେତେ ଶୀଘ୍ର

Digitized by PPRACHIN, SOA

ଖଟର ତୋ ପାଖରେ ପଡ଼ିଥାଇ ଡାଏ, ସେତେମଙ୍ଗଳ । ଶାନ୍ତନୁ ଖାଇ ଗଲା ବେଳେ ଅରୁ ବୋଝ ମୋ ମୁଣ୍ଡରେ ଲଦି ଦେଇ ଯାଇଛନ୍ତି । ସେ ବୋଝ ନଓହ୍ଲାଇଲା ଯାଏ ମୋର ଆଉ ବିଶ୍ରାମ କାହିଁ ?—ନଟବର ମୁହଁରେ ପାଣିଗୁଣ୍ଡି ପାଚିଲା ଗାମୁଛାରେ ମୁହଁ ପୋଛୁ ପୋଛୁ ଉତ୍ତରଦେଲେ ।

ସ୍ନେହମୟୀ ବୁଝି ପାରିଲେ ଅରୁଣାର ବିବାହ ସମ୍ପର୍କରେ କୌଣସି ପ୍ରସ୍ତାବ ନେଇ ନଟ ତାଙ୍କ ପାଖକୁ ଛୁଟି ଆସିଛୁ । ସେ ଆଗ୍ରହୀ କଣ୍ଠରେ ପ୍ରଶ୍ନକଲେ—

: କେଉଁଠି କିଛୁ ସ୍ଥିର ହେଲା ?

: ହଁ—ହେଲାଭଳି ଲାଗୁଛି । କିନ୍ତୁ ଠିକ୍ କିଛି କହିହେବ ନାହିଁ । ଅରୁର ରୂପ ଗୁଣ କଥା ଶୁଣି ଯେଉଁମାନେ ରାଜି ହେଉଛନ୍ତି, ଯୌତୁକ କଥା ଉଠିଲା ବେଳକୁ ଉଠି ଯାଉଛନ୍ତି, ଏଥର କଅଣ ହେଉଛି କେଜାଣି ! ମୁଁ ଯୌତୁକ କଥା ମୂଳରୁ କହି ରଖିଛି ।—ନଟବର ବଡ଼ ଭଉଣୀକୁ ସାନ୍ତ୍ୱନା ଦେଲେ ।

: କିନ୍ତୁ ବର୍ଷ ନ ପୂରିଲେତ ବାହାଘର ହୋଇ ପାରିବ ନାହିଁ !—ସ୍ନେହମୟୀ ସ୍ୱାମୀଙ୍କ ମୃତ୍ୟୁ କଥା ସାନ ଭାଇକୁ ସ୍ମରଣ କରାଇ ଦେଇ ଆଖିରୁ ଲୁହ ପୋଛିଲେ ।

: ଆଜି କାଲି ଏ ସବୁ କଥାକୁ କେହି ଗଣ୍ଡି ପକାଇ ଧରି ବସେ ନାହିଁ । ଯଦି ବରପକ୍ଷ ରାଜି ହୁଅନ୍ତି, ଆମେ ଆପତ୍ତି କରିବା କାହିଁକି ? ଯେତେ ଶୀଘ୍ର ଏସବୁ ଝାମେଲା ତୁଟେ ସେତେ ଭଲ । ଦିନକୁ ଦିନ ଝିଅଟା କଳା ପଡ଼ି ଯାଉଛି—। ନଟବର ସ୍ନେହମୟୀଙ୍କୁ ବାହାଘର ପାଇଁ ରାଜି କରିବାକୁ ଉଦ୍ୟମ କଲେ ।

ସ୍ନେହମୟୀ ସାଙ୍ଗେ ସାଙ୍ଗେ ହଁ କି ନାହିଁ କିଛି କହିଲେ ନାହିଁ ।

ସାନଭାଇ ସପ ଉପରେ କାହିଁକି ଆଉଜି ବସିବା ପରେ ସେ ତାଳ ପତ୍ର ବିଞ୍ଚଣାରେ ତାକୁ ବିଞ୍ଚି ବସିଲେ ।

ଝିଅକୁ ଏତେ ଶୀଘ୍ର ବାହା କରି ଦେବେ କି ନାହିଁ, ସେ ଏ ପର୍ଯ୍ୟନ୍ତ ମନ ସ୍ଥିର କରି ପାରି ନାହାନ୍ତି । ତରତର ହୋଇ ବୋଝ ଉଠାଇବା ନାମରେ ଅରୁଣାକୁ ଅପାତ୍ରରେ ଦେଇ ଦେବା ପାଇଁ ତାଙ୍କର ଆଦୌ ଇଚ୍ଛା ନାହିଁ । ବାପା ନାହାନ୍ତି ବୋଲି ତାକୁ ଖରାପ ଯାଗାରେ ଛନ୍ଦି ଦିଆ ଯାଇଛି, ଏ ଧାରଣା ଝିଅକୁ ସେ ଦେବାକୁ ଚାହାନ୍ତି ନାହିଁ । ନଅଟା ନୁହେଁ କି ଛଅଟା ନୁହେଁ, ଗୋଟିଏ ବୋଲି ଝିଅ, ବୟସ ମଧ୍ୟ ସେମିତି କିଛି ବଳେଇ ପଡ଼ି ନାହିଁ । ତର ତର ହୋଇ ଲାଭ କ'ଣ ?

Digitized by PPRACHIN, SOA

ରବିବାର, ସ୍କୁଲ୍ ଛୁଟି । ଅରୁଣା କୁଆଡ଼େ ସାହିକୁ ବୁଲି ଯାଇଥିଲା । ହାତରେ ଗୋଟାଏ ଉଲ୍ ବଲ୍ ଆଉ କୁରୁସ୍ । ସେ ଭିତରକୁ ପଶି ଆସି ଦ୍ୱାର ମୁହଁ ପାଖରେ ମାମୁଁଙ୍କୁ ଦେଖି ଜିଭ କାମୁଡ଼ି ପକାଇଲା । ତା'ପରେ ନିଜ ଦେହର ଶାଢ଼ୀକୁ ଭଲ କରି ସଜାଡ଼ି ନେଇ ମାମୁଁଙ୍କୁ ଆଭୂମି ପ୍ରଣତ ଜଣାଇ ସାରି ଘର ଭିତରକୁ ଚାଲିଗଲା ।

ନଟ ମାମୁଁ ଅରୁଣିମା ଆଡ଼କୁ ଚାହିଁ ଦୃଷ୍ଟି ଫେରାଇ ଆଣିଲେ । ଝିଅଟା ଏଇ ଦୁଇ ମାସ ମଧ୍ୟରେ ଝଙ୍କି କଣ୍ଢା ହୋଇ ଗଲଣି । ଆଗର ସତେଜ ସରାଗ ଆଉ ନାହିଁ । ନଥିଲା ଘର । ମିଛରେ କାହିଁକି ମାଆ ଭାଇଙ୍କ ପାଖରେ ପଡ଼ି ରହି ଯାଣ୍ଡି ହେବ ? ଏଣିକି ତାର ଘର ସଂସାର ସେ କରୁ, ଭଲ ଘରକୁ ବେହ୍ନୁ ହୋଇଗଲେ ଭଲରେ ମନ୍ଦରେ ବୁଢ଼ୀ ଏତ ମାଆ, ଭାଇଙ୍କୁ ସାହାଯ୍ୟ କରି ପାରେ ! ସାନ ଭାଇ ମୁଣ୍ଡକୁ ହାତ ପାଇବା ପର୍ଯ୍ୟନ୍ତ ମାକୁ ଦେଖା ଶୁଣା କରି ପାରେ !

ସାନ ଭାଇର ମନର ଭାବନା ସ୍ନେହମୟୀ ଅନୁମାନ କରି ପାରିଲେ ।

ପଚାରିଲେ : କେଉଁଠି ପ୍ରସ୍ତାବ ପକାଇଛୁ, ସବୁ ଆଡ଼ୁ ତୋ ମନକୁ ପାଇଛି ତ ?

ନଟବର ଉତ୍ତର ଦେଲେ : ଥିଲିବାଲିଘର । ଏ ବର୍ଷ କୋଠା ଘର ତୋଳୁଛନ୍ତି, ବଡ଼ଭାଇ କଂଟ୍ରାକ୍ଟର । ହାତରେ କଞ୍ଚା ପଇସା । ଯାହା ବିଷୟରେ ଅରୁର ପ୍ରସ୍ତାବ ପଡ଼ିଛି, ସେ ପିଲାଟି ଓଭରସିଅର୍ । ଆଜି କାଲି ଓଭରସିଅର୍ ମାନେ କୁଆଡ଼େ ଇଂଜିନିୟରଙ୍କ ଠାରୁ ବେଶୀ ପଇସା ରୋଜଗାର କରୁଛନ୍ତି । ପିଲାଟିର ସ୍ୱଭାବ ଚରିତ୍ର ମଧ୍ୟ ଭଲ, କିନ୍ତୁ····

କଥା ଅଧାରଖି ସେ ଇତଃସ୍ତତ ହେଲେ ।

କଥାଟା କିନ୍ତୁରେ ଅଧା ରଖି ଦେବାରୁ ସ୍ନେହମୟୀ ମଧ୍ୟ ଚିନ୍ତାରେ ପଡ଼ିଗଲେ । ପଚାରିଲେ : କିନ୍ତୁ ଆଉ କ'ଣ ?

: ପିଲାଟିର ରଙ୍ଗ ଟିକିଏ ମଇଳା । ମଇଳା କାହିଁକି; ବେଶ କଳା । ସବୁ ଗୁଣ ଭିତରେ ସେଇ ଗୋଟିଏ ଖୁଣ !— ନଟବର ବଡ଼ଭଉଣୀ ପାଖରେ କିଛି ଗୋପନ ରଖିଲେ ନାହିଁ ।

ପାତ୍ରର ରଙ୍ଗ କଥା ଶୁଣି ସ୍ନେହମୟୀଙ୍କ ମନ ମଉଳି ଗଲା । ମୁହଁ ଝାଉଁଳି ଗଲା ।

Digitized by PPRACHIN, SOA

ନଟବରଙ୍କ ଦୃଷ୍ଟିରୁ ସେ ମଳିନ ମନର ଦୃଶ୍ୟ ଅଛପା ରହିଲା ନାହିଁ । ସେ କହିଲେ : ପୁରୁଷ ପୁଅ । ଦେହର ରଙ୍ଗକୁ ଧରି ବସିଲେ ତ ଚଳିବ ନାହିଁ ଅପା ! ଆଜିକାଲି ସଂସାରରେ ଏମିତି କେଉଁଠୁ ପାତ୍ରଟିଏ ପାଇବା ଯାହାର କୌଣସି ଖୁଣ ନ ଥିବ !

ସ୍ନେହମୟୀ କହିଲେ : ସେ କଥା ମୁଁ କହୁ ନାହିଁ ନଟ ! ଆମେ ଚେଷ୍ଟା କରିବା, ତା ଭାଗ୍ୟରେ ଯାହା ଥିବ ହେବ, ଝିଅକୁ ଜନ୍ମ ଦେଇଛୁ ବୋଲି ତ କର୍ମ ଦେଇନୁ, ତୁ କଣ ସେମାନଙ୍କୁ କଥା ଦେଇଛୁ ?

: ତତେ ନ ପଚାରି, ଅରୁର ମତ ନନେଇ ମୁଁ ପକ୍କା ଜବାବ ଦେଇଦେବି ? ତୁ କ'ଣ ମତେ ଏଡ଼େ କଞ୍ଚା ମଣିଷ ଭାବିଛୁ ? —ନଟବର ବଡ଼ ଭଉଣୀକୁ ଆଶ୍ୱାସନା ଦେଲେ ।

ତା'ପରେ ଦୁଇ ଭାଇ ଭଉଣୀ ଚୁପ୍ ଚାପ୍ ।

ଘର ଭିତରେ କୁଚୁସ୍ କଣ୍ଢାରେ ସାନଭାଇ ପାଇଁ ଉଲ୍‌ରେ ସ୍ୱେଟର ବୁଣୁଥିଲେ ମଧ୍ୟ ଅରୁଣା ଉତ୍କଣ୍ଠି ହୋଇ ବୋଉ ଓ ମାମୁଁଙ୍କ କଥୋପକଥନ ଶୁଣୁଥିଲା । ତା ଛାତି ଭିତରେ କମ୍ପନ, ମନ ଭିତରେ ଆଲୋଡ଼ନ । ତାର ମନେ ହେଉଥିଲା, ତାକୁ ନ ପଚାରି ତାର ଭବିଷ୍ୟତକୁ ମାମୁଁ ଯେପରି କେଉଁ କୃଷ୍ଣକାୟ ଓଭରସିଅର୍‌କୁ ନିଲାମ ଦେଇ ଦେଉଛନ୍ତି !

ସ୍ନେହମୟୀ ନୀରବତା ଭଙ୍ଗ କଲେ : ମୁଁ ଥରେ ପାତ୍ରକୁ ଦେଖିବାକୁ ଚାହେଁ । ଦେଖି ସାରିଲେ କଥା ଦେବା ।

: ଏକା ତୁ କାହିଁକି ? ଅରୁ ମଧ୍ୟ ଦେଖୁ । ସେମାନେ ଅରୁକୁ ଦେଖିବାକୁ ଆସିବେ; ସେତିକବେଳେ ଦେଖାଚାହାଁ ହୋଇଯିବ । ଝିଅ ଫେମାନଙ୍କ ମନକୁ ନ ପାଇବାର କିଛି କାରଣ ନାହିଁ । ଯୌତୁକ କଥା ତ ମୁଁ ମୂଳରୁ କହି ଦେଇଛି—ଆମେ କିଛି ଦେଇ ପାରିବୁ ନାହିଁ ।

ନଟବର ଯୌତୁକ ପ୍ରସଙ୍ଗର ପୁନରାବୃତ୍ତି କଲେ ।

ସ୍ନେହମୟୀ ସାନ ଭାଇକୁ ତଥାରିଲେ : ଯୌତୁକ ନ ଦେବା କାହିଁକି ? ଝିଅକୁ କଣ ମୁଁ ଖାଲି ଦେହ, ଖାଲି ହାତରେ ବିଦା କରିବି ? ସେମାନେ କିଛି ନ ମାଗିଲେ

Digitized by PPRACHIN, SOA

ମଧ୍ୟ ମୁଁ ଯାହା ମନେ ମନେ କଳ୍ପନା କରି ରଖିଛି, ସବୁ ଦେବ, ଦରକାର ହେଲେ ଜମି କିଛି ବନ୍ଧକୀ ହେବ, ହେଉ !

: ଆଉ ଅନୁ ! ଜମିତକ ଏକା ମାତ୍ର ସମ୍ବଳ, ସେତକ ବନ୍ଧକୀ କରି ଦେଲେ ଅନୁର ଭବିଷ୍ୟତ ? —ଦେବର ଭଉଣୀ କଥା ସ୍ମରଣ କରାଇ ଦେଲେ ।

ସ୍ନେହମୟୀଙ୍କ କଣ୍ଠସ୍ୱର କଠିନ ହୋଇଗଲା । ମୁହଁର ରେଖା ଗୁଡ଼ିକ ଏକ ଅପୂର୍ବ ଦୀପ୍ତିରେ ଝଲସିତ ହୋଇ ଉଠିଲା ।

ସେ କହିଲେ : ଅନୁ ଅଣ୍ଡିରାପୁଅ । ତା ପାଇଁ ମୋର ଚିନ୍ତା ନାହିଁ । ଯଦି ପାଠ ଶାଠ ପଢ଼ି ମଣିଷ ହେବ, ଭଲରେ ରହିବ, ବାପ ନାଁ ରଖିବ । ଯଦି ଅମଣିଷ ହେବ, ଭିକ ମାଗି ଖାଇବ, ସେଥିପାଇଁ ମୋର ଦରକା ନାହିଁ । କିନ୍ତୁ ଅରୁର ବାହାଘର ମୁଁ ଭଲ କରି କରିବି, ବାହାର ଲୋକ ଯେମିତି କେହି ନ କହନ୍ତି ଯେ ବାପା ନାହିଁ ବୋଲି ଝିଅଟାକୁ ତାର ମାଆ ପରିବା ବୋଝ ଭଳି ଅନ୍ୟ ମୁଣ୍ଡକୁ ଉଠାଇ ଦେଲା !

ବୋଉର କଥା ଶୁଣି ଅରୁଣିମାର ଆଖି ଛଳ ଛଳ ହୋଇ ଆସିଲା । ଛାତି ଭିତରେ କମ୍ପନ ଏକ କରୁଣ ରାଗିଣୀରେ ଅନୁରଣିତ ହୋଇ ଉଠିଲା ।

ସେ ଘର ଭିତରୁ ଉଠି ଯାଇ ଦ୍ୱାର ମୁହଁ ପାଖରେ ଠିଆ ହୋଇ କହିଲା : ବୋଉ । ମାମୁଁଙ୍କ ସାଙ୍ଗରେ ବସି ଖାଲି ଗପ କରୁଥିବୁ, ତାଙ୍କ ଖାଇବା କଥା ବୁଝିବୁ ନାହିଁ ? ମାମୁଁ ତ ସକାଳ ପହରୁ ବାହାରିଥିବେ—

ସ୍ନେହମୟୀ ଚମକି ଉଠି କହିଲେ : ସତେତ ! ଆରେ ନଟ ! ମୋର କିଛି ମନେ ରହୁନି ବୋଲି, ତତେ କ'ଣ ଭୋକ ହେଉନି ? ତୁ କଅଣ ଏ ଘରେ କୁଣିଆ ? ଉଠ୍—ଉଠ—ଯାହା ପଖାଳ ପାଣି ଅଛି ଖାଇଦେ—ଅରୁ, ବାଇଗଣ ଦୁଇଟା ଭାଜି ଦେଲୁ !

ଅରୁଣିମା କରୁଣ କଣ୍ଠା ଥୋଇଦେଇ ଲୁହା ଖରିକା ମାଜି ବସିଲା ।

Digitized by PPRACHIN, SOA



ଆଗେ ଯେପରି ଥିଲା ପ୍ରତି ଗ୍ରାମରେ ଗୋଟିଏ ଦେବାଳୟ, ଆଜିକାଲି ସେହିପରି ଶିକ୍ଷାଳୟ, ସ୍କୁଲ । ମଧୁପାଟଣା ଗାଁରେ ଥିବା ନିମ୍ନ ପ୍ରାଥମିକ ସ୍କୁଲଟି ସରକାରୀ ଉଦ୍ୟମରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହୋଇଥିଲା । ଗାଁ ଶେଷ ମୁଣ୍ଡରେ ଛପର ଘୂଲ ଘରଟି ଖରା କାକର ସହି ସହି ଦଦରା ହୋଇଗଲା; କିନ୍ତୁ ୟୁ, ପି, ସ୍କୁଲର କିଛି ଉନ୍ନତି ହେଲା ନାହିଁ । ନିର୍ବାଚନ ବେଳେ ମନ୍ତ୍ରୀମାନେ ଆସି ୟୁ, ପି, ସ୍କୁଲକୁ ମାଇନର ସ୍କୁଲ କରିଦେବେ ବୋଲି ଗାଁ ଲୋକଙ୍କୁ ଭୁଆଁ ବୁଲେଇ ଦେଇ ଯାଆନ୍ତି; କିନ୍ତୁ ମାଇନର ସ୍କୁଲ ପ୍ରସ୍ତାବ ନିର୍ବାଚନ ପରେ ହାଓ୍ୱାରେ ଉଡ଼ି ଯାଏ । ମନ୍ତ୍ରୀ ଆଉ ମଧୁପାଟଣା ଗାଁ କାଦୁଅ ମାଟି ମାଡ଼ନ୍ତି ନାହିଁ । କିନ୍ତୁ ସେଥିପାଇଁ ମନ୍ତ୍ରୀଙ୍କ ପାଖରେ ବସି ପ୍ରତିଶ୍ରୁତି ଆଦାୟ କରିଥିବା ଅଖିଳମୋହନ ବାବୁ ଲୋକଙ୍କ ଠାରୁ ବାର ନିନ୍ଦା ଶୁଣନ୍ତି ।

ଏଣେ ଅଖିଳବାବୁଙ୍କର ଝୁଙ୍କ୍ ହେଲା, ସରକାର ନକଲେ ନାହିଁ, ସେ ନିଜ ଗାଆଁରେ ମାଇନର ସ୍କୁଲ ଖୋଲିବେ । ତାଙ୍କ ଚେଷ୍ଟାରେ ଗାଁ ପାଖରେ ରେଲ-ଗାଡ଼ି ଅଟକିଲା, ଷ୍ଟେସନ ହେଲା, ଆଉ ୟୁ, ପି ସ୍କୁଲଟା ମାଇନର ସ୍କୁଲ ହେବନାହିଁ !

ଥରେ ଜିଦ୍ ଲାଗିଗଲେ ଅଖିଳବାବୁ ଖିଆପିଆ ଭୁଲି ଯାଆନ୍ତି । ମାଇନର ସ୍କୁଲ ସ୍ଥାପନ କରିବାର ନିଶା ତାଙ୍କୁ ପାଗଳ କରିଦେଲା । ସେ ନିଜ ପୋଖରୀର ମାଛବିକା ଟଙ୍କା ପାଞ୍ଚହଜାର ଦାନ କରି ମାଇନର ସ୍କୁଲ ପାଇଁ ଗୋଟାଏ ଟିଣ ଛପର ଘର କରି ଠିଆ କରିଦେଲେ । ଗାଁ ଗାଁ ବୁଲି ଯେଉଁମାନଙ୍କର ପିଲାମାନେ ୟୁ, ପି ସ୍କୁଲରୁ ପାଠ ଶେଷ କରି ଘରେ ବସି ଅନ୍ଧୁଲି ଖଇଁଚ ବୁଣୁଥିଲେ କି ଗୃହବାସ କରୁଥିଲେ, ସେମାନଙ୍କୁ ଧରି ଆଣି ସ୍କୁଲ ଉପସ୍ଥାନ ଖାତାରେ ନାମ ଲେଖାଇ ଦେଲେ । ପ୍ରଥମେ

Digitized by PPRACHIN, SOA

ଗାଁରୁ ମାଗିଯାଚି ଚେୟାର ଟେବୁଲ୍, ବେଞ୍ଚସବୁ ଅଣା ଯାଇଥିଲା । ପରେ ମଞ୍ଜି ଧରିଥିବା ଆମ୍ବ, ପଣସ ଗଛ କାଟି ପଟାଚିରି ବଢ଼େଇ ଲଗାଇ ସ୍କୁଲର କାଠ ଫର୍ଣ୍ଣିଚର ତିଆରି ହୋଇଗଲା । ଆରମ୍ଭ ହେଲା ମଧୁପାଟଣା ମାଇନର ସ୍କୁଲ୍ ।

ସ୍କୁଲ୍ ହେଲା ଦିନୁ କେତେ ଦଳ ଛାତ୍ର ମାଇନର ପରୀକ୍ଷାରେ ପାଶ୍‌କରି ହାଇସ୍କୁଲ୍‌କୁ ଗଲେଣି । କେତେ ଶିକ୍ଷକ ଅଦଳ ବଦଳ ହେଲେଣି । କେତେ ଚେୟାର, ବେଞ୍ଚ ଭାଙ୍ଗି ନୂଆ ଚେୟାର, ବେଞ୍ଚ ତିଆରି ହେଲାଣି । କିନ୍ତୁ ଏତେ ଅଦଳ ବଦଳ ଭିତରେ ବଦଳି ନାହାନ୍ତି ଏକା ସ୍କୁଲର ସେକ୍ରେଟାରୀ ଅଖିଳ ବାବୁ । ସ୍କୁଲ୍ ଆରମ୍ଭ ହେଲାଦିନୁ ସେ ତାର ସେକ୍ରେଟେରୀ !

ଏଇ ସ୍କୁଲ୍ ସହିତ ତାଙ୍କର ଉପରି ଏକ ନିବିଡ଼ ଆତ୍ମୀୟତା ଗଢ଼ି ଉଠିଛି । ଦିନ ରାତି ସବୁବେଳେ ତାଙ୍କର ଏଇ ସ୍କୁଲ୍ ଚିନ୍ତା । ଆଗେ ସ୍କୁଲରେ ପାଠପଢ଼ିବା ପାଇଁ ଛାତ୍ରମାନଙ୍କୁ ଡାକିବାକୁ ପଡ଼ୁଥିଲା । ସ୍କୁଲରେ ସେମାନଙ୍କ ମନ ଭୁଲାଇବା ପାଇଁ ମାଗଣା ଗଜାମୁଗ—ଗୁଡ଼ ଟିଫିନ୍ ଦିଆଯାଉଥିଲା । ଗଣେଶ ପୂଜା, ଶ୍ରୀପଞ୍ଚମୀରେ ଖିରି, ଖେଚେଡ଼ି କରି ଭୋଜି ଦିଆ ଯାଉଥିଲା । ଏସବୁ ଖର୍ଚ୍ଚ ବହନ କରୁଥିଲେ ଅଖିଳ ବାବୁ । ଆଜିକାଲି ଗ୍ରାମପାଖ ଗାଁଆରୁ ପିଲାମାନେ ସ୍କୁଲରେ ନାମ ଲେଖାଇବା ପାଇଁ ଏତେ ଭିଡ଼ କରନ୍ତି ଯେ, ସେମାନଙ୍କ ଭିତରୁ ବାଛି ବାଛି ଭଲ ପିଲାଙ୍କୁ ଗ୍ରହଣ କରାଯାଏ, ଅନେକ ପିଲା ନିରାଶ ହୋଇ ଫେରି ଯାଆନ୍ତି । ପିଲାଙ୍କ ସଂଖ୍ୟା ବଢ଼ିବା ଫଳରେ ମୁଗଭଜା ଗୁଡ଼ ଜଳଖିଆ ବନ୍ଦ ହୋଇଯାଇଛି । ଗଣେଷ ପୂଜା, ଶ୍ରୀପଞ୍ଚମୀରେ ଖିରି-ଖେଚୁଡ଼ି ବଦଳରେ ଚୂଡ଼ାଘସା ଚାଲୁ ହୋଇଛି !

ସ୍କୁଲରେ ପ୍ରଧାନ ଶିକ୍ଷକ ବାସୁବାବୁଙ୍କୁ ଛାଡ଼ିଦେଲେ ଦୁଇଜଣ ଶିକ୍ଷକ, ଦୁଇ-ଜଣ ଶିକ୍ଷୟିତ୍ରୀ, ଶାନ୍ତନୁବାବୁଙ୍କ ଝିଅ ଅରୁଣିମା ଶିକ୍ଷୟିତ୍ରୀ ରୂପରେ ଯୋଗଦେବାର ଅନେକ ଆଗରୁ ସ୍କୁଲରେ ଜଣିଏ ମାତ୍ର ଶିକ୍ଷୟିତ୍ରୀ ଥିଲେ—ଭାଗ୍ୟଦେବୀ ।

ଅରୁଣିମା ଶିକ୍ଷୟିତ୍ରୀ ଭାବରେ ଯୋଗଦେବା ପରେ ଛାତ୍ର, ଶିକ୍ଷକ ସମସ୍ତଙ୍କ ମନରେ ଆନନ୍ଦ ଓ ସହାନୁଭୂତି ସଞ୍ଚାରିତ ହୋଇଥିବା ବେଳେ ଭାଗ୍ୟଦେବୀହିଁ କେବଳ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ । ତାଙ୍କର ନିଜର ଜଣେ ଆତ୍ମୀୟାକୁ ସେ ଅରୁଣିମା ବଦଳରେ ନିଯୁକ୍ତ ଦେବ ପାଇଁ ହେଡ୍‌ମାଷ୍ଟରଙ୍କୁ ଅନୁରୋଧ କରିଥିଲେ ।

ଭଦ୍ରମହିଳା ବଡ଼ ଅସହିଷ୍ଣୁ, ଈର୍ଷାର ମୂର୍ତ୍ତିମନ୍ତ ଦେବୀ । ବିବାହର ସାତବର୍ଷ

Digitized by PPRACHIN, SOA

ପରେ ମଧ୍ୟ ଜନନୀ ହୋଇ ନାହାନ୍ତି । ଆଇ, ଏ, ପରେ ସି, ଟି, ଟ୍ରେନିଂ ପାଶ୍ କରିଛନ୍ତି, କିନ୍ତୁ ତାହାର ସୁଖ, ସମ୍ପଦ ସେ ଦେଖି ସହି ପାରନ୍ତି ନାହିଁ । ଅରୁଣିମା ଶିକ୍ଷୟିତ୍ରୀ ଭାବରେ ଯୋଗ ଦେବାର ଦୁଇଦିନ ପରେ ଗଣିତ ସାର୍ ନୀଳାମ୍ବର ବାବୁ ତାକୁ ସାବଧାନ କରି ଦେଇଥିଲେ—

: ଅରୁଣିମା ଦେବି ! ଆପଣ ମିସେସ୍ ଛୁସ୍ମା ଦାସଙ୍କ ସହିତ କଥାବାର୍ତ୍ତା କଲାବେଳେ ଟିକିଏ ଜଗି ରଖି କଥାବାର୍ତ୍ତା କରୁଥିବେ । ତା ନ ହେଲେ ବିପଦରେ ପଡ଼ିବେ ।

ଅରୁଣିମା ନୀଳାମ୍ବର ବାବୁଙ୍କ କଥାର ରହସ୍ୟ ବୁଝି ନ ପାରି ଦ୍ୱନ୍ଦ୍ୱରେ ପଡ଼ି ଯାଇଥିଲା । କିଛି ବୁଝି ନ ପାରିଲା ଭଳି ନିର୍ବୋଧ ଦୃଷ୍ଟିରେ ଗଣିତ ସାର୍ଙ୍କୁ ଅନାଇ ରହିଥିଲା ଅନେକ ସମୟ । ନୀଳାମ୍ବର ବାବୁ ମୃଦୁହସି ଖୁବ ଚୁପା କଣ୍ଠରେ କହିଥିଲେ—

: ଆପଣ ଖୁବ ସରଳ ପ୍ରକୃତିର ଝିଅ, ସେଥିପାଇଁ ଆପଣଙ୍କୁ ସତର୍କ କରି ଦେଲି । ଏ ମାଇନର ସ୍କୁଲଟି ଆକାରରେ ଛୋଟ ହେଲେବି ପ୍ରକାରରେ ଖୁବ ଜଟିଳ । ମିସେସ୍ ଦାସ୍ ହେଡ୍‌ମାଷ୍ଟ୍ରଙ୍କ ଗୁପ୍ତଚର; ଇଂରେଜୀରେ ଯାହାକୁ କହନ୍ତି ସ୍ପାଇ । ଆପଣ ଯାହା କହିବେ, ଆପଣଙ୍କ ତୁଣ୍ଡରୁ କଥା ଶେଷ ନ ହେଉଣୁ ହେଡ୍‌ମାଷ୍ଟ୍ରଙ୍କ କାନରେ ତାହା ପହଞ୍ଚିଯିବ ।

ଅରୁଣିମା ଗଣିତ ସାର୍ଙ୍କ କଥା ଶୁଣିଥିଲା, କିନ୍ତୁ ବିଶ୍ୱାସ କରି ନ ଥିଲା । ନିଜେ ଅନ୍ୟର ଅମଙ୍ଗଳ କାମନା ନ କଲେ ତାର କେହି ଅଶୁଭ ମନାସିବେ ନାହିଁ, ଏଇପରି ଏକ ଧୂଆଁଳିଆ ଧାରଣା ତା ମନକୁ ଆଚ୍ଛନ୍ନ କରିଥିଲା ।

କିନ୍ତୁ ଦିନେ ତାର ସେ ଧାରଣା ଅଦଳ ବଦଳ ହୋଇଗଲା । ଗ୍ରାମ ମାଇନର ସ୍କୁଲରେ ଶିକ୍ଷୟିତ୍ରୀ ଭାବରେ ଯୋଗଦେଲା ବେଳେ ତା ମନରେ ଯେଉଁ ସ୍ୱପ୍ନଥିଲା, ସେ ସ୍ୱପ୍ନ ତାର ଭାଙ୍ଗି ଚୂନା ହୋଇଗଲା । ସେ ବୁଝି ପାରିଲା, ଈର୍ଷା, ଅସହିଷ୍ଣୁତା ଆଉ ପରଶ୍ରୀକାତରତାରେ ସ୍କୁଲର ପବିତ୍ର ବାତାବରଣ ଦୂଷିତ ହୋଇ ଯାଇଛି ।

ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ଛୁସ୍ମାଦେବୀଙ୍କର ଟ୍ରେନିଂ ସତ୍ତ୍ୱେ ପିଲାମାନଙ୍କୁ କଠିନ ଦଣ୍ଡ ନଦେଲେ ଯେ ପାଠ ପଢ଼ାଇ ହୁଏ ନାହିଁ, ଏ ଧାରଣା ତାଙ୍କର ଥିଲା ବଦ୍ଧମୂଳ । ଥରେ ସେ ଗୋଟିଏ ରୁଗ୍ଣ ପିଲାକୁ ବେତରେ ପିଟିଲା ବେଳେ ସେ

Digitized by PPRACHIN, SOA

ବିକଳ ହୋଇ ବାହୁଥିଲା । ଅରୁଣା ଧୈର୍ଯ୍ୟ ଧରି ନ ପାରି ନିଜ ପଣତ କାନିରେ ତା ଆଖିର ଲୁହ ପୋଛି ଦେଲା । ବାସ୍, ସେଇ ଗୋଟିଏ ଘଟଣାରେ ସ୍ଥାସ୍ଥ୍ୟାଦେବୀ ପ୍ରଜ୍ୱଳିତ ଅଗ୍ନି ଭଳି ରାଗ ଆଉ କ୍ରୋଧରେ ଜଳି ଉଠିଲେ, ସେଇ ଘଟଣା ଦୁଇ ସହକର୍ମିଣୀଙ୍କ ମଧ୍ୟରେ ସୃଷ୍ଟି କରି ଦେଲା ଦୁଇ ସଉତୁଣୀର ଶତ୍ରୁତା !

ପରେ ଗଣିତ ସାର୍‌ଙ୍କ ଠାରୁ ଅରୁଣିମା ଶୁଣିବାକୁ ପାଇଲା, ସ୍ଥାସ୍ଥ୍ୟାଦେବୀ ହେଡ୍‌ମାଷ୍ଟରଙ୍କ ଆଗରେ ଅଭିଯୋଗ କରିଛନ୍ତି, ଛାତ୍ର ଛାତ୍ରୀମାନଙ୍କୁ ମୁହଁ ଦେଇ ସେ କୁଆଡ଼େ ସେମାନଙ୍କୁ ନଷ୍ଟ କରି ସାରିଲାଣି । ସ୍କୁଲରେ ଆଉ ଡିସିପ୍ଲିନ୍ ନାହିଁ । ଛାତ୍ର ଛାତ୍ରୀମାନଙ୍କ ମନରେ ଲୋକପ୍ରିୟ ଶିକ୍ଷୟିତ୍ରୀ ହେବା ପାଇଁ ସେ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ହେୟଜ୍ଞାନ କରୁଛି ।

ଗଣିତ ସାର୍‌ଙ୍କ ପାଖରୁ ଏ ସବୁ କଥା ଶୁଣିମଧ୍ୟ ଅରୁଣିମା ତାହା ଦେହକୁ ନେଇ ନ ଥିଲା । ମୁହଁରେ ହସର ଆଲୋଡ଼ନ ସୃଷ୍ଟି କରି ନୀଳାମ୍ବର ବାବୁଙ୍କୁ କହିଥିଲା—

: ମାଡ଼ ଖାଇ ବିକଳ ହୋଇ କାନ୍ଦୁଥିବା ଗୋଟିଏ ପିଲାର ଆଖିରୁ ମୁଁ କେବଳ ଲୁହ ପୋଛି ଦେଇ ନଥିଲି; ତାକୁ ମଧ୍ୟ ସାବଧାନ କରି ଦେଇଥିଲି, ସ୍ଥାସ୍ଥ୍ୟାଦେବୀ ପାଠ ପଢ଼ାଉଥିଲା ବେଳେ ଯେ କୌଣସି କାରଣରୁ ହେଉନା କାହିଁକି, ସେ କ୍ଲାସ ଭିତରେ ବସି ହସିବା ଉଚିତ୍ ନୁହେଁ । ତେଣୁ ମୁଁ ତାକୁ ମୁହଁ ଦେଇ ନାହିଁ କି ଅନ୍ୟ କାହା ପ୍ରତି ହେୟଭାବ ଦେଖାଇ ନାହିଁ । ଦେଖା ହେଲେ ମିସେସ ଦାସଙ୍କୁ ମୁଁ ଏକଥା ବୁଝାଇଦେବି, ସେ ଯଦି ମତେ ଭୁଲ ବୁଝି ଥାଆନ୍ତି ତେବେ ତାଙ୍କ ପାଖରେ କ୍ଷମା ମାଗିନେବି ।

ନିଜର କଥା ରଖିଥିଲା ଅରୁଣିମା ।

କୌଣସି ଦୋଷ କରି ନ ଥିଲେ ସୁଦ୍ଧା ସ୍ଥାସ୍ଥ୍ୟାଦେବୀଙ୍କ ପାଖରେ ସେ କ୍ଷମା ପ୍ରାର୍ଥନା କରିଥିଲା । କିନ୍ତୁ ମୁହଁରେ କିଛି କହି ନ ଥିଲେ ମଧ୍ୟ ସ୍ଥାସ୍ଥ୍ୟାଦେବୀ ମନେ ମନେ ତାକୁ କ୍ଷମା କରି ପାରି ନ ଥିଲେ ।

ପ୍ରଣବ ମଧୁପାଟଣା ଆସିବା ପରେ ଅରୁଣିମା ସହିତ ତାର ସମ୍ପର୍କର ନିବିଡ଼ତା ଲକ୍ଷ୍ୟକରି ସ୍ଥାସ୍ଥ୍ୟାଦେବୀଙ୍କ ଆଖିରେ ଈର୍ଷାର ନୀଳ ନିଆଁ ଜଳି ଉଠିଥିଲା । ସ୍କୁଲର ଜଣେ ସର୍ବ-କନିଷ୍ଠା ଶିକ୍ଷୟିତ୍ରୀର ଗଭୀର ପ୍ରଣୟ—ଏକଥା ଭାବିବା ମାତ୍ରେ ତାଙ୍କର ସର୍ବାଙ୍ଗ କଣ୍ଟକିତ ହୋଇ ଯାଉଥିଲା ।

Digitized by PPRACHIN, SOA

ସେଦିନ ସ୍କୁଲକୁ ବାହାରିଲା ବେଳେ ସେ କେତକୀ ଗୁଣ୍ଡି ପକାଇ ଲବଙ୍ଗମାରି ହେଡ୍‌ମାଷ୍ଟରଙ୍କ ପାଇଁ ଗ୍ଯରିଖଣ୍ଡ ଭଲ ପାନ ଭାଙ୍ଗିଲେ । ହେଡ୍‌ମାଷ୍ଟର ବାସୁବାବୁ ଖୁବ୍ ପାନ ପ୍ରିୟ ଲୋକ । କେତକୀ ଗୁଣ୍ଡି-ପକା ପାନ ଖ୍ଯରିଖିଲି ପ୍ରତିଦିନ ଲାଞ୍ଚ ଦେଇ ଗ୍ଯସ୍ନାଦେବୀ ତାଙ୍କୁ ଏକ ପ୍ରକାର ବଶୀଭୂତ କରି ରଖିଛନ୍ତି । ସେଦିନ ହେଡ୍‌ମାଷ୍ଟରଙ୍କ ପାଇଁ କେତକୀ ଗୁଣ୍ଡି ପକା ପାନଖିଲିରେ ଅତିରିକ୍ତ ଗୋଟିଏ ଲେଙ୍ଗ । ଲବଙ୍ଗ ମାରିଲା ବେଳେ ଗ୍ଯସ୍ନାଦେବୀ ମନେ ମନେ ହସିଲେ । ଭାବିଲେ, ଆଜିକାଲି ଲାଞ୍ଚ ନ ଦେଲେ ଛୁଞ୍ଚିରେ ସୂତା ମଧ ପଶେ ନାହିଁ । କାହାର କେତେ ପ୍ରକାର ଲୋଭ । କିଏ ଟଙ୍କା ଲାଞ୍ଚ ଖାଏ, କିଏ ସରୁ ଗ୍ଯଉଳ, ଗାଈ ଘିଅ କିନ୍ତୁ ମଧୁପାଟଣା ମାଇନର ସ୍କୁଲର ହେଡ୍‌ମାଷ୍ଟର ଗ୍ଯହାନ୍ତି ତାଙ୍କ ହାତଭଙ୍ଗା କେତକୀ ଗୁଣ୍ଡି ପକା ପାନଖିଲି !!

ଅରକେ ଖଣ୍ଡେ ନୁହେଁ, ଦୁଇଖଣ୍ଡ ପାନ କଲରେ ଜାକି ଦେଇ ହେଡ୍‌ମାଷ୍ଟର ଗ୍ଯସ୍ନାଦେବୀଙ୍କ କଥା ଶୁଣି ଗର୍ଜ୍ଜନ କରି ଉଠିଲେ—

: କଅଣ କହିଲ ? ଶାନ୍ତନୁ ବାବୁ ଝିଅ ଅଖିଳ ବାବୁଙ୍କ ପୁଅ ସହିତ ଅଠା ଭଳି ଲାଗି ଯାଇଛି ? ତମେ ନିଜ ଆଖିରେ ଦେଖିଛ ? ବଗିଚା ପାଖରେ ଦେହକୁ ଦେହ ଲଗାଇ ସନ୍ଧ୍ୟବେଳେ ଠିଆ ହୋଇଥିଲେ । ଛି ଛି⋯ଝିଅଟା ସମ୍ପର୍କରେ ମୋର କେତେ ଉଚ୍ଚ ଧାରଣା ଥିଲା । ସେ ମଟେ କଅଣ ଭଳି ପାଇଛି ? ଆଜି ଅଖିଳ ବାବୁଙ୍କ ଆଗରେ ⋖ମିଠ କଲି ମୋଡ଼ି ଦେବି ଯେ ବନ୍ଧନର ଅଠା ନିମିଷକ ଭିତରେ ଛାଡ଼ି ଫାଟି ଯିବ ।

ଗ୍ଯସ୍ନାଦେବୀ ହେଡ୍‌ମାଷ୍ଟରଙ୍କ କାନ ପାଖକୁ ମୁହଁ ନେଇ ଗ୍ଯପା କଣ୍ଠରେ ଫୁସ୍ ଫୁସ୍ କରି କଣ ସବୁ କହିଲେ । ବାସୁବାବୁଙ୍କ ମୁହଁ ରକ୍ତହୀନ ଦେଖାଗଲା ସେ କଥା ଶୁଣି ।

ସେ ମଧ ଗ୍ଯପା କଣ୍ଠରେ ଚିତ୍କାର କରି ଉଠିଲେ—ଅସମ୍ଭବ, ଏକଥା ହୋଇ ପାରେନା । ତମେ କେଉଁଠୁ ଭୁଲ ଖବର ଶୁଣିଛ ଗ୍ଯସ୍ନା ! ପ୍ରଣବର ବାହାଘର ପାଇଁ ଅଖିଳ ବାବୁଙ୍କ ଅନୁରୋଧରେ ମୁଁ ନିଜେ ଅନ୍ୟତ୍ର ପ୍ରସ୍ତାବ ପକାଇଛି । ସେ କନ୍ୟାର ପିତା ଅଖିଳ ବାବୁଙ୍କୁ ସରପଞ୍ଚ ନିର୍ବାଚନରେ ଜିଣାଇବା ପାଇଁ ତାଙ୍କ ଅଞ୍ଚଳରେ ଘର ଘର ବୁଲି ପ୍ରଚ୍ଯର କରୁଛନ୍ତି । ଏଇ ମକର ସଂକ୍ରାନ୍ତି ଦିନ ପ୍ରଣବ କନ୍ୟା ଦେଖି ଯିବା କଥା । ଅଖିଳ ବାବୁ ସେଥିପାଇଁ ଟେଲିଗ୍ରାମ କରି ପ୍ରଣବକୁ କଟକରୁ ଡ଼କାଇ ଆଣିଛନ୍ତି । ଆଉ ତମେ କହୁଛ କଅଣ ନା ଆରୁଣା ସହିତ⋯ ! ନା-ନା ।

Digitized by PPRACHIN, SOA

ବାସୁବାବୁ ଆଉ କିଛି ପାନ ପାଟିରେ ଭର୍ତ୍ତି କରି ଦେବା ଫଳରେ କଥା ବନ୍ଦ ହୋଇଗଲା—ଅଙ୍କ ସାର୍ ନୀଳାମ୍ବର ବାବୁ ସେତିକବେଳେ ହେଡ଼ମାଷ୍ଟ୍ରଙ୍କ ଅଫିସ ଭିତରେ ପ୍ରବେଶ କଲେ । ସୁପ୍ରଭାଦେବୀ ଅଗତ୍ୟା ଉଠି ଠିଆ ହେଲେ । ନୀଳାମ୍ବର ବାବୁଙ୍କ ଉପସ୍ଥିତିରେ ବାସୁବାବୁଙ୍କ ସହିତ କୌଣସି ଗୋପନୀୟ ପରାମର୍ଶ କରିବା ସେ ନିରାପଦ ନୁହେଁ, ସୁପ୍ରଭାଦେବୀଙ୍କୁ ସେ କଥା ଜଣାଥିଲା ।

ସ୍କୁଲର ସବୁ ଛାତ୍ରଛାତ୍ରୀ ଆଉ ଶିକ୍ଷକ ଜାଣନ୍ତି, ହେଡ଼ମାଷ୍ଟ୍ରେ ତାଙ୍କ ହାତ ମୁଠାରେ । ଏ ପୁରୁଷ ଶାସିତ ସମାଜରେ ଏକମାତ୍ର ନାରୀ, ଯାହାର ଆଙ୍ଗୁଠି ଇଙ୍ଗିତରେ ଘରେ ସ୍ୱାମୀ ବସ୍ ଉଠ୍ ହୁଅନ୍ତି । ସ୍କୁଲରେ ଶିକ୍ଷକ ତା କଥାକୁ ଧ୍ରୁବ-ସତ୍ୟ ବୋଲି ମାନି ନିଅନ୍ତି ।

ଖଲ ଲୋକମାନେ ପଛରେ ତାଙ୍କୁ ଛଦ୍ମବେଶୀ ପୁରୁଷ ବୋଲି ଆକ୍ଷେପ କରନ୍ତି । କିନ୍ତୁ ତାଙ୍କ ସାମ୍ନାରେ ମୁହଁ ଖୋଲିବାକୁ ସାହସ କରନ୍ତି ନାହିଁ । ଗଣିତ ଶିକ୍ଷକ ନୀଳାମ୍ବର ବାବୁ ସେଇମାନଙ୍କ ମଧ୍ୟରୁ ଜଣେ ।

ଅରୁଣିମା ଦ୍ୱିତୀୟ ଶିକ୍ଷୟିତ୍ରୀ ଭାବରେ ସ୍କୁଲରେ ଯୋଗଦେବା ପରେ ସୁପ୍ରଭାଦେବୀ ହେଡ଼ମାଷ୍ଟ୍ରଙ୍କ ଉପରେ ନଜର କର୍ତ୍ତୃତ୍ୱ ହରାଇବାର ଭୟରେ କିଛିଦିନ ଶଂକିତ ହୋଇ ରହିଥିଲେ । ଖାଲି ପଡ଼ିଥିବା ଚତୁର୍ଥ ଶିକ୍ଷକଙ୍କ ସ୍ଥାନରେ ତାଙ୍କ ପୁତୁରାକୁ ନିଯୁକ୍ତ ଦେବାପାଇଁ ସେ ବାସୁବାବୁଙ୍କୁ କହି ରଖିଥିଲେ, ପିଲାଟା ମାଟ୍ରିକ ପାଶ୍ କରି ବସି ରହିଛି । ବାପାଙ୍କ ପକେଟରୁ ଟଙ୍କା ଚୋରି କରିବା, ଗାଁର ଅଭିଆଡ଼ି ଝିଅମାନଙ୍କୁ ପ୍ରେମପତ୍ର ଲେଖି ଅପମାନିତ ହେବା ଇତ୍ୟାଦି ନାନା ଅସାମାଜିକ କାର୍ଯ୍ୟରେ ଲିପ୍ତ ଅଛି, ଚାକିରିଟା ପାଇଥିଲେ ତାର ଖୁବ୍ ଉପକାର ହୋଇ ଆଆନ୍ତା, କିନ୍ତୁ ଏଇ ଅରୁଣୀମା ଆସି ତାଙ୍କ ଖାଇବା ପତ୍ରରେ ଧୂଳି ଦେଇ ଦେଲା । ସେକ୍ରେଟେରୀ ଏଇ ଝିଅଟାକୁ ହେଡ଼ମାଷ୍ଟ୍ରଙ୍କ ବିରୋଧ ସତ୍ତ୍ୱେ ନିଯୁକ୍ତ ଦେଇ ଦେଲେ ।

ଅରୁଣାକୁ ସେ ଆଦୌ ସହ୍ୟ କରି ପାରନ୍ତି ନାହିଁ ।

ଦେଖିବାକୁ ସୁନ୍ଦରୀ ବୋଲି ସେ ଚନ୍ଦ୍ର ସୂର୍ଯ୍ୟ ମାନେ ନାହିଁ । ଭଲ ପାଠ ପଢ଼ାଏ ବୋଲି ସହକର୍ମୀମାନଙ୍କୁ ଖାତିର କରେ ନାହିଁ । ଏବେ ସ୍କୁଲ ସେକ୍ରେଟେରୀଙ୍କ ପୁଅ ସହିତ ମୁହଁକୁ ମୁହଁ ଯୋଡ଼ି ଗପସପ ଆରମ୍ଭ କରି ଦେଇଛି ।

ସେଇ ଦୃଶ୍ୟ ସେଦିନ ସନ୍ଧ୍ୟାବେଳେ ଦେଖିଲା ଦିନୁ ତାଙ୍କୁ ରାତିରେ ନିଦ ହେଉନି ।

Digitized by PPRACHIN, SOA

ଆଜ ଗୁରୁଖଣ୍ଡ ଲବଙ୍ଗ-ମସ୍ତ ପାନ ଦେଇ ହେଡ଼ମାଷ୍ଟରଙ୍କୁ ସେ ସବୁ କଥା କହୁଛନ୍ତି । ବୁଢ଼ା ବାପୁବାବୁଙ୍କୁ ବୁଝାଇ ଦେଇଛନ୍ତି, ସେଯେଉଁଠିଶ୍ରୀଙ୍କ ପୁଅକୁ ଯଦି ଅରୁଣା ଶାଢ଼ୀ କାନରେ ବାନ୍ଧି ରଖିପାରେ, ତାହାହେଲେ ତାକୁ ମଧ୍ୟ ଅରୁଣିମାକୁ ଡରକରି ଚଳିବାକୁ ହେବ ।

ପ୍ରଥମେ ପ୍ରଥମେ ତାଙ୍କ କଥା ବୁଢ଼ା ବିଶ୍ୱାସ କରୁନଥିଲା, କିନ୍ତୁ ସେ ଯେତେ-ବେଳେ ନିଜ କଥାର ସତ୍ୟତାର ପ୍ରମାଣ ସ୍ୱରୂପ ନିଜର ଗ୍ରଣ ପକାଇ ଦେଲେ, ବୁଢ଼ାର ତୋଲା ଓଲଟି ପଡ଼ିଲା ବିସ୍ମୟରେ । ଔଷଧ ଠିକ୍ ଧରିଛି ବୋଲି ଜାଣି ସେ ମନେ ମନେ ଖୁବ୍ ଖୁସି ହୋଇଥିଲେ ।

ନାରୀର ଆବେଦନ କେବେହେଲେ ବ୍ୟର୍ଥ ହୁଏ ନାହିଁ । ବୁଢ଼ା ହେଲେବି ହେଡ଼ମାଷ୍ଟ୍ରେ ପୁରୁଷ । ସେ ଯେତେବେଳେ ବୁଢ଼ାକୁ ଖୁସି କରିବା ପାଇଁ ଲୁଚେଇ ଲୁଚେଇ ଟିକିଏ ଭାବ ଦେଖାଇ ଦେଲେ, ବୁଢ଼ା ଖୁସିରେ ଁ ଁ ହୋଇଗଲା । ସେଠିକବେଳେ ଧୂଳି ଝଡ଼ ଭଳି ନୀଳାମ୍ବରବାବୁ ସେ କୋଠରୀକୁ ପଶି ଆସି ନଥିଲେ ଖେଳଟା ଆଉ କିଛି ସମୟ ଚାଲି ଥାଆନ୍ତା ।

ନୀଳାମ୍ବର ବାବୁ ଲୋକଟା ଭଲ ନୁହେଁ । ଅରୁଣିମା ସହିତ କଅଣ ସବୁ ଚୁପ୍‌ଚାପ୍ କଥାବାର୍ତ୍ତା ହୁଏ ।

ତାଙ୍କୁ ଥରେ କଥାରେ କଥାରେ ପରିହାସ କରି କହିଥିଲି : ଆପଣତ ଭଲ ପାଉ ମାଙ୍କଡ଼ ନଚାଇ ଜାଣନ୍ତି ମିସେସ୍ ଦାସ । ପିଲାଙ୍କୁ ଭଲ ପାଠ ପଢ଼ାଇ ପାରନ୍ତି ନାହିଁ କାହିଁକି ?

ତାଙ୍କର ସେ ଆକ୍ଷେପୋକ୍ତି ଶୁଣି ଗ୍ରସ୍ତାଦାସଙ୍କ ଦେହରେ ଛୁଞ୍ଚି ଚାଲିଗଲା ଭଳି ଲାଗିଥିଲା । କିନ୍ତୁ ମୁହଁରେ ସେ କିଛି ପ୍ରତିବାଦ କରି ପାରି ନଥିଲେ । କେଜାଣି କାହିଁକି ଏଇ ଗଣିତ ଶିକ୍ଷକଙ୍କୁ ସେ ମନେ ମନେ ଭୟ କରନ୍ତି ।

କିନ୍ତୁ ମୁହଁରେ ସେ କିଛି କହି ନଥିଲେ ସୁଦ୍ଧା କୃତ୍ରିମ କାନ୍ଦଣାରେ ଆଖି ଓଦା କରି ହେଡ଼ମାଷ୍ଟରଙ୍କୁ କହିଥିଲେ : ଦେଖନ୍ତୁ ସାର୍ ! ନୀଳାମ୍ବର ବାବୁ କହୁଛନ୍ତି ଆପଣ କୁଆଡେ ପାଉମାଙ୍କଡ଼ ଆଉ ମୁଁ କୁଆଡ଼େ ନଚାଉଛି !

ସେ ଭାବିଥିଲେ ତାଙ୍କର ଅଭିଯୋଗ ଶୁଣି ବାପୁବାବୁ ନିଆଁରେ ଘିଅ ପଡ଼ିଲା ଭଳି ଜଳି ଉଠିବେ । ନୀଳାମ୍ବର ବାବୁଙ୍କୁ କୈଫିୟତ୍ ମାଗିବେ ।

Digitized by PPRACHIN, SOA

କିନ୍ତୁ ତାଙ୍କୁ ପାଠମାଙ୍କଡ଼ ବୋଲି ଆକ୍ଷେପ କରିଛନ୍ତି; ଏକଥା ଶୁଣି ମଧ୍ୟ ସେ ନୀଳାମ୍ବର ବାବୁଙ୍କ ଉପରେ ରାଗ କଲେନାହିଁ । ବରଂ ତାଙ୍କୁ ଉପଦେଶ ଦେଲେ—

: ତମେ ଆଉ ମୋ ଅଫିସ୍ ରୁମ୍‌କୁ ବେଶୀ ଯିବା ଆସିବା କର ନାହିଁ ଭାଇ ! ଏ ସ୍କୁଲର ଲୋକ ଗୁଡ଼ାକ ଖୁବ୍ ଈର୍ଷାପର । ବରଂ ବେଳେ ବେଳେ ମୁଁ ତମ ଘର ଆଡ଼େ ଯିବି ।

ନୀଳାମ୍ବରବାବୁଙ୍କ ବକ୍ରୋକ୍ତି ଶୁଣି ତାଙ୍କର ଯେତିକି ରାଗ ହୋଇ ନଥିଲା, ବୁଢ଼ାର କଥା ଶୁଣି ତା ଠାରୁ ବେଶୀ ଲଜ୍ଜା ଓ ଅପମାନରେ ତାଙ୍କର ଦେହ ଜଳିଗଲା ।

ପ୍ରକୃତରେ ବାପୁବାବୁ ଗୋଟାଏ ମାଙ୍କଡ଼ । ମାଂସ ଖାଇବା ପାଇଁ ଲୋଭ ମନର କୋଣ ଅନୁକୋଣରେ ଖୁନ୍ଦି ହୋଇଛି, କିନ୍ତୁ କଣ୍ଟା ଗେଞ୍ଜିବାଇବାକୁ ଦାନ୍ତ ନାହିଁ !

ସେଇଦିନରୁ ନୀଳାମ୍ବର ବାବୁଙ୍କ ବିରୁଦ୍ଧରେ ସେ ଆଉ ବାପୁବାବୁଙ୍କୁ କିଛି କହନ୍ତି ନାହିଁ । ଗଣିତ ସାର୍‌ଙ୍କୁ ଦେଖିଲେ ଏଡ଼ାଇ ଯାଆନ୍ତି । ଲୋକଟାକୁ ପୋଷା ମନାଇବା କଷ୍ଟ । ସେଇଟା ଗୋଟାଏ ଗୋଖର ସାପ !

ସେଦିନ ସ୍କୁଲ୍ ଛୁଟି ହେବା ପରେ ହେଡ଼ମାଷ୍ଟ୍ରେ ଅରୁଣିମାକୁ ଡାକି କଅଣ କହୁଛନ୍ତି; ତାହା ଶୁଣିବା ପାଇଁ ସେ କାନ୍ଥ ଆରପଟେ କାନଡେରି ରହିଲେ ।

ବୁଢ଼ା ଅରୁଣିମାକୁ କହିଲା : ଅରୁଣା ! ତମେ ସ୍କୁଲ୍ ସେକ୍ରେଟେରୀଙ୍କ ପୁଅ ସହିତ ରାସ୍ତାରେ ଠିଆ ହୋଇ ପ୍ରେମ କରୁଛ ବୋଲି ଲୋକେ କହୁଛନ୍ତି । ଏଇଟା ଖୁବ୍ ଅନ୍ୟାୟ, ସ୍କୁଲ୍ ହେଲା ଏକ ପବିତ୍ର ବିଦ୍ୟାମନ୍ଦିର । ଶିକ୍ଷୟିତ୍ରୀମାନଙ୍କ ନୈତିକ ଆଚରଣ ଉପରେ ସ୍କୁଲର ପବିତ୍ରତା ନିର୍ଭର କରୁଛି । ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନୈତିକ ଚରିତ୍ରରେ ଯଦି ବ୍ୟଭିଚାରର ଚୋଟ ଲାଗିଯାଏ; ସେମାନେ ଛାତ୍ରମାନଙ୍କୁ ଦେଶର ଭବିଷ୍ୟତ ନାଗରିକ ଭାବରେ ଗଢ଼ିବେ କିପରି ? ଅଖିଳ ବାବୁ ତାଙ୍କ ପୁଅର ବାହାଘର ଅନ୍ୟ ଯାଗାରେ ସ୍ଥିର କରି ସାରିଲେଣି । ତମେ ତାଙ୍କ ପୁଅ ସହିତ ଏତେ ଘନିଷ୍ଠ ହେଲେ ସେ ବାହାରେ ମୁହଁ ଦେଖାଇବେ କିପରି ? ରାଣ୍ଡି ବାଇଦ ସହସ୍ରକୋଶ । ସେ କନ୍ୟାପିତାଙ୍କ କାନରେ ଏ ସବୁ ରସକଳା ସମ୍ବାଦ ପହଞ୍ଚିବାକୁ କେତେ ସମୟ ଲାଗିବ ? ଛି...ଛି... ଅଖିଳବାବୁ ତମ ଦୁଃଖବେଳେ

Digitized by PPRACHIN, SOA

ଆଣି ଏଠାରେ ଗୃହକର୍ତ୍ତ୍ରୀ ଦେଇଛନ୍ତି । ଯେଉଁ ହାତ ତମକୁ ଦେଉଛି, ସେଇ ହାତକୁ ତମେ କାମୁଡ଼ି ଲହୁ ଲୁହାଣ କରି ଦେଉଛ ?

ବୁଢ଼ାର କଥା ଶୁଣି ଅରୁଣା କଅଣ ପ୍ରତିବାଦ କଲା । କାରଣ ଏପଟେ ଗ୍ରୁପ୍ପା ଦେବୀ ସେ କଥା ଭଲ କରି ଶୁଣି ପାରିଲେ ନାହିଁ ।

କିନ୍ତୁ ବୁଢ଼ାର ଶେଷ କଥା ତାଙ୍କୁ ଶୁଣାଗଲା—ତମେ ମୋର ଝିଅ ଭଳି । ସେଥିପାଇଁ ତମକୁ ଡାକ ସାବଧାନ କରିଦେଲି । ଅନ୍ୟ କେହି ହୋଇଥିଲେ କଥାଟା ମୁଁ ସିଧା ସେଚେଣ୍ଟ୍ସଙ୍କ କାନରେ ପକାଇ ଦେଇ ଥାଆନ୍ତି ।

ଆଉ କିଛି ସ୍ୱର ଶବ୍ଦ ଶୁଣା ଯାଉ ନାହିଁ । ନାଟକ ବୋଧହୁଏ ଶେଷ ହୋଇଗଲା ।

ମନେ ମନେ ଅଭିନୀତ ନାଟକର ସଂଳାପ ସବୁ ଶୁଣି ଗ୍ରୁପ୍ପାଦେବୀ ମନେ ମନେ ଖୁବ୍ ଭୟଭୀତ ହେଲେ । ବୁଢ଼ାଟାର ଦାନ୍ତ ନଥିଲେ କଅଣ ହେବ, କଥା ଗୁଡ଼ାକ ଖୁବ୍ ଭଲ ଭାବରେ ବୁଝି ବିଚାରି କହିପାରେ । ତାଙ୍କର ସନ୍ଦେହ ହେଉଥିଲା, ଅଭିଯୋଗଟା ସେ କରିଛନ୍ତି ବୋଲି ବୁଢ଼ା ଅରୁଣିମାକୁ କହି ଦେଇ ପାରେ । କିନ୍ତୁ ମାଙ୍କଡ଼ ତାଙ୍କ ନାମ ନକହି ମଧ୍ୟ ବେଶ୍ ଭଲ ଭାବରେ କଥାଟାକୁ ଅରୁଣିମାର ମର୍ମସ୍ଥଳରେ ପହଞ୍ଚାଇ ଦେଲା ।

ଉଠିଆଳରୁ ବାହାରି ଆସି ଗ୍ରୁପ୍ପାଦେବୀ ଦେଖିଲେ—ଅରୁଣିମା ମୁହଁ ତଳକୁ କରି ପାଦ ଗଣି ଗଣି ଚାଲି ଯାଉଛି । ତା ଆଖିରେ ଟଳମଳ ହେଉଛି ଲୁହ ।

ଖୁସିରେ ତାଙ୍କର ମନ ଭରିଗଲା ।

ଏଇ ଗ୍ରୁପ୍ପା ! ତମେ ଏ ପର୍ଯ୍ୟନ୍ତ ଯାଇନ ! ହେଡ଼ମାଷ୍ଟ୍ରେ ପଛରୁ ଡାକଲେ ।

: ଆପଣ ପରା ମୋ ଘରକୁ ଆଜି ଯିବେ ଖାଇବାକୁ । କଅଣ ରାନ୍ଧିବି କୁହନ୍ତୁ । ମାଂସତ ଆପଣଙ୍କ ଦାନ୍ତରେ ଛିଣ୍ଡିବ ନାହିଁ । ମାଛ କରିବି ?—ଗ୍ରୁପ୍ପା ବୁଢ଼ାକୁ ଖୁଞ୍ଚା ଦେଇ ପ୍ରଶ୍ନ କଲେ ।

: ଅନ୍ୟମାନଙ୍କ ପୋକରା ଦାନ୍ତଠାରୁ ମୋର ଦନ୍ତହୀନ ମାଢ଼ି ବେଶୀ ଶକ୍ତିଶାଳୀ । ଯେତେ ଟାଣ ମାଂସ ହେଲେବି ମୁଁ ଖାଇ ହଜମ କରିଦେବି ।

ବୁଢ଼ାଟା କହୁଛି କଣ ?

ତାର ସ୍ୱାମୀଙ୍କ ଦାନ୍ତ ଯେ ପୋକ କାଟୁଛି, ସେ କଥା କଅଣ ଏ ଠାରେ

Digitized by PPRACHIN, SOA

ତାଙ୍କୁ ସ୍ମରଣ କରାଇ ଦେବାର ଥିଲା ! ପୁଣି କହୁଛୁ, ଦାନ୍ତ ନଥିଲେ ମଧ୍ୟ ହଜମ କରିବାର ଶକ୍ତି ଅଛୁ !

କିନ୍ତୁ ବୁଢ଼ା ଆଜ ଯେପରି ତାଙ୍କୁ ଖୁସି କରିବା ପାଇଁ ଅଗୁଣିମାର ଆଖିରେ ଲୁହ ଆଣି ଦେଇଛୁ ; ସେଥିରେ ତାଙ୍କୁ ଆଘାତ ଦେବାକୁ ଆଉ ତାର ଇଚ୍ଛା ହେଲା ନାହିଁ ।

ସେ ଜାଣେ ସବୁ ପୁରୁଷ ମାଂସାଶୀ ।

ମାଛରେ ଜିଭର ଲୋଭ ତୃପ୍ତ ହୁଏ; ମନର ଓଁରମାନା ମେଣ୍ଟେ ନାହିଁ ।

ସେ ନିଜର ମୁହଁର ମାଂସପେଶିରେ ଏକ କୋମଳ ହସର ପାଉଡ଼ର ମାଖି କହିଲେ : ଠିକ୍ ଅଛୁ ସାର୍ ! ତାହାହେଲେ ମୁଁ ଆଜ କୁକୁଡ଼ା ମାଂସ ରାନ୍ଧୁଛୁ । ମାଛରେ ମଧ୍ୟ ସହଜରେ ଛୁଉଁବ ; ମାଂସ ଖାଇବାର ଲୋଭ ମଧ୍ୟ ମେଣ୍ଟିବ ! ନା କଅଣ କହୁଛନ୍ତି ସାର୍ !

ବାସୁବାବୁ ନିଜର ଶିକ୍ଷୟିତ୍ରୀ ସହକର୍ମିଣୀର ସମୀପବର୍ତ୍ତୀ ହୋଇ କହିଲେ—

: ତମର ସବୁ ଅବଗୁଣ ଭିତରେ ଏଇ ଗୋଟିଏ ଭଲ୍‌ଗୁଣ—ମନ କଥା ତମେ ଠିକ୍ ବୁଝି ପାର । ନା ମିଛ କହୁଛୁ ?

ବୁଢ଼ା ମାଙ୍କଡ଼ର କଥା ଶୁଣି ମୁହଁରେ ମାଖିଥିବା ହସର ପାଉଡ଼ର ଝାଳରେ ଅଠା ଅଠା ହୋଇଗଲା ଭଳି ଗ୍ଳାନିବୋଧ ଅନୁଭବ କଲେ ।

Digitized by PPRACHIN, SOA

ଗାଁଆରେ କାହାର ଭଲ କାମ, ଭଲଗୁଣ ସହଜରେ ଆଖିରେ ପଡ଼େ ନାହିଁ । କିନ୍ତୁ କାହାର ନାମରେ ନିନ୍ଦା ଅପବାଦ ଶୁଣାଗଲେ ତାହା ନିମିଷକ ଭିତରେ ଏ ତୁଣ୍ଡରୁ ସେ ତୁଣ୍ଡ ହୋଇ ଦଶ ଦିଗକୁ ପ୍ରସାରିତ ହୋଇଯାଏ ।

ମଧୁପାଟଣାଟି ପୁଣି ଗୋଟିଏ ଛୋଟ ଗାଁ । ଏ ଘରେ ଫୁଟଣ ଫୁଟିଲେ ସେ ଘରକୁ ବାସ ଚହଟି ଯାଏ । ଗାଁଅର ମଧ୍ୟ-ମଣି ଅଖିଳ ବାବୁ । ତାଙ୍କର ସେଇ ଗୋଟିଏ ବୋଲି ପୁଅ ଏତେ ବର୍ଷ ପରେ ଗାଁଆକୁ ଆସିଛି । ସେ କେଉଁଠି ବସୁଛି, କେଉଁଠି ହସୁଛି, ସେଥିରେ ସମସ୍ତଙ୍କ ଆଖି ଲାଖି ରହୁଛି ।

ଅରୁଣା ସହିତ ତାର ମିଳାମିଶାର ଅପବାଦ ଡାଳରୁ ଡାଳ ହୋଇ ଉଡ଼ା ପବନରେ ଘୂରି ବୁଲୁଛି ।

ଅରୁଣା ସାନ ଥିଲା ବେଳେ ପ୍ରଣବ ସହିତ ପ୍ରଜାପତି ଭଳି ଉଡ଼ି ବୁଲୁଥିଲେ ମଧ୍ୟ କାହାର ଭ୍ରୂଲତା କୁଞ୍ଚିତ ହୋଇ ନଥିଲା । କିନ୍ତୁ ସେ ବଡ଼ ହୋଇ ରୂପ ଯୌବନର ଆଲୁଅରେ ଅନ୍ଧାର ରାତିକୁ ଆଲୋକମୟ କରି ସାରିଲା ପରେ ପ୍ରଣବ ସହିତ ତାର ଚୁପ୍‌ଚାପ୍ କଥା, ଆଖିରେ ଆଖିରେ ହସ—ଏସବୁ ଗାଁ ଲୋକଙ୍କ ଆଖିକୁ ସନ୍ଦେହର ମେଘରେ ଢାଙ୍କି ଦେଲା ।

ମାଆମାନେ ନିଜ ନିଜ ବଢ଼ିଲା ଯୁବତୀ ଝିଅଙ୍କୁ ନାଁ ନପକେଇବାକୁ ସାବଧାନ କଲା ବେଳେ ଅରୁଣାର ଉଦାହରଣ ଦେଲେ ।

ଗୁପ୍ତ ସନ୍ଦେହ କ୍ରମଶଃ ପ୍ରଘଟ ହୋଇଗଲା ।

କିନ୍ତୁ କେହି ଭରସି କରି ପ୍ରସଙ୍ଗଟି ଅଖିଳବାବୁଙ୍କ ଆଗରେ ଉଠାଇଲେ ନାହିଁ । ପ୍ରଣବକୁ ଦୋଷ ଦେଲେ ନାହିଁ । ସେ ଅଣ୍ଡିରାପୁଅ । ଯୁବା ବୟସ । ବଡ଼ଲୋକ

Digitized by PPRACHIN, SOA

ଘରର ପିଲା । ପ୍ରଜାପତି ଦେଖିଲେ ଧରିବା ପାଇଁ ସେ ହାତ ବଢ଼ାଇବ । ପ୍ରଜାପତିର କର୍ତ୍ତବ୍ୟ ହେଉଛି ସେ ତାର ଧରାଛୁଆଁର ବାହାରକୁ ଉଡ଼ିଯିବା—ଲୋଭୀ ପୁରୁଷର ହାତରେ ଧରା ନ ଦେବା—ଯଦି ଧରାଦିଏ, ସେ ଦୋଷ ପ୍ରଜାପତିର !

ସେଦିନ ସନ୍ଧ୍ୟାବେଳେ ଚଉରା ମୂଳେ ସଞ୍ଜ ଦେଇ ସ୍ନେହମୟୀ ଘରକୁ ଫେରୁଛନ୍ତି, ଦେଖିଲେ ଦ୍ୱାର ମୁହଁରେ ତାଙ୍କ ଅପେକ୍ଷାରେ ଠିଆ ହୋଇଛନ୍ତି ରମାପତି ।

ସେ ମୁଣ୍ଡ ଉପରକୁ ଓଢ଼ଣା ଆଉ ଟିକିଏ ଲମ୍ବ କରି ଟାଣି ଦେଲେ, ରମାପତି କଅଣ କହିଲେ, ଶୁଣିବା ପାଇଁ ଠିଆ ହେଲେ ।

ଗଲା ଖଙ୍କାରି ରମାପତି କହିଲେ : ଭାଉଜ ! କଥାଟା କହିବି କହିବି ବୋଲି ଭାବୁଛି, ତମେ ମନ କଷ୍ଟ କରିବ ବୋଲି କହୁନାହିଁ । କିନ୍ତୁ ଲୋକଙ୍କ ତୁଣ୍ଡରୁ ଶୁଣି ଶୁଣି ମନଟା ଏମିତି ଖରାପ ହୋଇଗଲାଣି, ଭାବିଲି କଥାଟା କହି ଦେଇ ଯାଏ । ତମେ ଅରୁଣାକୁ ଅଟକ କର ଭାଉଜ ! ଅଭିଆଡ଼ି ଝିଅ—ନହେଲେ ବାଛନ୍ଦ ପଡ଼ିଯିବ । ଶାନ୍ତନୁ ଭାଇ ବଞ୍ଚିଥିଲେ ସେମାନେ ଅରୁଭଳି ଲକ୍ଷ୍ମୀ ଝିଅ ନାମରେ ପ୍ରଣବକୁ ଲଗାଇ ଏତେ ସବୁ ବାଜେ କଥା କହନ୍ତେ ନାହିଁ ! ପ୍ରଣବର କଅଣ ଅଛି ? ସେ ହେଲା ଉଡ଼ା ଚଢ଼େଇ—ଗାଁକୁ କେଇଦିନ ପାଇଁ ଆସିଛି—ଦି ଦିନ ପରେ ସହରକୁ ଉଡ଼ିଯିବ—ଶନ୍ତୁ ଆମର ଲକ୍ଷ୍ମୀ ଝିଅ ଅରୁ !

ସେ ରମାପତିଙ୍କ ମୁହଁକୁ ନଗ୍ଣହିଁ ସନ୍ଧ୍ୟାର ଶୂନ୍ୟ ଆକାଶକୁ ଗ୍ଣହିଁ କହିଲେ—

: ଅରୁ ଗୃହକର୍ମ କଲାଦିନୁ ଏ ଗାଁଆରେ ତାକୁ କେହି ଦେଖି ସହି ପାରୁ ନାହାନ୍ତି, ଏ ଗାଁରେ କିଏ କେତେ ନକଲି କାମ କରୁ ନାହିଁ—କିଏ କେତେ ଯମୁନା କୂଳକୁ ଯାଉ ନାହିଁ—ଆଉ ମୋ ଝିଅ ଟିକିଏ ତା ପିଲାଦିନର ସାଙ୍ଗ ସହିତ କଥା ଭାଷା ହେଲେ ଏ ଗାଁ ଲୋକଙ୍କ ଦେହରୁ ମାଉଁସ ଛିଣ୍ଡି ପଡୁଛି ! ପିଲାଦିନୁ ସେମାନେ ଧୂଳିଘର ଠାରୁ ଆରମ୍ଭ କରି ହରତାଳିକା ପୂଜା ପର୍ଯ୍ୟନ୍ତ ସାଙ୍ଗ ହୋଇ ପାଳି ଆସିଛନ୍ତି । ଅଜି ସେମାନଙ୍କ ହେବୁ ପାଇଲା ବୋଲି କଥା ଭାଷା ହେବା ପାଇଁ ବାରଣ କରିବ ?

ରମାପତି ସ୍ନେହମୟୀଙ୍କୁ ସମବେଦନା ଜଣାଇଲା ଭଳି ମୁଖଭଙ୍ଗୀ କରି କହିଲେ—

: ଭାଉଜ ! ମୁଁ ସିନା ନିଜ ଲୋକ ବୋଲି ସବୁ ବୁଝୁଛି, ହେଲେ ଗାଁ ଲୋକେ ? ଆମର ଅଖିଳ ବାବୁଙ୍କ ଭଳି ବାଟି ବ୍ରାଟି ସମ୍ପତ୍ତି ନାହିଁ—ହେଲେ

Digitized by PPRACHIN, SOA

ଇଜ୍ଜତ ! ଆମର ମାନ୍ ସମ୍ମାନ ହେଲା ବଡ଼ । ସେ ଇଜ୍ଜତ ଉପରେ ଯଦି ଆଞ୍ଚ୍ ଆସିଲା—

ରମାପତିଙ୍କୁ ଆଉ କିଛି କରିବାକୁ ନଦେଇ ସ୍ନେହମୟୀ ମନ୍ତବ୍ୟ କଲେ : ମୁଁ ତାକୁ ଏ ଗାଁଆରେ ବେଶୀଦିନ ବାନ୍ଧି ରଖିବ ନାହିଁ । ତାର ବାହାଘର ପ୍ରସ୍ତାବ ଚାଲିଛି—

ସ୍ନେହମୟୀଙ୍କ କଥା ତାଙ୍କ ପାଟିରୁ ଝାମ୍ପି ନେଇ ରମାପତି କହିଲେ ହଁ, ଏଇଟା ହେଲା ଖାଣ୍ଟି କଥା । ଝିଅ ଜନମ ପର ଘରକୁ । ଆଜି ନ ହେଲେ କାଲି ତାକୁ ପର ଘରକୁ ପଠାଇବାକୁ ହେବ । ଶୀଘ୍ର ଭଲରେ ବାହା ଘର ହୋଇଗଲେ ଭଲ । ଶାନ୍ତନୁ ଭାଇ ନାହାନ୍ତି ବୋଲି ବାହାଘରଟାରେ ଆଉ ଯାହି ତାହି ହେବ ନାହିଁ—ଜାକ ଜମକରେ କରିବାକୁ ହେବ । ଟଙ୍କା ପଇସା ପାଇଁ ଚିନ୍ତା କରନାହିଁ ଭାଉଜ ! ଚାଷଜମି ବିକ୍ରୀ କଥା ମଧ୍ୟ ମନରେ ଧରନାହିଁ । ଅଳ୍ପ ମୁହଁକୁ ଚାହିଁ । ସେ ପାଞ୍ଚ ଗୁଣ୍ଠିଆ ଜମିଟା ବନ୍ଧା ରଖି ଯାହା ଟଙ୍କା ଦରକାର ହେବ ମୁଁ ଦେବି । ଅଳ୍ପ ବଡ଼ ହୋଇ ଚାକିରୀ ବାକିରୀ କଲେ ତମ ଜମି ତମେ ମୁକୁଳାଇ ନେବ । ମୁଁ କେବଳ ଏଇ କେଇବର୍ଷ ପାଇଁ ସେ ବଗିଚା କଡ଼ରେ ଖଣ୍ଡେ ଚାଳିଆ ପକାଇ ସାର ଗୋଦାମ କରିବି । ଘରେ ସାର ଗୋଦାମ କରିଛି ବୋଲି ବୋଉ ସାଙ୍ଗରେ ନିତି ଝଗଡ଼ା । ତାକୁ କିଏ କହି ଦେଇଛି ସାର ହେଉଛି ଗୋରୁ ହାଡ଼ଚୂର୍ଣ୍ଣ । ଗୋମାତା ହାଡ଼କୁ ଚୂନା କରି ଘରେ ଗୋଦାମ କରିଛି ବୋଲି ସେ ଘରେ ପାଣି ଛୁଉଁନି—

ରମାପତିଙ୍କର ଆଖି ତାଙ୍କର ସେଇ ପାଞ୍ଚଗୁଣ୍ଠିଆ ବଗିଚା ଖଣ୍ଡିକ ଉପରେ ! ଅଖିଳ ବାବୁ ଚାହାନ୍ତି ସେଠାରେ ଅଟାକଳ, ଚାଉଳ କଳ ବସାଇବେ । ରମାପତି ଚାହାନ୍ତି ସେଠାରେ ଖୋଲିବେ ସାର ଗୋଦାମ !

ସ୍ନେହମୟୀଙ୍କ ମୁହଁ ଶୁଖିଗଲା ।

ତାଙ୍କ ବିବର୍ଣ୍ଣ ମୁହଁର ଭାଷା ପଢ଼ି ପାରିଲେ ରମାପତି ବାବୁ । ସେ ଶୁଣିଛନ୍ତି, ଶାନ୍ତନୁବାବୁ ନିଜ ହାତରେ ଲଗାଇଥିବା ଗଛ ଗୁଡ଼ାକ ଉପରେ ସ୍ନେହମୟୀଙ୍କର ଅମାପ ମମତା । ସେଇଥି ପାଇଁ ସେ ଚଢ଼ା ଦରରେ ବଗିଚାଟା ଅଖିଳ ବାବୁଙ୍କୁ ବିକ୍ରୀ କରିବାକୁ ରାଜି ହୋଇ ନାହାନ୍ତି । ସେଥିପାଇଁ ସେ ପ୍ରସଙ୍ଗ ପରିବର୍ତ୍ତନ କରି କହିଲେ—

Digitized by PPRACHIN, SOA

: ମୁଁ କଥା ଦେଉଛୁ ଭାଉଜ ! ଶାନ୍ତନୁ ଭାଇ ନିଜ ହାତରେ ଲଗାଇଥିବା ଗଛରେ ମୁଁ ଅଦୌ ହାତ ଦେବ ନାହିଁ ।

: ରମୁ ! ଯେଉଁ ମଣିଷ ସେ ଗଛ ନିଜ ହାତରେ ଲଗାଇଥିଲା, ସେ ଯେତେବେଳେ ରହିଲା ନାହିଁ, ସେ ନିଜ ହାତରେ ଲଗାଇଥିବା ଗଛଟା ରହିବ କି ନାହିଁ, ସେଥିପାଇଁ କ'ଣ ମୋର ଏତେ ଚିନ୍ତା ? ଅରୁର ବାହାଘର ଏପର୍ଯ୍ୟନ୍ତ ସ୍ଥିର ହୋଇନି, ଜମି ବନ୍ଧୀ କଥା ମୁଁ ଭାବିବ କାହିଁକି ? ଆଗ ଭଲ ପାତ୍ରଟିଏ ମିଳୁ । ବାହାଘର ବେଳ ଆସୁ । ଯଦି ଅନ୍ୟ କିଛି ଉପାୟ ନଥିବ, ମୁଁ କଅଣ ତମକୁ ପଚାରିବ ନାହିଁ !

ରମାପତି ବୁଝି ପାରିଲେ ଅରୁ ବୋଉକୁ ସେ ଯେତେ ଅସହାୟା ବୋଲି ଭାବିଥିଲେ ସେ ସେତେ ନିଆଶ୍ରୀ ନୁହନ୍ତି । ଶାନ୍ତନୁ ଭାଇ କିଛି ଟଙ୍କା ପଇସା ହୁଏତ ଅରୁ ବାହାଘର ପାଇଁ ରଖି ଯାଇଛନ୍ତି । ଖୁବ ଅସୁବିଧାରେ ନ ପଡ଼ିଲେ ପାଞ୍ଚଗୁଣ୍ଠିଆ ବଗିଚା ବନ୍ଧୀ କି ବନ୍ଧା କଥା ସେ ମନରେ ଧରିବେ ନାହିଁ ।

ରମାପତି ଯେଉଁ ବାଟେ ଆସିଥିଲେ, ସେଇ ବାଟ ଦେଇ ହରିନାମ ସ୍ମରଣ କରି ଫେରି ଗଲେ ।

ଯେଉଁ ସମୟରେ ସ୍ନେହମୟୀଙ୍କୁ ପାଞ୍ଚଗୁଣ୍ଠିଆ ବଗିଚା ଖଣ୍ଡିକ ବନ୍ଧାରଖି ଝିଅ ବାହାଘର ପାଇଁ ଟଙ୍କା କରଜ ନେବାକୁ ରମାପତି ପ୍ରବର୍ତ୍ତାଉ ଥିଲେ, ଠିକ ସେଇ ସମୟରେ ଅଖିଳ ବାବୁ ନିଜର ଶଯ୍ୟାଶାୟୀ ପତ୍ନୀ ଲୀଳାମୟୀଙ୍କ ପାଖରେ ଅଭିଯୋଗ କରୁଥିଲେ

: ଦେଖ, ତମେ ଗୋଟାଏ ରୋଗର ବାହାନା କରି ସବୁଦିନେ ବିଛଣାରେ ଶୋଇ ରହିଲ । ତେଣେ କଅଣ ସବୁ ଅଘଟଣ ଘଟୁଛି ବୁଝୁଛ ?

ଲୀଳାମୟୀ ଚକିତ ଦୃଷ୍ଟିରେ ସ୍ୱାମୀଙ୍କୁ ଚାହିଁ କହିଲେ—

: ଅଘଟଣ ? ଅଘଟଣ କଣ ଘଟିଲା ? ଠାକୁର ପୂଜା ଠିକ୍ ସମୟରେ ହୋଇନି ? ମୁଁ ତ ବର୍ଷକେ ଛଅମାସ ବିଛଣାରେ ଶୋଇ ରହିଲି ! ତମେ ଯେଉଁ ଡାକ୍ତର ଡାକି ଆଣିଲ ସେମାନେ ଅଧେଦିନ ଗାଧୋଇବା ପାଇଁ ବାରଣ କଲେ । ମୁଁ କଅଣ ଆଉ ଅଗାଧୁଆ ଠାକୁର ଘରକୁ ଯାଇ ଆଅନ୍ତି ?

ସ୍ତ୍ରୀଙ୍କ ନିର୍ବୋଧତା ଲକ୍ଷ୍ୟକରି ଅଖିଳବାବୁ ମନେ ମନେ ଖୁବ ରାଗିଗଲେ ସୁଦ୍ଧା

Digitized by PPRACHIN, SOA

ବାହାରେ ସେ କଥା ପ୍ରକାଶ କଲେ ନାହିଁ । ସରପଞ୍ଚ ନିର୍ବାଚନରେ ଠିଆ ହୋଇ ସେ ବୁଝିଛନ୍ତି, ହୃଦୟର ଭାବକୁ ମୁହଁରେ ସବୁବେଳେ ପ୍ରକାଶ କରିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ ।

ସେ କେବଳ ଚଞ୍ଚଳ ପରିହାସରେ କହିଲେ—

: ଠାକୁର ପୂଜା ନହେବାଟା ଏ ଯୁଗରେ କଅଣ ଅଘଟଣ ବୋଲି କୁହ ? ଏ ଦେଶରେ କେତେ ଅମୁହାଁ ଦେଉଳ, ଅପୂଜା ଠାକୁର ନାହାନ୍ତି ! କଅଣ ସେମାନଙ୍କର ସୁମାର କରୁଛ ? ମୁଁ ଏଇଥିପାଇଁ ତମ ପାଖରେ ଏତେ ବ୍ୟସ୍ତ ବ୍ୟାକୁଳ ହେଉଛି ! ହାୟ ମୋ କପାଳ !

ସ୍ୱାମୀଙ୍କ କଥାରେ ବିଚଳିତ ହୋଇ ଲୀଳାମୟୀ ପଚାରିଲେ : ଆଉ କଣ ହେଲା ?

: ତମ ଗୁଣବନ୍ତ ପୁଅ ସେ ଅରୁଣା ସହିତ ଭାବନାବ ଲଗାଇଛି, ସ୍କୁଲରେ ମାଷ୍ଟରମାନେ ମୁଣ୍ଡରେ ହାତ ଦେଇ ବସିଲେଣି । ଗାଁରେ ଚୁପ୍ ଚାପ୍ ଫୁସ୍ ଫାସ୍ ଚାଲିଛି । ମୁଁ ସରପଞ୍ଚ ପଦ ପାଇଁ ନିର୍ବାଚନ ଲଢ଼ୁଛି । ଏହିରୁ କଥା ପାଇଁ ଲୋକ-ମାନେ ଯଦି ମୋ ଉପରେ ବିଗିଡ଼ି ଯାଆନ୍ତି ଫଳ କଅଣ ହେବ ବୁଝି ପାରୁଛ ? ତମେ ବା ବୁଝିବ କିପରି ? ବର୍ଷକେ ଛଅମାସ ବିଛଣାରେ ଶୋଇ ତମେ ଅସୁସ୍ଥ କରୁଛ । କେତେ ଧାନରେ କେତେ ଚାଉଳ ହୁଏ, ସେକଥା କ'ଣ ତମକୁ ଜଣା ଅଛି ?

ସ୍ୱାମୀଙ୍କ କଥା ଶୁଣି ଲୀଳାମୟୀଙ୍କ ରୋଗ-ପାଣ୍ଡୁର ମୁହଁରେ ହସ ଅତର୍କିତେ ଉଛୁଳି ପଡ଼ିଲା । ସେ ହସି ହସି କହିଲେ : ଅରୁ ସହିତ ପ୍ରଣବର ଭାବନାବତ ଏଇ ନୂଆକରି ଗାଁ ଲୋକେ ଦେଖୁ ନାହାନ୍ତି—ପିଲାଦିନୁ ସେମାନେ ଏଇ ଗାଁ ଦାଣ୍ଡରେ ହାତ ଧରାଧରି ହୋଇ ଖେଳା ବୁଲା କରିଛନ୍ତି । ଅରୁ ଭଳି ଭଲ ଝିଅ ଏ ଖଣ୍ଡ ମଣ୍ଡଳରେ ଆଉ କଏ ଅଛି ?

ଅଖିଳ ବାବୁ ଏଥର ନିଜର ରାଗ ସମ୍ଭାଳି ପାରିଲେ ନାହିଁ ।

କହିଲେ : ତମେ ଶେଷରେ ଏଇଆ ବୁଝିଲ ? ପିଲାଦିନେ ହାତ ଧରାଧରି ହୋଇ ବୁଲିବା ଆଉ ବଡ଼ ହେଲାପରେ ଦେହକୁ ଦେହ ଲଗାଇ ସନ୍ଧ୍ୟାବେଳେ ବଗିଚା ଭିତରେ ଠିଆହେବା ଏକା କଥା ? ରୋଗରେ ପଡ଼ି ତମର ସବୁ ବୁଦ୍ଧି ବୃତ୍ତି ଲୋପ ପାଇଲଣି ।

: ଅରୁଣା ଉପରେ ତମର ଏତେ ରାଗ କାହିଁକି ? ଦିନେ ସେ'ତ ଏ ଘରର

Digitized by PPRACHIN, SOA

ଝିଅ ଭଳି ତମ କୋଳରେ କାଖରେ 'ଝୁଲରେ ହାତୀ ଝୁଲ୍—ଭାଆଁ ପାଣିଖାଇ ଫୁଲ୍' ଥିଲି । ବଉଳକୁ ତମେ ଅନେକ ଥର କହୁଛ – ମୋର ଝିଅ ନାହିଁ—ଅରୁକୁ ମୋ କୋଳକୁ ଛାଡ଼ି ଦିଅ । ମନେ ନାହିଁ, ପିଲାଦିନେ ମୁଁ ତାର କେତେ ଅଳି ଅରଦୋଳି ନ ସହୁଛ ।

: ସେ ସବୁ ଅନେକ ବର୍ଷ ତଳର କଥା । ସେତେବେଳକୁ ମଧୁପାଟଣାରେ ରେଳଗାଡ଼ି ଅଟକୁ ନଥିଲା—ଷ୍ଟେସନ ହୋଇ ନ ଥିଲା—ମୁଁ ଗାଁ ମାଇନର ସ୍କୁଲର ସେକେଣ୍ଡମାଷ୍ଟ୍ରେ ନଥିଲି । ରାଜନୀତିରେ ପଶି ନଥିଲି—ଆଉ ଆଜି ? ଏ ଆଖ ପାଖ ପଚିଶ ଖଣ୍ଡ ଗାଁରେ ମୋର ନାମ ଡାକ । ମୁଁ ସରପଞ୍ଚ ପଦ ପାଇଁ ଭୋଟରେ ଠିଅ ହୋଇଛୁ—କିଏ ଜାଣେ ଆଉ ପାଞ୍ଚବର୍ଷ ପରେ ଏମ୍ ଏଲ୍ ଏ, ପାଇଁ ଠିଆ ହୋଇ ପାରେ—ତମେତ ସବୁବେଳେ ରୋଗର ବାହାନା କରି ବିଛଣାରେ ଶୋଇ ରହିଲ । ଘରର ଏରୁଣ୍ଡି ବନ୍ଧ ଡେଇଁ ବାହାର ଜଗତ କଥା କିଛି ବୁଝିଲ ନାହିଁ—ମତେ ଯେ ଲୋକେ କେମିତି ଖାତିର କରନ୍ତି; ମୋ କଥାରେ ବସ୍ ଉଠ୍ ହୁଅନ୍ତି—ସେକଥା ଜାଣିଲ ନାହିଁ—

ସ୍ୱାମୀଙ୍କକଥା ଶୁଣି ନୀଳାମୟୀଙ୍କ ମୁହଁ ଆନନ୍ଦରେ ଉଜ୍ଜ୍ୱଳ ହୋଇ ଉଠିଲା ।

ସେ କହିଲେ ତମେ ବଡ଼ଲୋକ ହୋଇଛ, ଏକଥା କ'ଣ ବୁଝିବାପାଇଁ ମତେ ଗାଁ ଗାଁ ବୁଲିବା ଦରକାର୍? ତମେ କେତେବେଳେ ଘରକୁ ଆସ, କେତେବେଳେ ବାହାରକୁ ଯାଅ; ସେ କଥା ମଧ୍ୟ ମୁଁ ଜାଣିପାରେ ନାହିଁ । ମୋର ସେବାପାଇଁ ତମେ ଚାକର ରଖିଛ । ମୋ ରୋଗ ଭଲ କରିବା ପାଇଁ ଡାକ୍ତର ଖଂଜ ଦେଇଛ । ମୋ ଶୋଇବା ଘରତ ଔଷଧ ଡବା ଆଉ ଶିଶିରେ ଭର୍ତ୍ତି ହୋଇ ଗୋଟାଏ ଔଷଧ ଦୋକାନ ଭଳି ଦେଖା ଗଲାଣି ! ଔଷଧ ଗନ୍ଧରେ ଘର ଗନ୍ଧାଇଲାଣି । ତଥାପି ମୋର ରୋଗ ଭଲ ହେଉ ନାହିଁ କି ଏ ଜୀବନ ଯାଉ ନାହିଁ । ମୁଁ କଅଣ କରିବି କୁହ ?

ଅଖିଳ ବାବୁ ସ୍ତ୍ରୀଙ୍କ କଥା ଶୁଣି ବ୍ୟଥିତ ହେଲେ ବିଚଳିତ ହେଲେ ନାହିଁ । ନୀଳାମୟୀଙ୍କୁ ବୁଝାଇଲା ଭଳି ଶାନ୍ତ କଣ୍ଠରେ କହିଲେ—

Digitized by PPRACHIN, SOA

: ପ୍ରଣବ ବୋଉ ! ତମେ ମୋ ଉପରେ ଅକାରଣରେ ରାଗ କରି ନିଜ ଦେହରେ ଦାଉ ସାଧୁଛ । ସ୍ତ୍ରୀ ମାସେ ପନ୍ଦର ଦିନ ବେମାର ପଡ଼ିଲେ ସ୍ୱାମୀ ତାକୁ ଦିନ ରାତି ଜଗିବସନ୍ତି, କିନ୍ତୁ ସ୍ତ୍ରୀ ଯଦି ମାସ ମାସ ଧରି ବିଛଣାରେ ପଡ଼ି ରହନ୍ତି, ଡାକ୍ତରମାନେ ଛାତି ପିଠିରେ ଷ୍ଟେଥୋ ପକାଇ ଝାଡ଼ା ପରିସ୍ରା ପରୀକ୍ଷା କରି ତଥାପି କୌଣସି ରୋଗ ଥିବା କଥା ଜାଣି ନ ପାରନ୍ତି, ତେବେ ସ୍ୱାମୀ କେଉଁଦିନ ସ୍ତ୍ରୀକୁ ରୋଗ ଶଯ୍ୟାରେ ଜଗି ବସିବ ? ଆଉ ଜଗି ବସିଲେ କୃଷି ବାସ, ବ୍ୟବସାୟ ବାଣିଜ୍ୟ ଉଜୁଡ଼ି ଯିବ ନାହିଁ ! ତମ ପାଇଁ ମୁଠା ମୁଠା ଟଙ୍କା ଔଷଧ, ଡାକ୍ତର ବାବଦ ଖର୍ଚ୍ଚ କଲା ପରେ ମଧ୍ୟ ତମେ ମତେ ଦୋଷ ଦେଉଛ ?

: ମୁଁ ତମକୁ ଦୋଷ ଦେଉନି, ଦୋଷ ମୋ କପାଳର । ତମକୁ ରାଜନୀତି ଖାଇ ଜଗିଛି । ଧର୍ମକର୍ମରେ ମନ ନାହିଁ । ପୁଅ, ମାଇପଙ୍କ ଉପରେ ଲୋଭନାହିଁ । କେବଳ ଟଙ୍କା, କ୍ଷମତା—

: ପ୍ରଣବ ବୋଉ ! ଶେଷକୁ ତମେ ମଧ୍ୟ ଏଇଆ କହିଲ ! ମୁଁ ଯାହା ଅର୍ଜୁଛି, କାହା ପାଇଁ ? ମଲାବେଳେ ସାଙ୍ଗରେ ନେଇ ଯିବ ? ଛି ଛି—

ତମେ ମୋ ଉପରେ ପଛେ ରାଗ, ନିଜ ସମ୍ପର୍କରେ ସେ କାଳ କଥା କୁହ ନାହିଁ । ତମର ଆଜି ଆଗରେ ଅହିଅ ଡଙ୍କୁରି ବଜାଇ ମୁଁ କେମିତି ଶଙ୍ଖା ସିନ୍ଦୂର ପିନ୍ଧି ଗା ମଶାଣିକି ଯାଏ । ଦିନ ରାତି ଭଗବାନଙ୍କୁ ପ୍ରାର୍ଥନା କରୁଛି—

: ଛି—ଛି—ତମ ମୁହଁରୁ ଏଇ ସବୁ ବାଜେ କଥା ଶୁଣିଲେ ମୋ ମୁଣ୍ଡକୁ ପିତ୍ତ ଚଢ଼ି ଯାଏ । ଟିକିଏ କଥାରେ ତମେ ଅହିଅ ଡଙ୍କୁରି କଥା କହି ମତେ ବିରକ୍ତ କର ।

: ମୋ ଉପରେ ପଛେ ରାଗ; ବିରକ୍ତ ହୁଅ । ଅରୁ ଉପରେ ରାଗ ନାହିଁ । ଏମିତି କିଛି କାମ କର ନାହିଁ ଯେଉଁଥିରେ ପ୍ରଣବର ମନ କଷ୍ଟ ହେବ ।

ଅରୁଣା ଉପରେ ରାଗିଥିଲେ ତା ବାପା ମଲା ପରେ ମୁଁ ତାକୁ ଡାକି ହାକି ଆଣି ଗାଁ ମାଇନର ସ୍କୁଲରେ ମାଷ୍ଟ୍ରାଣୀ କରି ଥାଆନ୍ତି ! ସେଇ ଚାକିରି ପାଇଁ ଆଉ ଦଶଜଣ ପ୍ରାର୍ଥୀ ଥିଲେ । ସ୍କୁଲ ଡି, ଆଇ, ଙ୍କୁ କୁହା ବୋଲା କରି ତାର ଟ୍ରେନିଂ ନ ଥିଲେ ସୁଦ୍ଧା ଚାକିରିରେ ଭର୍ତ୍ତି କରି ଦେଲି । ଆଜି କାଲି ଟ୍ରେନିଂ ନଥିବା ପ୍ରାର୍ଥୀଙ୍କୁ ଶିକ୍ଷକ—ଶିକ୍ଷୟିତ୍ରୀ କରି ଯାଉ ନାହିଁ । ଏକଥା ତମେ ଜାଣ ?

Digitized by PPRACHIN, SOA

ନୀଳାମୟୀ ମୃଦୁ ହସି କହିଲେ—ସେ କଥା ଜାଣି ମୋର ଲାଭ କଣ ? ଅରୁଣକୁ ତମେ ଚାକିରି ଦେଇଛ, ଜୀବନରେ ଅନ୍ତତଃ ସେଇ ଗୋଟିଏ ପୁଣ୍ୟ କାମ କରିଛ ବୋଲି ମୁଁ ଜାଣେ । ତାକୁ ଚାକିରି ଦେଇ ଆହାର ଦେଲେ, ପୁଣି ସେଇ ଆହାର ଉପରେ ପାହାର ଦେବାକୁ ବସିଛ କାହିଁକି ?

ଏଥର ଅଖିଳ ବାବୁଙ୍କ ଦୁଇ ଆଖିରେ କ୍ରୋଧର ଅନଳ ଜଳି ଉଠିଲା । ମୁହଁର ମାଂସ ପେଶି କଠିନ ହୋଇ ଗଲା । ସେ କ୍ଷୀଣ କଣ୍ଠରେ ଚିତ୍କାର କରି ଉଠିଲେ—

: ମୁଁ ତାର ଏତେ ବଡ଼ ଉପକାର କଲି, ତାର ମା'ଆ ତାର କଣ ପ୍ରତିଦାନ ଦେଲେ ? ଅଟାକଳ, ଚାଉଳ କଳ ବସାଇବି ବୋଲି ତାଙ୍କ ବଗିଚାଟା କିଣିବାକୁ ଚାହିଁଲି । ମୁହେଁ ମୁହେଁ ମନା କରିଦେଲା । ଏ ଯୁଗରେ କାହାର କିଛି ଉପକାର କରିବା ଉଚିତ୍ ନୁହେଁ । ଶୁଣୁଛି ମତେ ନ ବିକି ଅଧିକା ଟଙ୍କାରେ ସେ ବଗିଚା ମୋର ଦୁଷମନ୍ ରମାପତିଙ୍କୁ ବିକିବ ବୋଲି ମସୁଧା ଚାଲିଛି ।

ନୀଳାମୟୀ ପ୍ରତିବାଦ କଲେ : ତମେ ସେ ସବୁ ଶୁଣା କଥାରେ କାନ ଦିଅ ନାହିଁ, ବଉଳକୁ ମୁଁ ଭଲ କରି ଜାଣେ । ସେ ସେଭଳି ଲୋକ ନୁହେଁ—

: ତମେ କିଛି ଜାଣିନ । ପ୍ରଣବର ବାହାଘର ସମ୍ପର୍କରେ ମାଇନର ସ୍କୁଲ ହେଡ଼ମାଷ୍ଟ୍ର ଗୋଟାଏ ଭଲ ପ୍ରସ୍ତାବ ଆଣିଛନ୍ତି । ସେ ଖୁବ୍ ଯାନ ଯୌତୁକ ଦେବେ । ଉପର ମହଲରେ ତାଙ୍କର ଖୁବ୍ ଭଲ ପ୍ରଭାବ । ଜ୍ୱାଇଁ ହେଲେ ପ୍ରଣବକୁ ସେ ଗୋଟାଏ ଭଲ ଚାକିରି କରାଇ ଦେବେ । ଏହି ସମୟରେ ତମ ବଉଳ ପ୍ରଣବକୁ ଶିଖାଇ ଅରୁଣାକୁ ଲଗାଇ ମୋ ପୁଅକୁ ମୋ ଠାରୁ ଛଡ଼ାଇ ନେବାକୁ ବସିଛି ! ମୁଁ ଏହା କଦାପି ବରଦାସ୍ତ କରିବି ନାହିଁ—ତମେ ପ୍ରଣବକୁ କହିଦିଅ, ଅରୁଣା ସହିତ ସେ ଆଉ କେବେ ଦେଖା କରି ପାରିବ ନାହିଁ—

ସ୍ୱାମୀଙ୍କ ସେ କଣ୍ଠର କଠୋରତା, ଆଖିର ପିଙ୍ଗଳ ଦୃଷ୍ଟି ଦେଖି ନୀଳାମୟୀ ମନେ ମନେ ଭୟ ପାଇ ଚୁପ୍ ହୋଇଗଲେ ।

Digitized by PPRACHIN, SOA

ପ୍ରତିବନ୍ଧକ ପ୍ରଣୟର ଅନ୍ତରାୟ ହୁଏ ନାହିଁ । ବରଂ ପ୍ରଣୟର ଶିଥିଳ ବନ୍ଧନକୁ ଏହା ଦୃଢ଼ରୁ ଦୃଢ଼ତର କରେ । ଅଖିଳ ବାବୁଙ୍କ ବାରଣ ଆଉ ସ୍ନେହମୟୀଙ୍କ ଅଶ୍ରୁଳ ଆବେଦନ ସତ୍ତ୍ୱେ ପ୍ରଣବ ଆଉ ଅରୁଣା ଗୋପନରେ ପରସ୍ପରକୁ ଭେଟିବାକୁ ଲାଗିଲେ ।

ଦିନେ ମୁହଁ ସଞ୍ଜ ବେଳେ ତୁଳସୀ ଚଉରା ମୂଳେ ସଞ୍ଜବତୀ ଦେଇସାରି ଅରୁଣିମା ଦେଖିଲା, ପ୍ରଣବ ଭାଇ ଠିକ ତା ପଛ ପଟେ ମୁହଁରେ ଏକ ରହସ୍ୟମୟ ମାୟାବୀ ହସର ଆଲେଖ୍ୟ ଅଙ୍କନ କରି ଠିଆ ହୋଇଛନ୍ତି ।

ସେ ପଚାରିଲା : ହଠାତ୍ ଏତେବେଳେ ? ଶୁଣିଲି ମୋ ସହିତ ଦେଖା ନ କରିବାକୁ ତମ ବାପା ତମ ଉପରେ ଫରୁଆ ଜାରି କରିଛନ୍ତି ।

ପ୍ରଣବ ଏକାକୀ ସେ ଶୁଣି ପାରିଲା ଭଳି ଚୁପା କଣ୍ଠରେ ଉତ୍ତର ଦେଲା—: ସେଥିପାଇଁ ତ ତୋ ପାଖକୁ ଛୁଟି ଆସିଛି । କାଲି ଖରାବେଳେ ମହାଦେବ ମନ୍ଦିର ପାଖକୁ ଆସିବୁ । ମୁଁ ଅପେକ୍ଷା କରିଥିବି ।

ନିଜ ବାପାଙ୍କ ନିଷେଧାଜ୍ଞା ଅମାନ୍ୟ କରି ପ୍ରଣବ ତା ସହିତ ମହାଦେବ ମନ୍ଦିର ପାଖରେ ଦେଖା କରିବାକୁ ଚାହୁଁଛି, ଏକଥା ଶୁଣି ଅରୁଣିମାର ସାରା ଦେହରେ ବେପଥୁର ଶିହରଣ ଖେଳିଗଲା । ସେ ମୁହଁ ତଳକୁ କରି ପ୍ରଶ୍ନ କଲା—ଆଉ ମୋ ସ୍କୁଲ ? ସ୍କୁଲ ଯିବ ନାହିଁ ?

: ଯାଃ, ଗୋଟାଏ ଦିନ ମୋ ପାଇଁ ଛୁଟି ନେଇ ପାରିବୁ ନାହିଁ ?—ପ୍ରଣବ ନିଜ ପାଇଁ ଅରୁଣା ପାଖରୁ ଗୋଟାଏ ଦିନ ସ୍କୁଲ-ଛୁଟି ଦାବୀ କଲା ।

Digitized by PPRACHIN, SOA

: ପାରିବ, ତମ ପାଇଁ ସବୁ କରୁଛି ପାରିବ, ଖୁବ୍ ଅସ୍ଫୁଟ, ଅସ୍ପଷ୍ଟ କଣ୍ଠରେ ଉଚ୍ଚାରଣ କଲା ଅରୁଣିମା । ତାର ସେ ଉଚ୍ଚାରିତ ବାଣୀ ପ୍ରଣବ ଶୁଣି ପାରି ନଥିଲେ ମଧ୍ୟ ସେ ଭଲ ଏକ ମହତ୍ତ୍ୱପୂର୍ଣ୍ଣ କଥା କହି ପାରିଥିବା ହେତୁ ମୁହଁ ଫଳର ଅନ୍ଧକାର ମଧ୍ୟରେ ଅରୁର ମୁହଁରେ ଗୋଟିଏ ପବିତ୍ର ହସର ଫୁଲ ଫୁଟିଗଲା ।

ତା ଆରଦିନ ଏକ ଉଦାସ ଅପରାହ୍ଣରେ ପ୍ରଣବ ସହିତ ଅରୁଣିମାର ଦେଖା ହେଲା, ସେ ଆସିବା ଅନେକ ଆଗରୁ ପ୍ରଣବ ତା ପାଇଁ ମହାଦେବ ମନ୍ଦିର ପାଖ ଘାସ ପଡ଼ିଆରେ ଅପେକ୍ଷା କରୁଥିଲା । ତା ପାଇଁ ଆଜି ଜଣେ ଅପେକ୍ଷା କରୁଛି, ତାର ଆସିବା ବାଟକୁ ଚାହିଁ ଗୋଟାକ ପରେ ଗୋଟାଏ ସିଗାରେଟ ପୋଡ଼ି ଯାଉଛି, ଏକଥା ଭାବିଲେ ଆଜି କାଲି ଅରୁଣିମାର ଗୁଢ ଅହଂକାରରେ ସ୍ଫୀତ ହୋଇ ଯାଏ ।

: ଅରୁ !

: ତମେ ମତେ ଏତେ ନିରେଖି ନିରେଖି ଦେଖୁଛ କଣ ? ପିଲାଦିନୁ ତ ମତେ ଦେଖି ଆସୁଛ !

: ତତେ ଦେଖିଲେ ମୋର ସେଇ ମାଷ୍ଟ୍ରାଣୀ କବିତାଟା ମିଛ ମନେ ହୁଏ । ମନେ ଅଛି ରମାକାନ୍ତ ରଥଙ୍କ ସେଇ ମାଷ୍ଟ୍ରାଣୀ କବିତାର ଲାଇନ୍ ?

: ଦିନେନା ଦିନେ ମୁଁ
ପ୍ରୌଢ଼ା ହୋଇଯିବି ଏବଂ ଚଷମାର ମୋଟା ଫ୍ରେମରୁ ମୋ
ପଶି ଯାଇଥିବା ଗାଲ ଝୁଲୁଥିବ ବାଦୁଡ଼ି ପରି, ବା
ମୁଁ ଧୋବାଣି ବୁଲୁଥିବ ଅସହଜ ସ୍ଥୂଳ ଶରୀର ।
ସେତେବେଳେ ମଧ୍ୟ ମତେ ଦୁଇ ଏବଂ ଦୁଇ ମିଶି ଚାରି
ବୋଲି କହିବାକୁ ହେବ ।”

: ବାଃ, ସେ କବିତାର କମା, ସେମିକୋଲନ୍ ମଧ୍ୟ ତୋର ମୁଖସ୍ଥ ! ଏ କବିତା ପଢ଼ି ଭାରତୀ ଦିଦିକୁ ଆମେ କେତେ ଚିଡ଼ାଇଛୁ, ଅଥଚ ଶେଷରେ ତୁ ମଧ୍ୟ ମାଷ୍ଟ୍ରାଣୀ ହେଲୁ ! ଏହାକୁ କୁହାଯାଏ ଭାଗ୍ୟ ।

: ଭାଗ୍ୟ—ନା, ଦୁର୍ଭାଗ୍ୟ ନୁହେଁ, ସୌଭାଗ୍ୟ ।

: ଅବଶ୍ୟ ତୁ କୌଣସି ଦିନ ପ୍ରୌଢ଼ା ହେବୁ ନାହିଁ, ମୋଟା ଫ୍ରେମ୍ର ଚଷମା

Digitized by PPRACHIN, SOA

ପିଞ୍ଜରୁ ନାହିଁ, ତୋ ପଣି ଯାଇଥିବା ଗାଲ ବାଦୁଡ଼ ପର ଝୁଲି ପଡ଼ିବ ନାହିଁ । ଆମର ହିସାବରେ ଏକ ସହିତ ଏକ ମିଶିଲେ ଯୋଗଫଳ ଏକ, ଦୁଇରେ ଦୁଇ ମିଶିଲେ ତତେ କୌଣସି ଦିନ ବୁଢ଼ୀ ବୋଲି କହିବାକୁ ପଡ଼ିବ ନାହିଁ !

: ମୁଁ କଣ ତମ ଆଖିରେ ଅନନ୍ତ ଯୌବନା ଉର୍ବଶୀ !

: ନା, ତୁ ମୋ ଆଖିରେ ଏକଗୁଚ୍ଛ ରକ୍ତ ଗୋଲପ···ତୋର ମୁନିଆ କଣ୍ଟାରେ ମୋ ବକ୍ଷ ବିଦୀର୍ଣ୍ଣ କରି ମୋ ହୃଦର ରକ୍ତରେ ତୋ ପାଖୁଡ଼ାକୁ ମୁଁ ଆହୁରି ବେଶି ଗାଢ଼ ଲାଲ କରିଦେବି । କୌଣସି ଦିନ ତୋ ପାଖୁଡ଼ାର ରଙ୍ଗ ଫିକା ପଡ଼ିବ ନାହିଁ ।

ଆଃ, ଯାହା କହିବ ମୁହଁରେ କୁହ, ଏତେ ମର୍ମଭେଦୀ ଚାହାଣୀରେ ମତେ ଚାହଁ ନାହିଁ ।

: ତତେ ଟିକଏ ଆଖିଭରି ଦେଖିବି ବୋଲିତ ଏ ନିର୍ଜନ ଘାସ ପଡ଼ିଆକୁ ଡାକି ଆଣିଛୁ !

: ଠିକ୍ ଅଛୁ, ମତେ ଭଲ କରି ଆଖି ପୁରାଇ ଦେଖି ନିଅ, ହୁଏତ ମତେ ବେଶୀଦିନ ଦେଖିବାକୁ ପାଇବ ନାହିଁ ।

: କାହିଁକି ? କାହିଁକି ? କହ—

: ଆଃ, ଏଥିରେ କହିବାର କଣ ଅଛି ? ଝିଅ ବଡ଼ ହୋଇଗଲେ ପରେ ବୋଝ ହୋଇ ଯାଏ—ବୋଝ ନିଜ ମୁଣ୍ଡରୁ ଓହ୍ଲାଇ ଦେବା ପାଇଁ ସବୁ ବାପ ମାଆ ବ୍ୟସ୍ତ ହୁଅନ୍ତି । ପୁଣି ଯାହାର ବାପା ନାହିଁ—!

ତା ମାନେ ତୋର ଅନ୍ୟତ୍ର ବିବାହ ? କେଉଁଠି ଠିକ ହେଲାଣି ?

ହଁ ।

କାହା ସହିତ ?

ଜଣେ ଆଫ୍ରିକାନ୍ସ ରାଜକୁମାର, ଜଣେ ବ୍ଲାକ ପ୍ରିନସ୍—

ଥଟ୍ଟା କରୁଛୁ !

ନିଜକୁ ନେଇ କିଏ ଏମିତ ପରିହାସ କରେ ? ମାମୁଁଙ୍କ ଠାରୁ ଶୁଣିଛି ଯାହାଙ୍କ ସହିତ ମୋ ବାହାଘର ସ୍ଥିର ହେବାକୁ ଯାଉଛି, ତାଙ୍କ ଦେହର ରଙ୍ଗ କଟି କଟି କଳା—ଠିକ ଜଣେ ଆଫ୍ରିକାନ୍ ବ୍ଲାକ୍ ପ୍ରିନ୍ସ ଭଳି !

Digitized by PPRACHIN, SOA

ପ୍ରଣବ ପରିହାସଟା ଏଥର ବୁଝିଲା, କିନ୍ତୁ ହସି ପାରିଲା ନାହିଁ । ତା'ପରେ କମ୍ପିତ କଣ୍ଠରେ ପ୍ରଶ୍ନ କଲା : ତାହା ହେଲେ ଆମର କଣ ହେବ ?

ହେବ କ'ଣ ? ଖେଳଘର ଭାଙ୍ଗିଯିବ । ଧୂଳିଘର ବେଶୀଦିନ ଟେକେ ନାହିଁ । ଭୂଷୁଡ଼ି ପଡ଼େ । ନା ?

କିନ୍ତୁ ତତେ ବାଦ୍ ଦେଲେ ମୋର ଆଉ ଅବଶିଷ୍ଟ ରହିବ କ'ଣ ଅରୁ !

ତମେ ଏମିତି ଭାଙ୍ଗି ପଡ଼ୁଛ କାହିଁକି ? ତମେ କ'ଣ ସବୁଦିନେ ଦୁର୍ବଳ ପ୍ରେମିକ ହୋଇ ରହିବ, କୌଣସି ଦିନ ବ୍ଲାକ୍ ପ୍ରିନ୍ସକୁ ଯୁଦ୍ଧରେ ହରାଇ ମତେ ଘୋଡ଼ି କରି ରଥରେ ବସାଇ ନେଇଯିବ ନାହିଁ ? ସେଇ ସ୍ୱପ୍ନରେତ ମୋର ଦୁଇ ଆଖିପତା ଅଜସ୍ର ଅତନ୍ଦ୍ର ରାତ୍ରିରେ ଯୋଡ଼ି ହୋଇ ନାହିଁ—କୁହ, ଚୁପ ହୋଇ ରହିଲ କାହିଁକି ?

ଅରୁ ! ମୋ ପକ୍ଷୀରାଜ ଘୋଡ଼ାର ଡେଣା ଛିଣ୍ଡି ପଡ଼ିଛି । ମୁଁ ବେକାର । ବାପାଙ୍କ ହୋଟେଲରେ ମୁଁ ଅତିଥି । ମୋର ରଥ ଅଛି, ଚକ ନାହିଁ । ହାତ ଅଛି, ହତିଆର ନାହିଁ । ମୁଁ ଅନ୍ୟ ପ୍ରତିଦ୍ୱନ୍ଦୀ ସହିତ ଯୁଦ୍ଧରେ ଲଢ଼ିବି କିପରି ?

କିନ୍ତୁ ମାମୁଁ ଯେ ମୋ ଫଟୋ ନେଇ ଯାଇଛନ୍ତି ! ପସନ୍ଦ ହେଲେ ସେମାନେ ହି କହିବେ । ତମ ମୁହଁ ଶୁଖି ଯାଇଛି କାହିଁକି ? ଯଦି ତମ ବାପା ମତେ ବୋହୂ କରି ନେବାକୁ ମନା କରି ଦେଇ ଥାଆନ୍ତି, ତେବେ ମୋ ମୁହଁ ଶୁଖି ଯିବା କଥା । ତମେ ମୁହଁ ଶୁଖାଉଛ କାହିଁକି ?

: କିନ୍ତୁ ଚେଷ୍ଟା କଲେ ମଧ୍ୟ ମୁଁ ହସି ପାରୁନି—

: ମୁଁ ପରା ପାଖରେ ଥିଲେ ବିବର୍ଣ୍ଣ ପୃଥିବୀ ତମକୁ ସବୁଜ ଦେଖାଯାଏ ! ଦେଖ ମୁଁ ତମର କେତେ ପାଖରେ !

ଅରୁ ! ତୁ ଜାଣୁନା, ତୋର ଫଟୋ କେବଳ ତୋ ମାମୁଁ ଅନ୍ୟ ଜଣେ ବରପାତ୍ରକୁ ଦେଖାଇବାକୁ ନେଇ ଯାଇ ନାହାନ୍ତି, ମତେ ମଧ୍ୟ ବାଧ କରି ଯାଉଛନ୍ତି ବାପାଙ୍କ ମନୋନୀତ କନ୍ୟାକୁ ଦେଖିବାକୁ ଯିବା ପାଇଁ । ସେମାନେ ମକର ମେଳା ଦେଖିବାକୁ ଆସିବେ । ମୁଁ ସେଠାରେ ସେ ଝିଅକୁ ଦେଖି ଆସିବି—ମୁଁ ଯେତେ ମନା କଲେ ମଧ୍ୟ ବୋଉ ଜିଦ୍ କରୁଛି—

Digitized by PPRACHIN, SOA

ତେବେ କଣ କହୁଛନ୍ତି ?

କହୁଛି କନ୍ୟା ଦେଖିଲେ ଯେ ତୁ ନିଶ୍ଚୟ ବାହା ହେବୁ ଏମିତି କିଛି କଥା ନାହିଁ । ସେ ଝିଅର ବାପା ତୋ ବାପାଙ୍କୁ ସରପଞ୍ଚ ନିର୍ବାଚନରେ ସାହାଯ୍ୟ କରୁଛନ୍ତି । ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଅନ୍ତତଃ ପ୍ରସ୍ତାବଟା ଝୁଲୁଥାଉ—ତୁ ଗାଁକୁ ଆସି କନ୍ୟା ଦେଖି ନ ଆସିଲେ ସେମାନେ ଭାବିବେ ସେ ପ୍ରସ୍ତାବଟା ମୂଳରୁ ଭାଙ୍ଗିଗଲା—

ତାହା ହେଲେ ତମେ ଆପତ୍ତି କରୁଛ କାହିଁକି ? ତମର କଣ ଭୟ ହେଉଛି ଯେ ଝିଅକୁ ଦେଖିଲେ ତମେ ସତରେ ତାର ପ୍ରେମରେ ପଡ଼ିଯିବ ?

ତୋର ସେମିତି ଭୟ ହୁଏନା ।

ନା—ସେ ଆତ୍ମବିଶ୍ୱାସ ମୋର ଅଛି ।

କିନ୍ତୁ ଯାହାକୁ ନିଃସନ୍ଦେହରେ ମୁଁ ବିବାହ କରିବ ନାହିଁ, ତାକୁ ଦେଖିବାକୁ ଯିବ କାହିଁକି ?

ବଳଦ କିଣିଲା ବେଳେ ତାର ଦାନ୍ତ ପାଟି ଦେଖି ପରଖ କଲା ଭଳି ଅନେକ ଝିଅକୁ ଦେଖି ଅବଶେଷରେ ଗୋଟିଏ ଝିଅକୁ ବିବାହ କରିବା ଏ ଦେଶରେ ପୁଅମାନଙ୍କର ଏକ ପୁରୁଷୋଚିତ ଅହଙ୍କାର । ଅଧିକାର । ତମେ ସେ ଗୌରବରୁ ବଞ୍ଚିତ ହେବ କାହିଁକି ? ତା ଛଡ଼ା ମୁଁ ଗ୍ରହେଁ—ତମ ଦେଖା ସବୁ ନାରୀମାନଙ୍କ ମଧ୍ୟରେ ମୁଁ ସର୍ବଶ୍ରେଷ୍ଠା ହୁଏ—ତମର ଅବଶୋଷ ନରହୁ ଯେ ସେ ଝିଅକୁ ଦେଖିଥିଲେ ହୁଏତ ମତେ ତମେ ବିବାହ କରି ନ ଥାନ୍ତ !

ଅରୁ !

: ତମେ ମତେ ବାହା ହେବ କି ନାହିଁ ମୁଁ ଜାଣେନା । କିନ୍ତୁ ମୁଁ ଜାଣେ ମୋ ଠାରୁ ତମକୁ କେହି ଛଡ଼ାଇ ନେଇ ପାରିବେ ନାହିଁ । ତେଣୁ ତମେ ଯାହାକୁ ଦେଖିବାକୁ ଗଲେବି ମୋର ଭୟ ପାଇବାର କିଛି ନାହିଁ—

କିନ୍ତୁ ମୁଁ ଯେ କିଛି ଅଳକୂଳ ପାଉ ନାହିଁ । ଗାଁକୁ ଆସିଲା ବେଳେ ମୋର ଧାରଣା ଥିଲା ମୋ ଉପରେ ମୁଁ ହିଁ ଅଧୀଶ୍ୱର, ମୋର ଇଚ୍ଛା ବିରୁଦ୍ଧରେ ମତେ କେହି ଅକୂଳ ଘାଟରେ ପାଣି ପିଆଇ ପାରିବ ନାହିଁ । କିନ୍ତୁ ଗାଁକୁ ଆସି ବାପାଙ୍କ ମତଗତି ଦେଖି ସାରିଲା ପରେ ମୋର କେମିତି ଭୟ ହେଉଛି—

Digitized by PPRACHIN, SOA

କି ଭୟ,—ଅରୁଣିମା ଡରି ଡରି ପଚାରିଲା ।

ହୁଏତ ମୁଁ ମୋର ଅଧୀଶ୍ୱର ନୁହେଁ ମତେ ସେମାନେ ଭୁଲ୍ ବାଟରେ ନେଇ ଯାଉଛନ୍ତି । କାରଣ ମୋର ନିଜର ଚେର ନାହିଁ, ମୁଁ ଅନ୍ୟ ଗଛ ଉପରେ ଲଟେଇ ଥିବା ଏକ ଅଦରକାରୀ ଲତା—

ଛି—ଛି—ତମେ ନିଜକୁ ଏତେ ଅସହାୟ ମନେ କରିବା ଉଚିତ ନୁହେଁ, ପ୍ରେମ ନାରୀକୁ କରେ ଦୁଃସାହସୀ, ପୁରୁଷକୁ ନିର୍ଭୟ, ନିଃଶଙ୍କ ।

କିନ୍ତୁ ମୁଁ କଣ ଭୟକୁ ଜୟ କରି ପାରିଛି ? ତାହାହେଲେ ମୋ ଛାତି ଭିତରଟା ଏମିତି ଥରୁଛି କାହିଁକି ?

ପ୍ରଣବର କଥା ଶୁଣି ଅରୁଣିମା ଫିକ୍ କିନା ହସି ଦେଲା । ଖୁବ୍ ଧୀର କଣ୍ଠରେ କହିଲା : ସେ କମ୍ପନ, ଖାଲି ପ୍ରଣୟର ସ୍ପନ୍ଦନ । ତମେ ଅକାରଣରେ ଭୟ କର ନାହିଁ ।

ପ୍ରଣବ ମଧ୍ୟ ଅରୁଣାର କଥା ଶୁଣି ହସିଲା । ଫିକା ହସ !

Digitized by PPRACHIN, SOA

ଦିନେ ସଞ୍ଜବେଳେ ଛତାବାଡ଼ି ଧରି ପୁଣି ଆସି ପହଞ୍ଚିଲେ ନଟମାମୁଁ ।

ଅରୁଣିମା ତାଙ୍କୁ ଦେଖିବା ମାତ୍ରେ ବୁଝିଗଲା, ଏଥର ନିଶ୍ଚୟ ତାର ବିବାହ ପ୍ରସ୍ତାବ ପକ୍କା କରି ମାମୁଁ ଫେରିଛନ୍ତି । ତା ନହେଲେ ତାକୁ ଦେଖିଦେବା ମାତ୍ରେ ମାମୁଁଙ୍କ ମୁହଁରେ ଏମିତି ହସ ଫୁଟି ଉଠି ନଥାନ୍ତା ।

ଘରର ଅଭିଭାବକ କହିଲେ ବାପା ଚାଲିଗଲା ପରେ ଏଇ ନଟମାମୁଁ । ତାର ବାହାଘର ପାଇଁ ସେଥିପାଇଁ ତାଙ୍କୁ ନିଦ ନାହିଁ । ଚାରିଆଡ଼େ ଆଖି ବୁଲାଉଛନ୍ତି । ଗୋଟିଏ ଭଲ ସମ୍ବନ୍ଧର ସନ୍ଧାନ ପାଇଲେ ବୋଉ ପାଖକୁ ଛୁଟି ଆସୁଛନ୍ତି ।

ବୋଉ କାହିଁକି ମାମୁଁଙ୍କୁ କହି ଦେଉ ନାହିଁ ଯେ ପ୍ରଣବ ଛଡ଼ା ସେ ବିବାହ କରିବ ନାହିଁ !

ବୋଉ କାହିଁ କେଉଁଠି ଦେଖାଯାଉ ନାହିଁ । ଅରୁ ମଧ୍ୟ ନାହିଁ । ମାମୁଁଙ୍କ ଆଗକୁ ଆଉ ଯିବା ପାଇଁ ତାକୁ କପରି ମାଡ଼ି ମାଡ଼ି ପଡ଼ୁଛି । ଏକ ଅଜ୍ଞାତ-ଲଜ୍ଜାରେ କଣ୍ଠ ରୁଦ୍ଧ ହୋଇ ଆସୁଛି ।

ଆକାଶରେ ଅଗଣିତ ତାରା । ପବନରେ ଶୀତଳ ପରଶ । ଦେହଟା ଶୀତେଇ ଉଠୁଛି । ବାହାଘର ପ୍ରସ୍ତାବ ଶୁଣି ବୋଉ କଅଣ କହିବ ସେକଥା ଭାବିବା ପାଇଁ ଭୟ ଲାଗୁଛି ।

ଅରୁଣା ଡାକ ପକାଇଲା : ବୋଉ ! ବୋଉ ! ଏଇ ମାମୁଁ ଆସିଛନ୍ତି !

ଗୁହାଳରେ ଗାଈଟାକୁ ବାନ୍ଧି ଦେଇ ସ୍ନେହମୟୀ ଘରକୁ ଆସିଲେ ।

ସାନ ଭାଇକୁ ଦେଖି କହିଲେ : ତୁ ଆଉ କୁଣିଆଙ୍କ ଭଳି ଜାମାପଟା ପିନ୍ଧି ବସି ରହିଲୁ କାହିଁକି ? ଶାର୍ଟ ଖୋଲି ଗୋଡ଼ ହାତ ଧୁଅ, ଆଲୋ ଅରୁ ! ଲଣ୍ଠନଟା ଲଗାଇ ଆଣ । ମାମୁଁ ଅନ୍ଧାରରେ ବସିଛନ୍ତି ଯେ !

Digitized by PPRACHIN, SOA

କୁଆଡ଼ୁ ଖେଳିବୁଲି ଧୂଳି ଧୂସର ହୋଇ ଅଜୟ ଆସି ପହଞ୍ଚିଗଲା । ହଠାତ୍ ମାମୁଁଙ୍କୁ ଦ୍ୱାର ବାରଣ୍ଡାରେ ବସିଥିବା ଦେଖି ସେ ଚମକି ପଡ଼ିଲା ଏବଂ ଚୁପ୍ କରି ମୁଣ୍ଡିଆ ମାରି ଦେଇ ଘର ଭିତରକୁ ପଳାଇଲା ।

ସ୍ନେହମୟୀ ପଛରୁ ଡାକ ପକାଇଲେ : ହେ ଅଜୁ ! କୁଆଡ଼େ ନାହିଁ କୁଆଡ଼େ ବୁଲୁଥିଲୁ ! ଗୋଡ଼ହାତ ନଧୋଇ ଘର ଭିତରକୁ ଚାଲି ଗଲୁ ! ଯା—

ମାମୁଁ ମଧ୍ୟ ତାଙ୍କୁ ଶୁଣାଇ ଶୁଣାଇ କହିଲେ : ଖେଳାବୁଲା ଟିକିଏ ଛାଡ଼ ଏଥର ଅଜୁବାବୁ ! ପାଠ ପଢ଼ାରେ ମନ ଦିଅ-ମୁଣ୍ଡ ଉପରେ ପରୀକ୍ଷା—

ସ୍ନେହମୟୀ ମନ୍ତବ୍ୟ କଲେ : ତାର କଅଣ ପାଠ ପଢ଼ାରେ ମନ ଧ୍ୟାନ ଅଛି ! ସବୁବେଳେ ଖେଳ । ଆଜି ଗୁଡ଼ି ଉଡ଼ାଉ କାଲି ବାଜେ ପିଲାଙ୍କ ସାଙ୍ଗରେ କଉ କଉ ! ଅପାଉ ସବୁଦିନେ ଚାକରି କରି ତାକୁ ପୋଷିବ, ସେ ପାଠ ପଢ଼ିବ କାହିଁକି ?

ନଟ ମାମୁଁ ମୃଦୁ ହସି କହିଲେ : ସେ'ବା ଆଉ କେତେଦିନ ! ଏଇ ମାଘ ଫଗୁଣରେ ସେ ତାର ଘର ସଂସାର କରିବାକୁ ଅନ୍ୟଘରକୁ ଚାଲିଯିବ । ତାପରେ ?

ସ୍ନେହମୟୀ ସାନଭାଇ ମୁହଁକୁ ଚାହିଁ ପଚାରିଲେ : ତୁ କଅଣ ବାହାଘର ମାସ ତିଥି ବାର ଠିକ୍ କରି ସାରିଲୁଣି ! ସେମାନେ କଅଣ କହିଲେ ?

ନଟ ଅପା ମୁହଁକୁ ଚାହିଁ ଖିଲେ ପାନ କଲରେ ଜାକି ଦେଇ କହିଲେ : ତାଙ୍କର ଆଉ କହିବା'ର କଣ ଅଛି ? ଫଟୋ ଦେଖି ତାଙ୍କ ଘରେ ସମସ୍ତେ ଖୁସି । ଆଉ ଦେଖାଦେଖି ନକରି ନିର୍ବନ୍ଧ କଥା କହୁଥିଲେ । ମୁଁ ରାଜି ହେଲି ନାହିଁ । ତୁ'ତ ଯୋଉଁକି ଦେଖିବୁ ବୋଲି କହିଥିଲୁ ! ମୁଁ ସେଥିପାଇଁ କହିଛି ବୁଧି ମୁତାବକ ସେମାନେ କନ୍ୟା ଦେଖି ମୁହଁଚାହାଁ ଦେଇ ଯାଆନ୍ତୁ । ତାପରେ ଯାଇ ନିର୍ବନ୍ଧ ! ସେମାନେ ଆସନ୍ତା ସପ୍ତାହରେ ଆସିବେ । ସେଇ ଖବରଟା ଦେବାକୁ ମୁଁ ଛୁଟି ଆସିଲି—

ଠିକ୍ ଏତିକିବେଳେ ଅରୁଣାର ପାଟି ଶୁଣାଗଲା : ଏ ଅଜୁ ! ମୋ ଫାଉଣ୍ଟେନ୍ ପେନ୍ କୁଆଡ଼େ ଗଲା ? ଏଇ ଖଟ ଉପରେ ତକିଆ ପାଖରେ ରଖିଥିଲି ଯେ—

ଅଜୁ ଉତ୍ତର ଦେଲା : ତୋ କଲମ ମୁଁ କାହିଁକି ନେବି ?

Digitized by PPRACHIN, SOA

ରାଗରେ ଫାଟି ପଡ଼ି ଅରୁଣା କହିଲା : କଲମଟା କଣ ମାଛ ଶୁଖୁଆ ହୋଇଛି ଯେ ବିଲେଇ ନେଇ ଯିବ ! ତୁ ଘରେ କିଛି ଜିନିଷ ରଖି ଦେବୁ ନାହିଁ—

ସାନଭାଇକୁ ଲକ୍ଷ୍ୟ କରି କହିଲେ : ଦେଖୁଛୁ ନଟ ! ଭାଇ ଭଉଣୀ କେମିତି କଜିଆ କରୁଛନ୍ତି ! ଦୁଇଜଣଯାକ ଘରେ ଥିଲେ କେବଳ କଳି !

ନଟବର କେବଳ ହସିଲେ । କିଛି ଉତ୍ତର ଦେଲେ ନାହିଁ ।

କିଛି ସମୟ ପରେ ସ୍ନେହମୟୀ କଅଣ ଭାବି ଭାବି କହିଲେ : ଏ ଯେଉଁ ପ୍ରସ୍ତାବ କଥା କହୁଛୁ, ତା ଆଗରୁ ଆଉ ଗୋଟିଏ ପ୍ରସ୍ତାବ କଥା ଟିକିଏ ଦେଖନ୍ତୁ ନାହିଁ !

: ଆଉ କେଉଁଠି କଣ ପ୍ରସ୍ତାବ ଆସିଛି ?

ଆସିନ—ଅନେକ ଦିନୁ ମୋ ମନ ଭିତରେ ସେ କଥାଟା ଅଛି । ଡରେ ଭରସି କରି କହି ପାରୁନ—କଥା ଶେଷ କରି ଢୋକ ଗିଳିଲେ ସ୍ନେହମୟୀ ।

ନଟବର ପଚାରିଲେ : କହନ୍ତୁ । ମୁଁ ପଚାରି ବୁଝିବି ।

: ଏଇ ଅଖିଳ ବାବୁଙ୍କ ପୁଅ ପ୍ରଣବ କଥା । ପିଲାଦିନୁ ବଉଳ କହିଥିଲା ଅରୁକୁ ବୋହୂ କରିନେବା ପାଇଁ । ଥରେ ବୁଝିଲେ ହୁଅନ୍ତା ନାହିଁ !

କଥା ଶେଷ କରି ସାନ ଭାଇର ପ୍ରତିକ୍ରିୟା ଜାଣିବା ପାଇଁ ସ୍ନେହମୟୀ ସାନ ଭାଇର ମୁହଁକୁ ଚାହିଁ ରହିଲେ ।

ନଟବରଙ୍କ ମୁହଁରେ ଏ ପ୍ରସ୍ତାବ ଶୁଣି ଖୁବ୍ ବେଶୀ ଆଗ୍ରହର ଚିହ୍ନ ଦେଖାଗଲା ନାହିଁ । ତଥାପି ସେ ସନ୍ଦିଗ୍ଧ କଣ୍ଠରେ କହିଲେ : ସେ ପ୍ରସ୍ତାବତ ମୁଁ ମୂଳରୁ ଶୁଣିଛି । ସେମାନେ ବଡ଼ଲୋକ । ଅରୁକୁ ବୋହୂ କରିନେବା ପାଇଁ କଅଣ ସେମାନେ ରାଜି ହେବେ ?

ସ୍ନେହମୟୀ ଚକିତ ଭାବରେ ଉତ୍ତର ଦେଲେ : ପ୍ରଣବ ରାଜି । ବଉଳ ଅରାଜି ହେବ ନାହିଁ । ବାକି ପ୍ରଣବର ବାପା ! ତାଙ୍କର ମନ କଥା ମୁଁ ଜାଣେ ନାହିଁ । ତେବେ ସେ ଆମ ପାଞ୍ଚଗୁଣ୍ଠିଆ ବଗିଚା କିଣିବେ ବୋଲି ମୋ ପାଖକୁ ପ୍ରସ୍ତାବ ପଠାଇଥିଲେ । ତୁ ତାକୁ କହିବୁ, ସେ ଯଦି ବିବାହ ପ୍ରସ୍ତାବରେ ରାଜି ହୁଅନ୍ତି; ତେବେ ସେ ଜମି ମୁଁ ଅରୁକୁ ଯଉତୁକ ଦେଇ ଦେବି । ଆମରତ ତିନିଅ ପକ୍ଷ । ପ୍ରସ୍ତାବ ଆମ ଆଡୁ ଯିବା କଥା—

Digitized by PPRACHIN, SOA

ନଟବର ପ୍ରସ୍ତାବ ପକାଇବା ପାଇଁ ହିଁ ଭଗିଲେ । ସେ ଜାଣନ୍ତି, ଖୁଣିଙ୍କର ମନ ପ୍ରଣବକୁ ବାହାହେବା ପାଇଁ । ଯଦି ପାଞ୍ଚଗୁଣ୍ଠିଆ ବଗିଚ୍ଚ ଲୋଭରେ ଅଖିଳବାବୁ ରାଜି ହୋଇ ଯାଆନ୍ତି !

ତା ଆରଦିନ ସକାଳୁ ଛତାବାଡ଼ି ଧରି ନଟମାମୁଁ ପ୍ରଣବ ଘରକୁ ବିବାହ ପ୍ରସ୍ତାବ ନେଇ ଗଲବେଳେ ଅରୁଣିମା ମନେ ମନେ ଭଗବାନଙ୍କୁ ଡାକିଲା—ହେ ଭଗବାନ ! ଏଇଠାରେ ଯେପରି ବାହାଘର ଠିକ୍ ହୋଇଯାଏ । ତା ନହେଲେ ମୁଁ ପଛେ ଅବିବାହିତା ରହିବି ; ଅନ୍ୟ କେଉଁଠି ବାହାହେବି ନାହିଁ ।

ଅଖିଳବାବୁ ତାଙ୍କ ବୈଠକଖାନାରେ ବସି ହୁକା ଟାଣୁଥିଲେ । ସେ ପ୍ରଥମେ ନଟବରଙ୍କୁ ଚହ୍ନି ପାରିଲେ ନାହିଁ । ଅରୁଣିମାର ମାମୁଁ ବୋଲି ସେ ଯେତେବେଳେ ନିଜର ଅ।ତ୍ମ ପରିଚୟ ଦେଲେ, ତାଙ୍କ ମୁହଁ ପ୍ରସନ୍ନ ଦେଖାଗଲା ।

ନଟବରଙ୍କୁ ଚେୟାରରେ ବସିବା ପାଇଁ ଅନୁରୋଧ କରି ଚାକରକୁ ଚାହା ଆଣିବାକୁ ବରାଦ ଦେଲେ ।

ନଟବର ଚାହା ପିଇସାରି କହିଲେ : ମୁଁ ଗୋଟିଏ ପ୍ରସ୍ତାବ ନେଇ ଆପଣଙ୍କ ପାଖକୁ ଅ।ସିଛି ।

ଉତ୍‌ଫୁଲ୍ଲିତ କଣ୍ଠରେ ଅଖିଳବାବୁ ଉତ୍ତର ଦେଲେ : ପ୍ରସ୍ତାବତ ମୁଁ ନିଜେ ପଠାଇଥିଲି ନଟବାବୁ ! ତାଙ୍କର ସେ ବଗିଚ୍ଚଟା ଖାଲି ପଡ଼ିଛି । ମୁଁ ଉଚିତ ମୂଲ୍ୟ ଦେଇ କିଣିବି । ସେଠାରେ ଗୋଟାଏ ଚାଉଳ କଳ ଆଉ ଅଟାକଳ ବସାଇବି । କିନ୍ତୁ ଅରୁଣ ବୋଉତ ସେ ପ୍ରସ୍ତାବ ଶୁଣି ଚୁପ୍ ରହିଲେ ! ତମେ ଯଦି ପ୍ରସ୍ତାବ ନେଇ ଆସିଛ, ଟଙ୍କା ପଇସା କଥା ଛାଡ଼ି ଯାଉ । କେତେଟଙ୍କା ନେଲେ ସେ ବଗିଚ୍ଚ କବଲା କରିଦେବେ କୁହ ! ତମେ ଯାହା କହିବ ମୁଁ ରାଜି । ଯଦି ନ୍ୟାଯ୍ୟ ମୂଲ୍ୟଠାରୁ ପାଞ୍ଚଶହ ହଜାରେ ଅଧିକ ଚାହୁଁଥାଅ ; କିଛି ଚିନ୍ତା ନାହିଁ । ମୁଁ ନଗଦ ଟଙ୍କା ଦେଇଦେବି—

ବିବାହ ପ୍ରସ୍ତାବକୁ ଅଖିଳବାବୁ ଜମିବିକା ପ୍ରସ୍ତାବ ବୋଲି ମନେ କରିଛନ୍ତି ଦେଖି ନଟବର ଖୁବ୍ ଅସୁବିଧ ରେ ପଡ଼ିଗଲେ ।

ସେ ପ୍ରସଙ୍ଗ ପରିବର୍ତ୍ତନ କରି କହିଲେ : ମୁଁ ଅରୁ ସହିତ ପ୍ରଣବର ବାହାଘର

Digitized by PPRACHIN, SOA

ପ୍ରସ୍ତାବ ନେଇ ଆସିଥିଲି । ସେ ପାଞ୍ଚଗୁଣ୍ଠିଆ ବଗିଚ୍ଚକୁ ଆମେ ଅରୁକୁ ଯୌତୁକ ଦେଇଦେବୁ । ଆପଣ ଟଙ୍କା ଦେଇ କିଣିବା ଆବଶ୍ୟକ ନାହିଁ ।

ପ୍ରଣବ ସହିତ ଅରୁଣାର ବିବାହ ପ୍ରସ୍ତାବ !
ହଠାତ୍ ଉତ୍ଫଣ ସର୍ପ ଭଳି ଗର୍ଜ୍ଜନ କରି ଉଠିଲେ ଅଖିଳବାବୁ ।

ତାଙ୍କର ମୁହଁ କ୍ରୋଧରେ ପିଙ୍ଗଳବର୍ଣ୍ଣ ଧାରଣ କଲା । ଚକ୍ଷୁ ବିସ୍ଫାରିତ ହୋଇଗଲା । ସେ ଗର୍ଜ୍ଜନ କରି ଉଠିଲେ : କଅଣ କହିଲ ? ଅରୁଣା ସହିତ ମୋ ପୁଅର ବିବାହ ! ପାଞ୍ଚଗୁଣ୍ଠିଆ ଜମିକୁ ଲାଞ୍ଚଦେଇ ତମେ ମୋ ପୁଅକୁ କିଣିବାକୁ ଚାହୁଁଛ ନଟବର ! ସେକଥା ଭୁଲି ଯାଅ । ତମେ ଯଦି ସେ ଜମି ମତେ ଭଲରେ ଭଲରେ ଟଙ୍କା ନେଇ ବିକ୍ରୀ ନକର, ତେବେ ସରପଞ୍ଚ ନିର୍ବାଚନ ପରେ ମୁଁ ତାକୁ ଜବରଦସ୍ତ ଦଖଲ କରି ଗୁହାଳ ଆଉ ଅଟ୍ଟାଳିକା ବସାଇବି । କିନ୍ତୁ ଅରୁଣା ସହିତ ପ୍ରଣବର ବାହାଘର କରାଇ ଦେବି ନାହିଁ । ମୁଁ ମୋ ପୁଅର ବାହାଘର ଅନ୍ୟ ଯାଗାରେ ସ୍ଥିର କରି ସାରିଛି !

ତଥାପି ନଟବର ଅରୁଣାର ମତାମତ କଥା ମନରେ ରଖି ଅଖିଳବାବୁଙ୍କୁ ବୁଝାଇବାକୁ ଚେଷ୍ଟା କଲେ : ମୁଁ ଜାଣେ, ଆମେ ଆପଣଙ୍କର ସମାସ୍କନ୍ଧ ବନ୍ଧୁ ନୋହୁଁ । କିନ୍ତୁ ଅରୁଣା ପିଲାଦିନୁ ପ୍ରଣବକୁ ଭଲ ପାଇ ଆସିଛି । ଆପଣ ତାକୁ ଝିଅ ଭଳି ସ୍ନେହ କରି ଆସିଛନ୍ତି । ଅରୁଣାକୁ ବୋହୂ କରି ଆଣିଲେ ପ୍ରଣବ-ଅରୁଣା ଦୁଇଜଣଙ୍କ ଜୀବନ ସୁଖମୟ ହେବ ।

ନଟବାବୁଙ୍କର ଏ ଅନୁନୟମିଶା ଅନୁରୋଧ ଶୁଣି କ୍ରୋଧ ନୁହେଁ, ଅଖିଳବାବୁଙ୍କ ମୁହଁରେ ତାଚ୍ଛଲ୍ୟର ହସ ଫୁଟି ଉଠିଲା ।

ସେ ବିଦ୍ରୂପଭରା କଣ୍ଠରେ ନଟବରଙ୍କୁ କହିଲେ : ମୁଁ ମୋ ପୁଅକୁ କେଉଁଠି ବାହାଦେବି, ସେ ବିଷୟରେ ମତେ ଉପଦେଶ ଦେବାକୁ ତମେ କିଏ ? ଆଉ ଅରୁଣା ମୋ ପୁଅକୁ ଭଲ ପାଏ ବୋଲି ମୁଁ ତାକୁ ବୋହୂ କରି ଆଣିବି ବୋଲି ତମକୁ ଅବା କିଏ କହିଲା ? ଯଦି ଏ ବିଷୟରେ କାହାକୁ ଉପଦେଶ ଦେବାର ଥାଏ, ତମେ ସେ ଉପଦେଶ ଆରୁଣାକୁ ଦିଅ । ସେ ମୋ ପୁଅ ସହିତ ମିଳାମିଶା

Digitized by PPRACHIN, SOA

ନକରୁ । ପ୍ରଣବ ଯୁବକ । ରକ୍ତରେ ତାର ନିଆଁ ଜଳୁଛି । ସେ ଲୋଭର ନିଆଁରେ ଯଦି ଅରୁଣାର ସୁନ୍ଦର ରଙ୍ଗିନ ଡେଣା ପୋଡ଼ି ଯାଏ, ପଛରେ ମତେ ଦୋଷ ଦେବ ନାହିଁ ।

ଏ ସବୁ କଥା ଶୁଣିଲା ପରେ ନଟବର ଅବା ଆଉ କଅଣ କହି ଅଖିଲବାବୁଙ୍କ ହୃଦୟ ପରିବର୍ତ୍ତନ କରି ପାରି ଥାଆନ୍ତେ ! ବରଂ ଅଖିଲବାବୁଙ୍କ ଶେଷ କଥା କେଇପଦ ତାଙ୍କୁ ଖୁବ୍ ଅଶ୍ଳୀଳ ଓ ଅପମାନଜନକ ମନେ ହେଲା । ଲଜ୍ଜାରେ ଅଧୋମୁଖ ହୋଇ ସେ ଉଠି ଆସିଲେ ।

ଘରେ ସ୍ନେହମୟୀ କଅଣ ହେଲା ଜାଣିବା ପାଇଁ ଉତ୍କଣ୍ଠିତ ଭାବରେ ଅପେକ୍ଷା କରୁଥିଲେ ।

ନଟବର ସବୁ କଥା ତାଙ୍କୁ ବୁଝାଇ ଶୁଝାଇ କହିଲା ପରେ ତାଙ୍କ ପାଟିରୁ ଆଉ କଥା ବାହାରିଲା ନାହିଁ । ସେ ଆଖିରୁ ଝରି ଆସୁଥିବା ଅଶ୍ରୁଧାରା ଶାଢ଼ୀର ପଣତ କାନରେ ପୋଛି ନେଲେ ।

କବାଟ ଅନ୍ତରାଳରେ ଥାଇ ଅରୁଣିମା ମଧ୍ୟ ସବୁ କଥା ଶୁଣୁଥିଲା । କିନ୍ତୁ ପ୍ରଣବର ବାପାଙ୍କ ମନ୍ତବ୍ୟ ମାମୁଁଙ୍କ ମୁହଁରୁ ଶୁଣି ତା ଆଖିପତା ଶୋକର ଅଶ୍ରୁଜଳରେ ଭିଜିଲା ନାହିଁ । ସେ ଜାଣିଥିଲା, ବାହାଘର କେଉଁ ଅଦେଖା ହାତର ଇଙ୍ଗିତରେ ସମ୍ପନ୍ନ ହୁଏ, ସେଥିରେ ଅଖିଲ ମଉସାଙ୍କର କିଛି କରିବାର ନାହିଁ ।

ତା ମୁହଁର କୋମଳ ମାଂସପେଶି ଏକ ନୂତନ ପ୍ରତିଜ୍ଞାରେ କଠିନ ହୋଇଗଲା ।

Digitized by PPRACHIN, SOA



ମକର ମେଳା

ଦୋକାନ ବଜାର, ମାଇକ୍‌ର ଝଙ୍କାରରେ ମେଳାସ୍ଥଳୀ ସମୁଦ୍ର ଗର୍ଜ୍ଜନ ଭଳି ଉଚ୍ଛୁଳି ଉଠିଛି । ଅପରାହ୍ଣର ଖରା କ୍ରମଶଃ ଶୀତଳ ହୋଇ ଆସିବା ମାତ୍ରେ ଜନଗହଳି ବଢ଼ିବାରେ ଲାଗିଛି । ପିଚୁଢ଼ାଳା ରାସ୍ତା, ନାଲି ସଡ଼କ ଆଉ ମଫସଲର କଚ୍ଚା ରାସ୍ତା ଦେଇ ଚାରି ଦିଗରୁ ଛୁଟି ଆସୁଛନ୍ତି ଅଗଣିତ ନାରୀ ପୁରୁଷ, ଛୁଆ ପିଲା···ଧାଡ଼ି ଧାଡ଼ି ପିପିଲିକା ଭଳି !

ଏ ଅଞ୍ଚଳର ଏଇଟି ଖୁବ୍ ବଡ଼ ଯାତ୍ରା । ନୂଆ ଫସଲ ଆମଦାନୀ ପରେ, ବିଲର ଲକ୍ଷ୍ମୀ ଘରର ଖଳାକୁ ଉଠିଗଲା ପରେ ଲୋକଙ୍କ ହାତକୁ ପଇସା ଆସିଯାଏ । ବର୍ଷକର ଦୈନନ୍ଦିନୀୟ ଜିନିଷ କିଣିନେବା ପାଇଁ ସେମାନେ ଏଇ ମେଳାକୁ ଛୁଟି ଆସନ୍ତି । ଖାଇ ପିଇ ରଙ୍ଗିନ ଶାଢ଼ୀ, ଜାମାପଟା ପିନ୍ଧି ମହଲଣ ଖରାରେ ସେମାନେ ଆସି ମେଳାରେ ପହଞ୍ଚ ଯାଆନ୍ତି । ସେଥିପାଇଁ ଉପରଓଳି ମେଳାରେ ଭିଡ଼ ବଢ଼ିଯାଏ ।

ମେଳାର ପଶ୍ଚିମ ସୀମାନ୍ତରେ ସୋମନାଥ ମନ୍ଦିର । କେଉଁ ପ୍ରାଚୀନ କାଳରୁ ବ୍ରହ୍ମଗ୍ରସ୍ତ ମୁଚୁକୁନ୍ଦ ସ୍ୱାମୀ ଶିବକ୍ଷେତ୍ର ଭୁବନେଶ୍ୱରରୁ ଏକ ଶିବ ମୂର୍ତ୍ତି ନେଇ ଚାଲି ଚାଲି ସ୍ୱଗ୍ରାମକୁ ଫେରୁଥିଲେ । ସୂର୍ଯ୍ୟାସ୍ତ ହେବାରୁ ବ୍ରହ୍ମଗ୍ରସ୍ତ ବ୍ରାହ୍ମଣ ଶିବମୂର୍ତ୍ତିକୁ ଅଳକାନନ୍ଦୀର ବାଲୁକା ଶଯ୍ୟାରେ ରଖି ନଦୀରେ ସାଂଧ୍ୟସ୍ନାନ ସମାପ୍ତ କଲେ । କିନ୍ତୁ ସ୍ନାନ ଶେଷରେ ପୁଣି ମୂର୍ତ୍ତିକୁ ଧରି ଯାତ୍ରାରମ୍ଭ କଲା ବେଳକୁ ଦେଖିଲେ ମୂର୍ତ୍ତି ତଳୁ ଉଠୁନାହିଁ । କିମ୍ବଦନ୍ତୀ ଶୁଣାଯାଏ ଶିବମୂର୍ତ୍ତି ନଦୀ ଶଯ୍ୟା ତ୍ୟାଗ ନକରିବାରୁ ବ୍ରାହ୍ମଣ ସେଠାରେ ଅନାହାରରେ ଅଧିଆ ପଡ଼ିଥିଲେ । ସ୍ୱପ୍ନରେ ସୋମନାଥ ତାଙ୍କୁ ଆଦେଶ ଦେଇଥିଲେ, ମୁଁ ଏହି ପବିତ୍ର ନଦୀରେ ଅବସ୍ଥାନ କରିବି । ମତେ ଏଠାରୁ ନେବା ପାଇଁ ବୃଥା ଚେଷ୍ଟା କର ନାହିଁ ।

Digitized by PPRACHIN, SOA

ସେହି କମ୍ପଦଳୀର ଦେବତା ସୋମନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ଝିଅଙ୍କୁ ଧରି ଅପେକ୍ଷା କରିଥିଲେ ପ୍ରଣବର ଭାବୀ-ଶାଶୂ, ଶ୍ୱଶୁର । ଅଖିଳବାବୁ ଆସି ମଧ୍ୟ କନ୍ୟା ପିତା ସହିତ ଗପ ଜମାଇ ଦେଇଥିଲେ । ମେଳା ଦେଖା ସହିତ କନ୍ୟା ଦେଖା କାର୍ଯ୍ୟ ଶେଷ କରିବା ପାଇଁ ସେ ମୀଳାମୟୀଙ୍କୁ ମଧ୍ୟ ସାଙ୍ଗରେ ଆଣିବାକୁ ଯୁକ୍ତି ଥିଲେ । ପ୍ରଣବର ବୋଉ କନ୍ୟା ଦେଖି ଆସିବାକୁ ରାଜି ହେଲେ ନାହିଁ । ଅଗତ୍ୟା ଗ୍ରାମର ଜଣେ ଝିଅଜ ଲେଖା ହେବେ—ଏପରି ଜଣେ ବୟସ୍କା ମହିଳାଙ୍କୁ ସେ ସାଙ୍ଗରେ ନେଇ ଆସିଛନ୍ତି । କନ୍ୟାପିତାଙ୍କ ସହ ସେ ସରପଞ୍ଚ ନିର୍ବାଚନ ସମ୍ପର୍କୀୟ ଗଳ୍ପରେ ମାତିଥିବା ବେଳେ ଗ୍ରାମରୁ ଆସିଥିବା ପ୍ରଣବର ଲେଖାଯୋଖା ବଡ଼ବୋଉ କନ୍ୟାର ପାଦ, ହାତ, ଆଙ୍ଗୁଠି, ନଖ ନିରେଖି ନିରେଖି ଦେଖୁଛନ୍ତି । କନ୍ୟାର ମୁହଁ ରକ୍ତହୀନ ହୋଇଯାଉଛି । ତାକୁ ସମ୍ଭବତଃ ବରପକ୍ଷ ଦେଖିଲା ବେଳେ ଆଖିବୁଜି ବସିବାକୁ କୁହା ଯାଇଛି । କିନ୍ତୁ ଝିଅଟା କେତେ ସମୟ ଆଖିପତା ବନ୍ଦ କରି ବସି ରହିବ ? ସେ ମଝିରେ ମଝିରେ ମିଟି ମିଟି କରି ଚାହୁଁଛି ଏବଂ ବୋଉ ଆଖିର ଚାହାଣୀରେ ତାକୁ ଧମକ ଦେଲେ ସେ ପୁଣି ଆଖିବନ୍ଦ କରି ଦେଉଛି !

କିଛି ସମୟ ପରେ ଅଖିଳ ବାବୁ ଯୋର୍ କରି ପ୍ରଣବକୁ ମେଳା ମଝିରୁ ଖୋଜି ଧରି ଆଣିଲେ କନ୍ୟା ଦେଖିବାକୁ ।

ମୁହୂର୍ତ୍ତକ ମଧ୍ୟରେ ପ୍ରଣବର ଝିଅଟି ସହିତ ଦୃଷ୍ଟି ବିନିମୟ ହେଲା ।

କନ୍ୟାର ଲଜ୍ଜା-ଭୀରୁ ମୁଦ୍ରିତ ନୟନ ମୁହୂର୍ତ୍ତକ ପାଇଁ ଖୋଲି ଯାଇ ପୁଣି ବନ୍ଦ ହୋଇଗଲା । ପ୍ରଣବର ମନେ ହେଲା, ସତେ ଯେମିତି ଝିଅଟିର ଭ୍ରୂପଲ୍ଲବ ତାକୁ ଡାକ ଦେଇଗଲା-ମତେ ବରଣ କରି ନିଅ···ତମର ଜୀବନ-ସଙ୍ଗିନୀ କରି ନିଅ····ମତେ ଅପସନ୍ଦ କରି ଦୁଃଖ ଦିଅ ନାହିଁ !

ଏଭଳି ଗ୍ରାମ୍ୟ-ସୁନ୍ଦରୀ ଜୀବନରେ ସେ ପ୍ରଥମ ଦେଖିଲା ନାହିଁ, ତଥାପି ଝିଅଟିର ଲଜ୍ଜା-କୁଣ୍ଠିତ ଚାହାଣୀ ତା' ହୃଦୟର ସ୍ଥିରପାଣିର କଳକୁ ଚହଲାଇ ଦେଲା ।

ଝିଅଟିର ବାପା କହିଲେ କିଛି ପ୍ରଶ୍ନ କରିବେତ, କରନ୍ତୁ । ଲଜ୍ଜା କରନ୍ତୁ ନାହିଁ । କୁନି ଆମର ଦଶମ ଶ୍ରେଣୀରେ ପାଠ ପଢ଼ୁଛି । ଅକ୍ଷର ଗୁଡ଼ିକ ମୁକ୍ତା ଭଳି ।

ଝିଅଟିର ମାଆ କହିଲେ ; କୁନି ଆମର ଭଲ ଚୁଡ଼ି କାମ ଜାଣେ ! ରୁମାଲରେ

Digitized by PPRACHIN, SOA

ଫୁଲ ପକାଇଛୁ, ଦେଖିବ ? ଘର କାମକୁ ଧୁରନ୍ଧର । ସାଙ୍ଗରେ କେତେ ଗୁଡ଼ାଏ ତାର ହାତକାମ ଆଣିଛୁ, ବୁଢ଼-ଦେଖାଉଛୁ—

ଭଦ୍ରମହିଳା ଗୋଟାଏ ଚମଡ଼ା ସୁଟକେଶ୍‌ରୁ ଝିଅର ସୀବନ ଶିଳ୍ପର ନମୁନା କାଢ଼ିବାକୁ ଯାଉଥିଲେ । ନାହିଁ-ନାହିଁ-କହି ପ୍ରଣବ ପଳାଇ ଯାଇ ଆତ୍ମରକ୍ଷା କଲା ।

ଅଖିଳ ବାବୁ କହିଲେ : ଦେଖିଲ, ଦେଖିଲ ସମୁଦ ! ଏମ, ଏ, ପାଶ୍ କର ଏତେ ବର୍ଷ ସହରରେ ରହିଲେ କଅଣ ହେଲା, ପୁଅ ମୋର ଖୁବ୍ ଲାଜକୁଳା । ଦେଖିବ—ସେ ମୋ କଥାରୁ ମୋଟେ ବାହାରିଯିବ ନାହିଁ—

ମନ୍ଦିର ପାଖରୁ ପଳାଇ ଆସି ମେଳା ମଝିରେ ଠିଆ ହୋଇ ପ୍ରଣବ ମୁହଁରୁ ଝାଳ ପୋଛିଲା । ହଠାତ୍ ତାର ଆଖିପଡ଼ିଲା, ସାମ୍ନାରେ କାଠଡଆର ହାତୀଘୋଡ଼ା ଉପରେ ବସି ପିଲାମାନେ ଯେଉଁଠି ବୃତ୍ତାକାରରେ ଘୂରୁଛନ୍ତି, ସେଠାରେ ଠିଆ ହୋଇଛି ଅରୁଣା । ଅଜୟ ଗୋଟାଏ କାଠଘୋଡ଼ା ଉପରେ ବସି ଚକ୍ରାକାରରେ ଘୂରୁଛି । ସାନ ଭାଇକୁ ଉତ୍ସାହିତ କରିବା ପାଇଁ ଅରୁଣା ସେଠାରେ ଠିଆ ହୋଇ ହାତ ତାଳି ଦେଉଛି !

ପ୍ରଣବ ସହିତ ଅରୁଣାର ଦୁଇ ଆଖି ମିଶିଗଲା ପରେ ଆପେ ଆପେ ତାର ହାତ ତାଳି ବନ୍ଦ ହୋଇଗଲା ।

ପ୍ରଣବର ଆଖି ଡୋଳାରେ କାଠର ହାତୀ ଘୋଡ଼ା ବଦଳରେ ଆବର୍ତ୍ତିତ ହେବାକୁ ଲାଗିଲା ଅରୁଣା ଆଉ ସେଇ ଝିଅଟିର ଆଶ୍ଚର୍ଯ୍ୟ ସୁନ୍ଦର ମୁହଁ !

ଅଜୟ କାଠ ଘୋଡ଼ାରୁ ଓହ୍ଲାଇ ଅରୁଣା ପାଖକୁ ଆସି କହିଲା—

: ଅପା ! ମୋର ସାଙ୍ଗମାନେ ଆସିଛନ୍ତି । ମୁଁ ଅପେରା ପାର୍ଟିର ଯାତ୍ରା ଦେଖିବ । ମନ୍ଦିର ସାମ୍ନାରେ ଯାତ୍ରା ହେଉଛି—

: ଚଞ୍ଚଳ ଆସିବୁ । ମୁଁ ଏଠାରେ ପ୍ରଣବ ଭାଇଙ୍କ ସହ ଗପ କରୁଛି । ଅରୁଣା ସାନ ଭାଇକୁ ତା ସାଙ୍ଗମାନଙ୍କ ସାଙ୍ଗରେ ବିଦା କରି ଦେଇ ପ୍ରଣବ ପାଖକୁ ଚାଲି ଆସିଲା ।

ସେମାନେ ଚାଲି ଚାଲି ଗୋଟିଏ ଅପେକ୍ଷାକୃତ ଜନଶୂନ୍ୟ ସ୍ଥାନରେ ଠିଆହେଲେ ।

ପ୍ରଣବ ଲଘୁ ପରିହାସରେ ପଚାରିଲା : ମୋ ସହିତ ଦେଖା ନ ହୋଇଥିଲେ ତୁ ନିଶ୍ଚୟ କାଠଘୋଡ଼ାରେ ବସି ମେରି ଗୋ ରାଉଣ୍ଡ ଖେଳ ଖେଳି ଥାଆନ୍ତୁ । ନାଁ ?

Digitized by PPRACHIN, SOA

ଓଠ ଚପି ଚପି ଅରୁଣା ଉତ୍ତର ଦେଲା ମୋ ଭଲ ଝିଅର ଭବିଷ୍ୟତ ତ ମୋର ଗୋଲଉଣ୍ଡ ଖେଳଭଳି ।

ଅରୁଣାର କଥା ଶୁଣି ପ୍ରଣବର ମୁହଁ ଶୁଖିଗଲା ।

ସେ କେବଳ ଗୋଟିଏ ଶବ୍ଦ ଉଚ୍ଚାରଣ କଲା, ହୁଁ ।

: ଝିଅ ଦେଖିଲ ? କେମିତି ଦେଖିବାକୁ ?

: ସତରେ ଭାରି ସୁନ୍ଦରୀ । ମୁଁ ତାର ଯୋଗ୍ୟ ନୁହେଁ । ମୋ ଠାରୁ ବଳି ଆଉ ଜଣେ ସୁପୁରୁଷକୁ ସେ ବିବାହ କରିବା ଉଚିତ ।

ଅରୁଣା ନୀରବ ରହି ଗୋଟାଏ ଦୀର୍ଘଶ୍ୱାସ ପକାଇଲା ।

ପ୍ରଣବ କହିଲା : ଝିଅଟିର ରୂପର ପ୍ରଶଂସା ଶୁଣି ତୋର ଈର୍ଷା ହେଉଛି ?

: ଛି, ଏମିତି କହିବ ନାହିଁ । ମୁଁ କେବଳ ତମ ଆଖିରେ ସର୍ବଶ୍ରେଷ୍ଠ ସୁନ୍ଦରୀ ହୋଇ ରହିବାକୁ ଚାହେଁ ।

: ଶାରୀରିକ ସୌନ୍ଦର୍ଯ୍ୟ କିନ୍ତୁ ନାରୀର ସବୁ କିଛି ନୁହେଁ । ତୋ ଭଳି ସୁନ୍ଦର ହୃଦୟ କେତେଜଣ ଝିଅଙ୍କର ଅଛି ?

: ତମେ ମତେ ଅକାରଣରେ ପ୍ରଶଂସା କରୁଛ । ନାରୀର ଶରୀରର ସୌନ୍ଦର୍ଯ୍ୟ ଆଖିକୁ ଦେଖାଯାଏ, ତାର ହୃଦୟ ଖାଲି ଆଖିକୁ ଦେଖାଯାଏ ନାହିଁ । ନା ?

ଚୁପ ରହିଲା ପ୍ରଣବ ।

ଅରୁଣିମା ଏକ ପ୍ରକାର ବ୍ୟାକୁଳ ବ୍ୟଥିତ କଣ୍ଠରେ କହିଲା : ଆମ କଥା କଣ ହେବ ? ସେମାନେ ମତେ ଏଥର ନିଶ୍ଚୟ ଦେଖିବାକୁ ଆସିବେ । ବୋଉ ମୋର ମତାମତ ଜାଣିବା ପାଇଁ ଉଦବିଗ୍ନ ।

: ଆଉ କିଛିଦିନ ଅପେକ୍ଷା କରିବାକୁ କୁହ । ବାପାଙ୍କ ସରପଞ୍ଚ ନିର୍ବାଚନ ଶେଷ ହୋଇ ଯାଉ । ମୋ ଚାକିରିର ଫଳା ଫଳ ଜଣାପଡ଼ି ଯାଉ । ମୋ ପାଦ ତଳେ ମୁଁ ମାଟିର ସନ୍ଧାନ ପାଏ—ତାପରେ—

ଅରୁଣିମା ସନ୍ଦେହୀ କଣ୍ଠରେ ପଚାରିଲା,

: ତୁମ୍ଭଙ୍କ ଚାକିରିଟା ଏଥର ପାଇବ ? ଯଦି ନ ପାଅ, ମୋର କଣ ହେବ ?

ନା-ନା- ଚାକିରିଟା ଏଥର ମତେ ମିଳିଯିବ । ଭଗବାନ ଏତେ ନିଷ୍ଠୁର ହେବେ ନାହିଁ । ଶୁଣିନ, ଠିକ ଶେଷ ମୁହୂର୍ତ୍ତରେ କୋଟି ବସ୍ତ୍ର ଦେଇ ସେ

Digitized by PPRACHIN, SOA

ଦ୍ରୌପଦୀଙ୍କ ଲଜ୍ଜା ନିବାରଣ କରିଥିଲେ—ଠିକ ଶେଷ ସମୟରେ କୁମ୍ଭୀର ଗ୍ରାସ କଲାବେଳକୁ ସେ ଗଜ ଉଦ୍ଧାରଣ କରିଥିଲେ । ଆମର ଏଇଟା ଶେଷ ମୁହୂର୍ତ୍ତ—ଭଗବାନ ଠିକ ଜାଣି ପାରିବେ—ମୋ ଗୃହକଷ୍ଟ ଦୂରେଇଯିବ—

ପ୍ରଣବ ଭଳି ଅରୁଣିମାର ଈଶ୍ୱରଙ୍କ ଉପରେ ଆସ୍ଥା ଏତେ ପ୍ରଗାଢ଼ ନୁହେଁ । ସେ ପୁଣି ସନ୍ଦିଗ୍ଧ କଣ୍ଠରେ ପ୍ରଶ୍ନ କଲା :

: ଗୃହକଷ୍ଟଟା ନ ମିଳି ପାରେ ମଧ୍ୟ—

: ହଁ, ବର୍ତ୍ତମାନ ମନେ ପଡ଼ୁଛି, ଇଣ୍ଟରଭ୍ୟୁ ବେଳେ ମୁଁ ଗୋଟାଏ ପ୍ରଶ୍ନର ଭୁଲ ଉତ୍ତର ଦେଇ ଆସିଛି—

: କି ପ୍ରଶ୍ନ ?

: ସେମାନେ ମତେ ପଚାରିଥିଲେ ପୃଥିବୀର ସବୁଠାରୁ ଗଭୀରତମ ସମୁଦ୍ର କିଏ ? ମୋର ହଠାତ ଉତ୍ତର ମନେ ପଡ଼ିଲା ନାହିଁ । ତୋ ସହିତ ଏମିତି ଭାବରେ ଆଗରୁ ଦେଖା ହୋଇଥିଲେ ମୁଁ ସହଜରେ ଉତ୍ତର ଦେଇ ପାରି ଥାଆନ୍ତି ।

କୌତୁହଳରେ ଅରୁଣିମା ପ୍ରଶ୍ନ କଲା : ମତେ ଦେଖି ତମେ ସମୁଦ୍ରର ଗଭୀରତା ମାପି ପାର ?

ବାଃ, ଏଥିରେ ସନ୍ଦେହ କରିବାର କଣ ଅଛି ? ମୁଁ ସେମାନଙ୍କୁ ଉତ୍ତର ଦେଇ ଥାଆନ୍ତି ଯେ ନାରୀର ମନହିଁ ହେଉଛି ସବୁଠାରୁ ବଳି ଗଭୀର ସମୁଦ୍ର, ଯାହାକୁ ପରିମାପ କରିବାପାଇଁ ସୃଷ୍ଟି ଆରମ୍ଭରୁ ପୁରୁଷ ଅହରହ ଚେଷ୍ଟା କରୁଛି, କିନ୍ତୁ ପାରୁ ନାହିଁ ।

ପ୍ରଣବର କଥା ଶୁଣି ଅପ୍ରତିଭ ଭାବରେ ଅରୁଣା କହିଲା : ଇସ ! କି କହୁଛ !

ଠିକ ସେତିକବେଳେ ସେଇବାଟେ ଦେଇ ଅଖିଳ ବାବୁ ଯାଉଥିଲେ । ପ୍ରଣବ ଅରୁଣା ହସାହସି ହେଉଥିବାର ଦୃଶ୍ୟ ଦେଖି ତାଙ୍କ ଓଠ ଭିତରୁ ଗୋଟାଏ ବାମ୍ଫ ବାହାରିଗଲା ।

ପିତୃତ୍ୱର ଅହଙ୍କାରରେ ସ୍ଫୀତ ତାଙ୍କର ବକ୍ଷ ବିଦୀର୍ଣ୍ଣ କରି ସେଇ ତତଲା ଦୀର୍ଘଶ୍ୱାସର ବାମ୍ଫରେ ସିଝିଗଲା ତାଙ୍କ ନିଜର ମୁଖମଣ୍ଡଳ ।

Digitized by PPRACHIN, SOA

ସେଦିନ ହେଡ଼ମାଷ୍ଟର ବାସୁବାବୁ ସବୁ ଶିକ୍ଷକ, ଶିକ୍ଷୟିତ୍ରୀ ଆଉ କିରାଣୀ, ପିଅନମାନଙ୍କୁ ବାରମ୍ବାର ତାଗିଦ କରି କହୁଥିଲେ ; ଆଜି ସ୍କୁଲ ଛୁଟି ପରେ ଏକ ଜରୁରୀ ମିଟିଂ ହେବ । ସ୍କୁଲ ପରିଚାଳନା କମିଟିର ସମ୍ପାଦକ ଅଖିଳ ମୋହନ ବାବୁ ଏ ସଭାରେ ଗୋଟିଏ ଜରୁରୀ ବିଷୟରେ ଆଲୋଚନା କରିବେ । ତେଣୁ ସମସ୍ତେ ସେ ମିଟିଂରେ ଉପସ୍ଥିତ ରହିବା ଦରକାର ।

କେଉଁ ବିଷୟରେ ସ୍କୁଲ ସେକ୍ରେଟେରୀ ଶିକ୍ଷକ ଓ ଅନ୍ୟ କର୍ମଚାରୀମାନଙ୍କ ସହିତ ଆଲୋଚନା କରିବେ, ସେ ସମ୍ପର୍କରେ ସମସ୍ତଙ୍କ ମନରେ ଏକ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା । ଅଙ୍କ ସାର୍ ଅରୁଣିମାକୁ କହିଲେ—ଆମ ଦରମାରୁ ପଚିଶ ଟଙ୍କା ଲେଖାଏଁ ସ୍କୁଲ ଉନ୍ନୟନ ପାଣ୍ଠିକୁ କାଟି ନିଆଯାଉଛି ; ସେ ଟଙ୍କାର ପରିମାଣ ବୋଧହୁଏ ଅଖିଳବାବୁ ବଢ଼ାଇବାକୁ ଚାହିଁବେ । ତିନିଶହ ଟଙ୍କା ଦରମା ପାଉଛୁ ବୋଲି ରସିଦ ଲେଖି ଦେଇ ମାସକୁ ଅଢ଼େଇଶହ ଘରକୁ ନେଉଥିଲେ, ଏଥର ବୋଧହୁଏ ଦୁଇଶହ ଟଙ୍କା ଘରକୁ ନେବାକୁ ହେବ । ଏ ମଲ ମାଇଲ କାଳରେ ସ୍କୁଲ ଉନ୍ନୟନ ପାଣ୍ଠିକୁ ଅଧିକା ଟଙ୍କା କଟା ଗଲେ ଆମେ ଘରେ ଚଳିବା କେମିତି ?

ଅରୁଣିମା ଅଙ୍କ ସାର୍‌ଙ୍କ ସେ ଅର୍ଥନୈତିକ ପ୍ରଶ୍ନର କୌଣସି ସଠିକ ଉତ୍ତର ଦେଇ ପାରି ନ ଥିଲା । ଏଇଟା ବେସରକାରୀ ସ୍କୁଲ । ଅଖିଳବାବୁ ଏ ସ୍କୁଲର ସର୍ବେସର୍ବା । ସେ ଯଦି ସ୍କୁଲ ଉନ୍ନୟନ ପାଇଁ ଶିକ୍ଷକମାନଙ୍କ ଠାରୁ ଅଧିକ ଚାନ୍ଦା ସଂଗ୍ରହ କରନ୍ତି, ତାଙ୍କୁ ବାଧା ଦେବ କିଏ ?

କିନ୍ତୁ ଆଲୋଚନା ସଭାରେ ଅଖିଳବାବୁଙ୍କ ପ୍ରାଥମିକ ଭାଷଣ ଶୁଣି ସାରି ଅଙ୍କ ସାର୍ ଆଉ ଅରୁଣିମା ବୁଝିଗଲେ, ସେମାନଙ୍କ ଦରମା ସ୍କୁଲ ଉନ୍ନୟନ ପାଣ୍ଠିକୁ ଅଧିକା

Digitized by PPRACHIN, SOA

ସୂଚନା ଦେବା ପାଇଁ ଅନୁରୋଧ କରିବାକୁ ଅଖିଳବାବୁ ସେ ସଭା ଡାକି ନ ଥିଲେ । ତାଙ୍କର ଲକ୍ଷ ସରପଞ୍ଚ ନିର୍ବାଚନରେ ଶିକ୍ଷକ, ଶିକ୍ଷୟିତ୍ରୀ ଆଉ ସ୍କୁଲର କର୍ମଚାରୀମାନଙ୍କ ସାହାଯ୍ୟ ଭିକ୍ଷା ।

ଅଖିଳବାବୁ ସମବେତ ଶିକ୍ଷକ, ସ୍କୁଲ କର୍ମଚାରୀମାନଙ୍କୁ ସମ୍ବୋଧନ କରି କହୁଥିଲେ—

: ଦେଖ, ଏ ସ୍କୁଲ୍ ମୁଁ ଗଢ଼ିଛି । ସ୍କୁଲ୍ ଘର ଆଉ ଖେଳ ପଡ଼ିଆ ପାଇଁ ଜାଗା କିଣି ଦେଇଛି । ମାଇନର ସ୍କୁଲ୍ ଘର ତୋଳିବାପାଇଁ ଇଟା ଭାଟି ପୋଡ଼ାଇ ଦେଇଛି—ଏଥିପାଇଁ ଗୋଟିଏ ହେଲେ ପଇସା ନେଇ ନାହିଁ । ଏ କଥାର ସାକ୍ଷୀ ଅଛନ୍ତି ହେଡ଼ସାର୍ ବାସୁବାବୁ ।

ଅଖିଳବାବୁଙ୍କ କଥା ଶେଷ ହେବା ଆଗରୁ ବାସୁବାବୁ ସାଙ୍ଗେ ସାଙ୍ଗେ ମୁଣ୍ଡ ହଲାଇ ତାଙ୍କ କଥାକୁ ସମର୍ଥନ ଜଣାଇଲେ ଆଉ ସାଙ୍ଗେ ସାଙ୍ଗେ ଅଖିଳବାବୁ ପ୍ରଶ୍ନ କଲେ—ଏ ସ୍କୁଲରେ ମୋର କୌଣସି ପିଲା ପାଠ ପଢ଼ି ନାହାନ୍ତି କି ଭବିଷ୍ୟତରେ ପଢ଼ିବେ ନାହିଁ । ତେବେ ମୁଁ କଣ ପାଇଁ ଏତେ ତ୍ୟାଗ କରିଛି ?

ଭୂଗୋଳ-ଇତିହାସ ଟିଚର ଅନାଥବାବୁ ସାଙ୍ଗେ ସାଙ୍ଗେ ଗଦ୍‌ଗଦ୍ କଣ୍ଠରେ କୃତଜ୍ଞତା ଜଣାଇ କହିଲେ—ଏ ଅଞ୍ଚଳର ଅଗଣିତ ଗରିବ ଲୋକଙ୍କ ମଧ୍ୟରେ ଶିକ୍ଷାର ଆଲୋକ ବିକୀରଣ କରିବାପାଇଁ ଆପଣଙ୍କର ଏ ମହାନ ତ୍ୟାଗ କଥା ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିବ ସାର୍ । ଆଜିକାଲି ଘୋର କଳିକାଳରେ ଲାଭ ନ ଥାଇ ବାଣିଜ୍ୟ କେତେଜଣ କରନ୍ତି ?

ଅନାଥବାବୁଙ୍କ ପ୍ରଶସ୍ତି ବାଣୀ ଶୁଣି ଅଖିଳବାବୁଙ୍କ ମୁହଁରେ ଆନନ୍ଦର ଆଲୋକ ଝଲସି ଉଠିଲା । ସେ କହିଲେ—

: ଆପଣ ଠିକ୍ କହୁଛନ୍ତି । ଇତିହାସ ବହିରେ ମୋ ନାମ ଲେଖା ହୋଇ ରହିବକି ନାହିଁ ସେଇଟା ମୋ ପାଇଁ ବଡ଼ କଥା ନୁହେଁ । ମୁଁ ଚାହେଁ, ମୁଁ ଯେ ଏ ଅଞ୍ଚଳର ଲୋକଙ୍କପାଇଁ କିଛି ତ୍ୟାଗ କରିଛି, ସେ କଥା ସେମାନେ ହୃଦୟଙ୍ଗମ କରନ୍ତୁ । ମୁଁ ଯେଉଁମାନଙ୍କ ପିଲାମାନଙ୍କୁ ପାଠ ପଢ଼ିବା ଲାଗି ମାଇନର ସ୍କୁଲ୍ କରି ଦେଇଛି, ସେମାନେ ଏଥର ସରପଞ୍ଚ ନିର୍ବାଚନରେ ମତେ ଭୋଟ ଦିଅନ୍ତୁ । ଆମ ସ୍କୁଲରେ ତିନିଶହ ଛାତ୍ରଛାତ୍ରୀ ପଢ଼ୁଛନ୍ତି । ପ୍ରତି ପରିବାରରେ ଯଦି ପାଞ୍ଚଜଣ ଭୋଟର ଥାଆନ୍ତି,

Digitized by PPRACHIN, SOA

ତେବେ ଆମ ସ୍କୁଲ ପିଲାଙ୍କ ହାତରେ ଦେଢ଼ ହଜାର ଭୋଟ ଅଛି । ଏଇ ଦେଢ଼ ହଜାର ପାଇଗଲେ ମୁଁ ନିଶ୍ଚୟ ଜିତି ଯିବି । ତାପରେ ସରପଞ୍ଚ ହୋଇ ସାରିଲା ପରେ ସ୍କୁଲର ଉନ୍ନତି ପାଇଁ ନିଜକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରି ଦେବି । ଟଙ୍କାର ଅଭାବ ରହିବ ନାହିଁ । ସ୍କୁଲ ଉନ୍ନୟନ ପାଣ୍ଠିକୁ ସ୍ୱେଚ୍ଛାରେ ଆପଣମାନେ ନିଜ ଦରମାରୁ କାଟି ଯେଉଁ ଚାନ୍ଦା ଦେଉଛନ୍ତି, ସେ ଟଙ୍କା ଆପଣଙ୍କୁ ଆଉ ଦେବାକୁ ପଡ଼ିବ ନାହିଁ—

ଅଖିଳବାବୁଙ୍କ ଏଇ ଶେଷ କଥାଟି ଶୁଣି ସମସ୍ତେ ଆନନ୍ଦରେ କରତାଳି ଦେବାକୁ ଆରମ୍ଭ କଲେ । ଅନୁଶିମା ମଧ୍ୟ ତାଳି ଦେଲା ।

ଅଖିଳବାବୁ ସେମାନଙ୍କୁ କରତାଳି ଦେବା ବନ୍ଦ କରିବାକୁ ଅନୁରୋଧ କରି କହିଲେ—

ସାର୍‌ମାନେ ! ସ୍କୁଲର ମୋର ପ୍ରିୟ ଚଳିଆ କର୍ମଚାରୀ ଗଣ ! ଆପଣମାନେ ଜାଣନ୍ତି, କିଛି ପାଇବାକୁ ହେଲେ କିଛି ଦେବାକୁ ହୁଏ । ଆପଣମାନଙ୍କ ଉପକାର କରିବାପାଇଁ ମୁଁ ଜୀବନ ଉତ୍ସର୍ଗ କରି ଦେବି; ତା ବଦଳରେ ଆପଣମାନଙ୍କୁ ମଧ୍ୟ ମତେ ସରପଞ୍ଚ ନିର୍ବାଚନରେ ଜିତାଇବା ପାଇଁ କିଛି ସାହାଯ୍ୟ କରିବାକୁ ପଡ଼ିବ ।

ଅଙ୍କ ସାର୍ କହିଲେ : ଆମକୁ କଅଣ କରିବାକୁ ହେବ କୁହନ୍ତୁ । ଆମେ ନିଶ୍ଚୟ ଆପଣଙ୍କପାଇଁ ଯାହା କିଛି ସମ୍ଭବ କରିବୁ—

କାନ୍ଧ ଉପରକୁ ଝୁଲି ପଡ଼ିଥିବା ସଫା ସିଲ୍କ ଚାଦରକୁ ଭଲକରି ସଜାଡ଼ି ନେଇ ଅଖିଳବାବୁ କହିଲେ—

: ଆପଣ ପ୍ରତ୍ୟେକେ ନିଜ ନିଜ ଭିତରେ ଛଅ ଛଅଟି ଗ୍ରାମବାଛି ନିଅନ୍ତୁ । ନା—ହେଡ଼ ସାର୍ ଆପଣମାନଙ୍କୁ ଛଅ ଛଅଟି ଗ୍ରାମର ଦାୟିତ୍ୱ ଦେବେ । ଆପଣମାନେ ଛାତ୍ର ଛାତ୍ରୀମାନଙ୍କୁ ସାଙ୍ଗରେ ନେଇ ସେମାନଙ୍କ ଅଭିଭାବକମାନଙ୍କ ପାଖକୁ ଯିବେ । ସେମାନଙ୍କୁ ଜଣ ଜଣ କରି କହିବେ—ଆମକୁ ଗୁରୁ ଦକ୍ଷିଣା ଦେବାକୁ ପଡ଼ିବ । ଗୁରୁ ଦକ୍ଷିଣା ସ୍ୱରୂପ ସେମାନଙ୍କୁ ସରପଞ୍ଚ ନିର୍ବାଚନରେ ସ୍କୁଲ ସେକ୍ରେଟରୀଙ୍କୁ ଭୋଟ ଦେବାକୁ ହେବ । ଆଉ ଦେଖିବେ ଆପଣଙ୍କ କଥା ଶୁଣି ସବୁ ଅଭିଭାବକମାନେ ସାଙ୍ଗେ ସାଙ୍ଗେ "ହଁ-ହ···ନିଶ୍ଚୟ···ନିଶ୍ଚୟ" ବୋଲି ସମ୍ମତି ଜଣାଇବେ । କିନ୍ତୁ ସାବଧାନ । ସେ ହଁ ବାଣୀରେ ଆପଣ ଭୁଲି ଯିବେ ନାହିଁ । ଆଜିକାଲି

Digitized by PPRACHIN, SOA

ଭୋଟରମାନେ ବଡ଼ ଚଞ୍ଚଳ ହୋଇଗଲେଣି । ସବୁ ପ୍ରାର୍ଥୀଙ୍କୁ ଭୋଟ ଦେବେ ବୋଲି ହଁ ମାରୁଛନ୍ତି କାହାରିକୁ ନାହିଁ କରୁ ନାହାନ୍ତି । ଅଥଚ ସେମାନଙ୍କର ମାତ୍ର ଗୋଟିଏ ଲେଖା ଭୋଟ ! ଗୋଟିଏ ଭୋଟକୁ ଚିଂ କରି ତ ସେ ତିନିଜଣ ପ୍ରାର୍ଥୀଙ୍କୁ ଭୋଟ ଦେବେ ନାହିଁ—ନିଶ୍ଚୟ ଦୁଇଜଣଙ୍କୁ ଠକିବେ । ଏହି ଠକାମିରୁ ରକ୍ଷା ପାଇବା ପାଇଁ ଆପଣମାନଙ୍କୁ ସତର୍କତାମୂଳକ ବ୍ୟବସ୍ଥା ସ୍ୱରୂପ ଗୋଟିଏ କାର୍ଯ୍ୟ କରିବାକୁ ହେବ—

ଶ୍ରଦ୍ଧା ଦେବୀ ପଚାରିଲେ : କି କାର୍ଯ୍ୟ !

: ପ୍ରତି ଅଭିଭାବକଙ୍କୁ କହିବେ ସେମାନେ ଆପଣଙ୍କ ଆଗରେ ନିଜ ନିଜ ପୁଅ ଝିଅଙ୍କ ମୁଣ୍ଡ ଛୁଇଁ ଶପଥ କରିବେ ମୋ ଛଡ଼ା ଅନ୍ୟ କାହାକୁ ଭୋଟ ଦେବେ ନାହିଁ । ବାସ୍; ଦେଖିବେ ଦେଢ଼ ହଜାର ଭୋଟ ସଂଖ୍ୟା ବଢ଼ି ଦୁଇ ହଜାର ହେବ ସିନା, ଗୋଟିଏ ହେଲେ ଭୋଟ କମି ହେବ ନାହିଁ । —ଅଖିଳବାବୁ ପରାମର୍ଶ ଦେଲେ ।

ନିଜ ପ୍ରିୟ ଛାତ୍ର ଛାତ୍ରୀମାନଙ୍କ ମୁଣ୍ଡ ଛୁଆଁଇ ସ୍କୁଲ ସେକ୍ରେଟେରୀଙ୍କ ପାଇଁ ଭୋଟ ସଂଗ୍ରହ କରିବାକୁ ହେବ !

କଥାଟା ଶୁଣିବା ମାତ୍ରେ ଅରୁଣାର ମନ ବିଦ୍ରୋହିଣୀ ହୋଇ ଉଠିଲା ।

ସେ ଉଠି ପଡ଼ି ପ୍ରତିବାଦ କଲା : ମୁଁ ଅନ୍ତତଃ ଏ କାମ କରି ପାରିବି ନାହିଁ ।

ବିସ୍ମୟରେ ହେଡ଼ମାଷ୍ଟର ବାସୁବାବୁ କହିଲେ : ଏ କି କଥା ଅରୁଣା ! ସେକ୍ରେଟେରୀ ଆମ ସୁଖ ସୁବିଧା ପାଇଁ ଏତେ କଥା କରୁଛନ୍ତି, ଆମେ ତାଙ୍କପାଇଁ ଏଇ ସାମାନ୍ୟ କାର୍ଯ୍ୟ କରି ପାରିବା ନାହିଁ ?

ଅରୁଣା ଦୃଢ଼ କଣ୍ଠରେ କହିଲା : ଛାତ୍ର ଛାତ୍ରୀମାନଙ୍କୁ ପାଠ ପଢ଼ାଇବା ପାଇଁ ଆମେ ଶିକ୍ଷକ; ଶିକ୍ଷୟିତ୍ରୀ ହୋଇଛୁ । ସ୍କୁଲ ସେକ୍ରେଟେରୀଙ୍କୁ ସରପଞ୍ଚ ନିର୍ବାଚନରେ ଜିତାଇବା ପାଇଁ ଛାତ୍ର ଛାତ୍ରୀଙ୍କ ମୁଣ୍ଡ ଛୁଆଁଇ ଶପଥ କରାଇବା···ନା-ନା-ଏ ଅନ୍ୟାୟ କାର୍ଯ୍ୟ ମୁଁ କରି ପାରିବି ନାହିଁ—

ଏଥର ଅଖିଳବାବୁଙ୍କ ଦୁଇ ଆଖି ଡ଼ୋଳା କ୍ରୋଧରେ ପିଙ୍ଗଳ ବର୍ଣ୍ଣ ଧାରଣ କଲା ।

ସେ କ୍ରୁଦ୍ଧ କଣ୍ଠରେ କହିଲେ : ତୁ ଏ କଅଣ କହୁଛୁ ମାଆ ! ମୋ ଦୟାରୁ ତୁ ଶିକ୍ଷୟିତ୍ରୀ ଚାକିରି କରୁଛୁ ଆଉ ମୋ ପାଇଁ ଭୋଟ ସଂଗ୍ରହ କରି ପାରିବୁ ନାହିଁ ? ଏଇଟା କଣ ଆଦର୍ଶ ଶିକ୍ଷୟିତ୍ରୀର କାର୍ଯ୍ୟ ?

ଅରୁଣିମା ପୂର୍ବ ଭଳି ସ୍ଥିର କଣ୍ଠରେ କହିଲା : ଆପଣଙ୍କ ଦୟା, ଅନୁକମ୍ପା

Digitized by PPRACHIN, SOA

କଥା ମୋର ଚିରଦିନ ସ୍ମରଣ ରହିବ ମଉସା । କିନ୍ତୁ ଯେଉଁପରି ଭାବରେ ଆମେ ଶ୍ରେଷ୍ଠ ସଂଗ୍ରହ କରିବାକୁ କହୁଛନ୍ତି, ମୁଁ ତାହା ପାରିବି ନାହିଁ । ମୁଁ ଆଜି ସ୍କୁଲ ଶିକ୍ଷୟିତ୍ରୀ ଚାକିରିରୁ ଇସ୍ତଫା ଦେଉଛି । ଆପଣଙ୍କ ପାଇଁ ଅନ୍ୟାୟ ଉପାୟରେ ଶ୍ରେଷ୍ଠ ସଂଗ୍ରହ କରି ମୁଁ ଏଠାରେ ଚାକିରି କରିବାକୁ ଚାହେଁ ନାହିଁ ।

ଶିକ୍ଷୟିତ୍ରୀ ଚାକିରିରୁ ଇସ୍ତଫା !

ଗୋଟାଏ ବୋମା ଫାଟିବାର ଶବ୍ଦ ଶୁଣିଲା ଭଳି ସମସ୍ତେ ଚମକି ଉଠିଲେ ।

ଅଙ୍କ ସାର୍ ଅରୁଣା ପାଖକୁ ଲାଗି ଆସି ତା କାନରେ ଚୁପ ଚୁପ କହିଲେ, ଚାକିରି ଛାଡ଼ିବା ଅତି ସହଜ, ପାଇବା କଷ୍ଟ, ଏଇ ଚାକିରି ପାଇଁ ଅନେକ ପ୍ରାର୍ଥୀ ଚାହିଁ ବସିଛନ୍ତି !

ତଥାପି ଅରୁଣା ନିଜ ନିଷ୍ପତ୍ତିରେ ଅଟଳ ରହିଲା । କାରଣ ସେ ଜାଣିଥିଲା, ମାମୁଁ ଅପମାନିତ ହୋଇ ଅଖିଳ ବାବୁଙ୍କ ପାଖରୁ ଫେରି ଆସିଲା ପରେ ଏ ସ୍କୁଲରେ ତାର ଶିକ୍ଷୟିତ୍ରୀ ଚାକିରିର ଆୟୁଷ ଶେଷ ହୋଇ ଯାଇଛି ।

Digitized by PPRACHIN, SOA

ସକଳ ନୈରାଶ୍ୟର ଅନ୍ଧକାର ମଧ୍ୟରେ ଆଶାର ଆକାଶ-ଦୀପ ହୋଇ ଜଳୁଥିଲା, ଅରୁଣାର ଶିକ୍ଷୟିତ୍ରୀ ଚାକିରି। ସ୍ୱାମୀଙ୍କ ପରଲୋକ ପରେ ସେଇ ଆକାଶଦୀପକୁ ଚାହିଁ ଚାହିଁ ବାଟ ଚାଲୁଥିଲେ ସ୍ନେହମୟୀ। ଆର୍ଥିକ ଅନାଟନର ଶାଣିତ ଦନ୍ତାଘାତ ତାଙ୍କୁ ବିଚଳିତ କରି ପାରି ନଥିଲା।

ସାମାଜିକ, ପାରିବାରିକ ଆଉ ବ୍ୟକ୍ତିଗତ ଜୀବନରେ ଏଇ ଆର୍ଥିକ ସ୍ୱଚ୍ଛଳତା କେତେ ଜରୁରୀ, ସେକଥା ହାଡ଼େ ହାଡ଼େ ସେ ଜାଣିଛନ୍ତି। ଏଇ ଆର୍ଥିକ ଦୁଶ୍ଚିନ୍ତା ନାହିଁ ବୋଲି ଗାଁ ଲୋକଙ୍କର ଅସହଣୀ ଅପବାଦକୁ ସେ କାନରେ ପୂରାଇ ନାହାନ୍ତି। ଅଭାବ ଅସୁବିଧାରେ କାହାର ପାଖରେ ହାତପାତି ଠିଆ ହୋଇ ନାହାନ୍ତି।

ସେ ଭୁଲିଛନ୍ତି ଝିଅ ହୋଇ ସୁଦ୍ଧା ପାରିଲା ପୁଅର ଦାୟିତ୍ୱ ପାଳନ କରିଛି ଅରୁଣା, ପ୍ରତି ମାସରେ ଅଢ଼େଇ ଶହ ଲେଖାଏଁ ଟଙ୍କା ଆଣି ତାଙ୍କ ହାତରେ ଧରାଇ ଦେଲାବେଳେ ଗର୍ବ, ଅହଂକାରରେ ତାଙ୍କର ଛାତି କୁଣ୍ଢେମୋଟ ହୋଇ ଯାଇଛି।

ସେ ଜାଣିଥିଲେ, ଝିଅ କିଛି ଚିରୁଦିନେ ଚାକିରି କରି ତାଙ୍କୁ ପୋଷିବ ନାହିଁ। ଦିନେ ନା ଦିନେ ତାକୁ ନିଜର ଘର ସଂସାର କରିବାକୁ ଅନ୍ୟ ଘରକୁ ଯିବାକୁ ପଡ଼ିବ। କିନ୍ତୁ ଯେତେ ଦିନ ସେ ତାଙ୍କ ପାଖରେ ଅଛି, ସେତେଦିନ ଚାକିରି କରିବ। ସେ ବାହା ହୋଇଗଲା ପରେ ସେ କୌଣସି ପ୍ରକାରେ ଦୁଇଟି ପେଟ ଚଳାଇ ନେବେ। ତାପରେ ଅଳ୍ପ ପାରିଗଲେ !

ସ୍ନେହମୟୀଙ୍କ ଭାବନା କିନ୍ତୁ ଅଧା ହୋଇ ରହିଗଲା।

ସେଦିନ ସ୍କୁଲରୁ ଫେରି ଅରୁଣିମା ହସି ହସି କହିଲା : ବୋଉ ! ମୁଁ ସ୍କୁଲରୁ

Digitized by PPRACHIN, SOA

ଶିକ୍ଷୟିତ୍ରୀ ଚାକରୀ ଛାଡ଼ି ଦେଲି । ଯେଉଁ ଚାକରୀ କଲେ ଟଙ୍କା କେଇ ଶହ ପାଇଁ ନିଜର ଆତ୍ମ-ସମ୍ମାନକୁ ଜଳାଞ୍ଜଳି ଦେବାକୁ ହୋଇ ଥାଆନ୍ତା, ସେ ଚାକରୀକୁ ଜାବୁଡ଼ି ଧରିବା କଅଣ ଭଲ ହୋଇ ଥାଆନ୍ତା ? ତା ଅପେକ୍ଷା ବରଂ ଉପାସ ରହିବା ଭଲ ।

ଝିଅର କଥା ଶୁଣି ସ୍ନେହମୟୀଙ୍କ ଦେହରୁ ଗୋଟାଏ ଝାଳ ବହିଗଲା ।

ଉପାସ ରହିବା କଥା ମୁହଁରେ କହିଦେବା ସହଜ ; କିନ୍ତୁ ପେଟର ଜ୍ୱାଳା ସହିବା କଷ୍ଟ । କିନ୍ତୁ ସେ କଥା ସେ ମୁହଁ ଖୋଲି ଅରୁଣାକୁ କହିଲେ ନାହିଁ । କେଉଁ ଆତ୍ମ-ସମ୍ମାନ ହାନି ହେଲାଭଳି କାମ ମାଷ୍ଟ୍ରଣୀ ଚାକରୀ କରିବା ପାଇଁ ତାକୁ କରିବାକୁ ପଡ଼ି ଥାଆନ୍ତା ସେ କଥା ମଧ୍ୟ ସେ ତାକୁ ପଚ୍ଚାରିଲେ ନାହିଁ ।

ନଟ ଅଖିଳବାବୁଙ୍କ ପାଖରୁ ବିବାହ ପ୍ରସ୍ତାବ ନେଇ ଅପମାନିତ ହୋଇ ଫେରିଲା ପରେ ସେ ଜାଣିଥିଲେ ଏହିପରି କିଛି ଘଟିବ । ପ୍ରଣବର ବାପା ଅରୁଣାର ପ୍ରେମକୁ ତାଚ୍ଛଲ୍ୟ କରି ଉପହାସରେ ଉଡ଼ାଇ ଦେଲା ପରେ ଅରୁଣା ତାଙ୍କ ସ୍କୁଲରେ ବେଶୀଦିନ ଚାକରି କରି ପାରିବ ନାହିଁ । ଅଖିଳ ବାବୁ କେବଳ ପ୍ରଣବକୁ ଅରୁଣା ପାଖରୁ ଛଡ଼ାଇ ନେବେ ନାହିଁ, ସ୍କୁଲ୍ ଚାକରୀଟା ମଧ୍ୟ ନେଇ ଯିବେ ।

ସଂସାରରେ ସବୁ ଥିଲାବାଲା ଲୋକ ଏମିତି ନୃଶଂସ ହୁଅନ୍ତି ।

ରାତିରେ ଶୋଇଲା ବେଳେ ଦେଖିଲେ ଅରୁଣାର ନିଦୁଆ ଆଖି ପତାରେ ଦୁଇ ବିନ୍ଦୁ ଶୁଖିଲା ଲୁହର ଦାଗ ।

ମାମୁଁ ତାର ଅଖିଳବାବୁଙ୍କ ପାଖରୁ ନିରାଶରେ ଫେରିଲା ପରେ ଝିଅଟା ସବୁବେଳେ କେମିତି ଅନ୍ୟମନସ୍କ ହୋଇ ରହୁଛି । ଟିକିଏ କଥାରେ ଚିଡ଼ି ଯାଉଛି । ଟିକିଏ କଥାରେ କାନ୍ଦି କାନ୍ଦି ଯିବ !

ଘରକୁ ଫେରିଯିବା ଆଗରୁ ନଟ କହିଥିଲା—ଅପା କଅଣ ସେ ମୁଁ ଓଭରସିଅର ବିଷୟରେ ପ୍ରସ୍ତାବ ନେଇ ଆଗେଇବି ?

ସ୍ନେହମୟୀ ନିରୁପାୟ ଭାବରେ ଉତ୍ତର ଦେଇଥିଲେ—ଆଉ କଣ ବାଟ ଅଛି ? ପ୍ରଣବର ବାପାତ ସିଧା ମନା କରିଦେଲେ । ଏ ପ୍ରସ୍ତାବଟା କଅଣ ହାତଛଡ଼ା କରିବା ଉଚିତ ହେବ ?

ସେମାନେ ଯେତେବେଳେ ବିନା ଯୌତୁକରେ ବିବାହ ପାଇଁ ରାଜି ହୋଇଛନ୍ତି...

Digitized by PPRACHIN, SOA

ନଟ କରୁ ତାଙ୍କୁ ଓଲଟା ପରାମର୍ଶ ଦେଲ ।

କହିଲ—ଅପା ! ଯିଏ ବାହାହେବ, ତାର ମତାମତ ନନେଇ ଏ ବିଷୟରେ ଆଗେଇବା ଉଚିତ ନୁହେଁ । ସେ ଯଦି ବିବାହ କରି ସୁଖୀ ନହୁଏ, ତାହାହେଲେ କେବଳ ଝିଅବୋଝ ଖଲାସ କରିବା ପାଇଁ କ'ଣ ବାହାଘର କରିଦେବା ଭଲ ହେବ ? ବରଂ ମୁଁ ସେମାନଙ୍କୁ ଆଉ କିଛି ଦିନ ଅପେକ୍ଷା କରିବାକୁ କହୁଛି । ତୁ ଅରୁଣାକୁ ବୁଝାଇ ଶୁଝାଇ ତାର ମତ ନେ ।

ଝିଅକୁ ବାହାଘର ସମ୍ପର୍କରେ ମତାମତ ପଚାରିଥିଲେ ସ୍ନେହମୟୀ ।

ତାଙ୍କର ପ୍ରଶ୍ନ ଶୁଣି ଅରୁଣାର ଦୁଇ ଆଖି ରଡ଼ ହୁଅାଁ ଖଣ୍ଡ ଭଳି ଜଳି ଉଠିଥିଲ ।

ସେ କହିଥିଲ ମୁଁ କଅଣ ସାରୁ ବାଇଗଣ ସରିବା ହୋଇଛି ଯେ ବେଶୀଦିନ ଘରେ ରହିଲେ ସଢ଼ିଯିବି ବୋଲି ମତେ ତୁ ଘରୁ ବାହାର କରିଦେବାକୁ ଏତେ ବ୍ୟସ୍ତ ହେଉଛୁ ! ଯଦି ପ୍ରଣବ ଭାଇ ମତେ ବାହାହେବା ପାଇଁ ମନା କରିଦିଏ, ମୁଁ ସାରା ଜୀବନ ଅବିବାହିତା ରହିବି । ଆଜି କାଲି ଅନେକ ଝିଅ ବାହା ନ ହୋଇ ସୁଖରେ ଅଛନ୍ତି; ଅନେକ ଝିଅ ବାହା ହୋଇ ଶାଶୁ ଘରର ଯନ୍ତ୍ରଣା ସହି ନପାରି ଜୀବନ ହାରି ଦେଉଛନ୍ତି ।

ଅରୁଣାର ଶେଷ କଥାଟା ଶୁଣି ସ୍ନେହମୟୀଙ୍କ ଗ୍ରୁଡରୁ ହୁଅାଁ ଖସି ପଡ଼ିଥିଲ । ସେ ଆଉ ତାକୁ ଅନ୍ୟ ଯାଗାରେ ବାହା ହୋଇଯିବା କଥା କହିବାକୁ ସାହସ ପାଇ ନଥିଲେ । ତାଙ୍କ ପାଟିରୁ କେବଳ ବାହାରି ପଡ଼ିଥିଲ—ପ୍ରଣବର ବାପାତ ବାହାଘର ପାଇଁ ମନା କରିଦେଲେ । ମୋର ଆଉ ବଳ କଣ ?

ମୁହଁରେ ବିଦ୍ରୂପର ଏକ ବଙ୍କିମ ଭଙ୍ଗୀ ସୃଷ୍ଟି କରି ଅରୁଣା ଉତ୍ତର ଦେଇଥିଲ—

ଯଦି ବାହାହୁଏ, ମୁଁ ପ୍ରଣବ ଭାଇକୁ ବାହା ହେବ ; ତାଙ୍କର ବାପାଙ୍କୁ ନୁହଁ । ତାଙ୍କ ବାପା କଅଣ କହିଲେ ନକହିଲେ ତୋର ଏତେ ଚିନ୍ତା କାହିଁକି ?

ସ୍ନେହମୟୀ ଜାଣନ୍ତି, ଏସବୁ ଅରୁଣାର ଗ୍ରିଗର କଥା, ବାସ୍ତବ ଚିନ୍ତା ନୁହଁ, ପ୍ରେମରେ ପଡ଼ିଲେ କେହି ବାସ୍ତବତାର ମାଟି କାମୁଡ଼ି ପଡ଼ନ୍ତି ନାହିଁ । ସେମାନଙ୍କ ମନ ଆକାଶରେ ଉଡ଼ି ବୁଲେ । ପାଦତଳେ ମାଟି ନଥିଲେ ସେମାନେ ଚିନ୍ତା କରନ୍ତି ନାହିଁ ।

Digitized by PPRACHIN, SOA

କିନ୍ତୁ ସେ ମାଆ ହୋଇ ବାସ୍ତବ ଜଗତ୍‌କୁ ବାଦ୍‌ଦେଇ ଝିଅର ଭବିଷ୍ୟତ କଥା ଭାବି ପାରିବେ କିପରି ?

ସେଥିପାଇଁ ଆଜିଦିନେ ସେ ଅରୁଣାକୁ ପଚାରିଥିଲେ : ଆରେ ଅରୁ ! ତା ବାପାଙ୍କ ମତାମତ ଜାଣିଲା ପରେ ପ୍ରଣବ କ'ଣ କହୁଛି !

: ସେ ଆଉ କ'ଣ କହିବେ ? ମୁଁ ତାଙ୍କୁ ତାଙ୍କ ବାପାଙ୍କ ବିରୁଦ୍ଧରେ ମତାଇ ବାହାହେବାକୁ ମଧ୍ୟ ଚାହେଁ ନାହିଁ । ସେ ତାଙ୍କ ବାପାଙ୍କ କଥାରେ ମକର ମେଳାକୁ ଯାଇ ଗୋଟିଏ ଝିଅ ମଧ୍ୟ ଦେଖି ଆସିଛନ୍ତି । ମୁଁ ବାଧା ଦେଇନାହିଁ । ଯଦି ମତେ ଛାଡ଼ି ସେ ଆଉ ଗୋଟିଏ ଝିଅକୁ ବାହା ହୋଇ ଖୁସି ହୁଅନ୍ତି, ସେଥିରେ ମୁଁ ମଧ୍ୟ ସୁଖୀ । ଅରୁଣା କଥାଗୁଡ଼ାକ ଏକ ଉଦାସୀନା ସନ୍ୟାସିନୀ ଭଳି କହିଗଲା ।

ସ୍ନେହମୟୀ କହିଲେ : ଯଦି ସେ ଆଉ କାହାକୁ ବାହା ହୋଇଯାଏ, ତୁ କ'ଣ କରିବୁ ?

ମୁହୂର୍ତ୍ତେ ସୁଦ୍ଧା ନଭାବି, ନଚିନ୍ତି ଅରୁଣା ବେଉକ୍ତ ମୁହେଁ ମୁହେଁ ଉତ୍ତର ଦେଲା : ତାହା ହେଲେ ଭାବନେବ ଯେ ମୁଁ ବିଧବା ହୋଇ ଯାଇଛି । କଥା ଦେଇ କଥା ରଖି ଜାଣି ନଥିବା ଲୋକଟା ଚିରଦିନ ପାଇଁ ମୋ ପାଖରେ ମରି ଯାଇଛି ।

ଝିଅର କଥାଶୁଣି ସ୍ନେହମୟୀଙ୍କ ଦେହ ଶିହରି ଉଠିଲା । ଆଖି ଛଳ ଛଳ ହୋଇ ଯାଇଥିଲା । ତାଙ୍କ ମୁହଁ ଉପରେ ଝିଅ ହୋଇ ସେ ଏଭଳି କଥା କହି ପାରିଲା : ଏକଥା ଭାବିବା ମାତ୍ରେ ସେ ନିଜେ ଖୁବ୍ ଅସ୍ୱସ୍ତିବୋଧ କରିଥିଲେ ।

ସେଦିନ ଅରୁଣାର ଶିକ୍ଷୟିତ୍ରୀ ଚାକିରୀର ଭରସା ଥିଲା । ସେଥିପାଇଁ ବିବାହ ନକରି ମଧ୍ୟ ବୈଧବ୍ୟ କଥା ଭାବି ପାରିଥିଲା ।

କିନ୍ତୁ ଆଜି !

ତା ପାଦ ତଳରୁ ଶେଷ ମାଟି ମୁଠିକ ଯେ ଖସି ପଡ଼ିଲା !

*

ସ୍କୁଲ୍ ମିଟିଂ ଶେଷରେ ସେଦିନ ଘରକୁ ଖୁବ୍ କ୍ଲାନ୍ତ, ଅବସନ୍ନ ଭାବରେ ଫେରିଲେ ଅଖିଲବାବୁ ।

ସ୍ନେହମୟୀ ତାଙ୍କ ମୁହଁକୁ ଚାହିଁ ଦେଇ ଚମକି ପଡ଼ିଲେ ।

Digitized by PPRACHIN, SOA

ପଚାରିଲେ : ତମ ଦେହ କଅଣ ଖରାପ ? ଏମିତ ରୋଗୀଣା ଦେଖା ଯାଉଛ !

ରୋଗିଣୀ ପତ୍ନୀଠାରୁ ନିଜର ରୋଗୀଣା ଚେହେରା କଥା ଶୁଣି ଅଖିଳବାବୁ ହସିଲେ ।

କହିଲେ : ତମେତ ରୋଗର ଶରଶଯ୍ୟାରେ ଶୋଇ ରହିଛ । ବାହାର ଦୁନିଆ କଥା କିଛି ବୁଝୁଛ ?

ସ୍ୱାମୀଙ୍କ ମୁହଁର ଝାଳ ଶାଢ଼ୀ କାନିରେ ପୋଛିଦେଇ ଜ୍ୱାଳାମୟୀ କହିଲେ—

: ତମେ କହିଲେ ସିନା ବାହାର ଦୁନିଆ କଥା ମୁଁ ବୁଝିବି ! ରୋଗ ଶେଯରେ ନଶୋଇ ସୁସ୍ଥ ଥିଲେ କଣ ବାହାର ଦୁନିଆର ଦୃଶ୍ୟ ମତେ ଏ ଘର ଭିତରେ ଦେଖା ଯାଆନ୍ତା ?

ଅଖିଳବାବୁ ପଲଙ୍କ ଉପରେ ଗଡ଼ପଡ଼ କହିଲେ : ତମକୁ ଆଉ କହିବାକୁ ବାକି କଅଣ ରହିଲା ! ଝିଅଟା ମାଡ଼ ମାରିଲା ଭଳି ମୋ ମୁହଁ ଉପରେ ଇସ୍ତଫାପତ୍ର ଫୋପାଡ଼ି ଦେଇ ମାଷ୍ଟ୍ରାଣୀ ଚାକିରି ଛାଡ଼ି ଦେଲା ।

: କୋଉ ଝିଅ କଥା କହୁଛ !

: ଆଉ କୋଉ ଝିଅ ? ତମ ବଉଳ ଝିଅ ଅରୁଣା ! ତାକୁ ସରପଞ୍ଚ ଇଲେକସନ୍‌ରେ ସ୍କୁଲ ପିଲାଙ୍କୁ ଧରି ଗାଁ ଗାଁ ବୁଲି ଭୋଟ ପ୍ରଚାର କରିବାକୁ କହିଲି ବୋଲି ରାଗରେ ଚାକିରିରୁ ଇସ୍ତଫା ଦେଇ ଦେଲା । ବାପା ମଲାପରେ ମଧ୍ୟ ତାର ତିଳେ ହେଲେ ତେଜ କମି ନାହିଁ ।

ସ୍ୱାମୀଙ୍କ କଥା ଶୁଣି ଜ୍ୱାଳାମୟୀ ଚମକି ପଡ଼ିଲେ ।

ସ୍ୱାମୀଙ୍କ ବଡ଼ ବଡ଼ ଆଖିରେ ଅନେଇ କହିଲେ : ତମେ ଝିଅଟାକୁ ଗାଁ ଗାଁ ବୁଲି ଭୋଟ ପ୍ରଚାର କରିବାକୁ କହିଲ ? ଏତେ ବଡ଼ ଝିଅ ଲୋକଙ୍କ ହାତ ଓଠ ଧରି ତମ ପାଇଁ ଭୋଟ ଭିକ ମାଗି ଥାଆନ୍ତା ! ଛି···ଛି…ତମ ନିଜ ଝିଅ ହୋଇଥିଲେ ତମେ ତାକୁ ଏ ହୀନିମାନିଆ କାମ କରିବାକୁ ପଠାଇ ଥାଆନ୍ତ ! ଚୁପ୍—ଚୁପ୍ ରହିଲ କାହିଁକି ? ପଠାଇ ଥାଆନ୍ତ !

ସ୍ତ୍ରୀଙ୍କ କଥା ଶୁଣି ଅଖିଳ ମୋହନ ବଡ଼ ସଙ୍କଟରେ ପଡ଼ିଗଲେ ।

Digitized by PPRACHIN, SOA

ତାଙ୍କର ନିଜର ଝିଅ ନାହିଁ । ଗୋଟିଏ ବୋଲି ପୁଅ । ଝିଅ ଥିଲେ ତାକୁ ନିର୍ବାଚନରେ ପଠାଇ ଥାଆନ୍ତେ କି ନାହିଁ ସେ ବର୍ତ୍ତମାନ କହି ପାରିବେ କିପରି ?

ସ୍ୱାମୀଙ୍କ ଚୁପ୍ ଚୁପ୍ ଶୋଇଥିବା ଦେଖି ଲୀଳାମୟୀ ଆକ୍ରମଣ ଅବ୍ୟାହତ ରଖିଲେ ।

କହିଲେ : ଶରତ ଘରର ଝିଅ ହେଲିବୋଲି ଅରୁଣାର ତେଜ ମଉଳି ଯିବ, ଏକଥା ତମକୁ କିଏ କହିଲା ? ତା ଭଳି ଗୋଟାଏ ଝିଅ ତମେ ଏ ଆଖ ପାଖ ପଚିଶ ଖଣ୍ଡ ଗାଁଆରେ ଖୋଜି ବାହାର କରି ଦେଖି ! ତା ଭଳି ଝିଅଟାଏ ଯଦି ତମେ ପାଇବ, ମୁଁ ମୋ ଜିଭ କାଟି ଦେବ ।

ଚୁଗୁଣା ସ୍ତ୍ରୀଙ୍କ ତେଜ ଦେଖି ଅଖିଳବାବୁଙ୍କ ମୁହଁ ଲାଲ୍ ପଡ଼ିଗଲା । ତାଙ୍କର ମନେ ହେଲା, ଘରେ ବାହାରେ ସମସ୍ତେ ତାଙ୍କର ଶତ୍ରୁ । ସ୍ତ୍ରୀ ତାଙ୍କର କୌଣସି କଥା ଓ କାମକୁ ସମର୍ଥନ କରେ ନାହିଁ । ନିଜର ଏକମାତ୍ର ପୁଅ ମଧ୍ୟ ତାଙ୍କର ମାନ ଇଜ୍ଜତ ପାଇଁ ଖାତିର୍ କରେ ନାହିଁ ।

ମକର ମେଳାରେ ପ୍ରଣବ ଅରୁଣା ସହିତ ଲଗାଲଗି ହୋଇ ଠିଆ ହୋଇ ଥିବାର ଦୃଶ୍ୟ ତାଙ୍କର ମନେ ପଡ଼ିଗଲେ ସାରାଦେହ କଣ୍ଟକିତ ହୋଇ ଉଠେ ।

ତାଙ୍କ ମୁହଁ ବିବର୍ଣ୍ଣ ହୋଇଯାଏ । ପରାଜୟର ଗ୍ଲାନିରେ ତାଙ୍କର ମନ ଭାଙ୍ଗି ପଡ଼େ । ସେ ବୁଝିପାରନ୍ତି, ନିର୍ବାଚନରେ ଜିଣିଲେ ପଞ୍ଚାୟତର ସରପଞ୍ଚ ହୋଇ ପାରନ୍ତି; କିନ୍ତୁ ନିଜ'ଗୃହରେ ତାଙ୍କର କାହାରି ଉପରେ କର୍ତ୍ତୃତ୍ୱ ରହି ପାରେନା !

Digitized by PPRACHIN, SOA



ମଧୁପାଟଣା ଗାଁ ମୁଣ୍ଡରେ ଯେଉଁ ମହାଦେବ ମନ୍ଦିର, ସେଠାରେ ଗୋଟିଏ ବଉଳ ଗଛରେ ଅସୁମାରି ଫୁଲ ଲଦି ହୋଇଛି । ତା ତଳେ ଥିବା ସିମେଣ୍ଟ ଚଉତରା ଉପରେ ମୁହାଁମୁହିଁ ହୋଇ ବସିଥିଲେ ଅରୁଣା ଆଉ ପ୍ରଣବ । ବଉଳ ଫୁଲର ବାସ୍ନାରେ ମଣ୍ଡପ ସାରା ମହକ ଉଠୁଥିଲା ।

ଗୋଧୂଳି ବେଳା ।

ସାମ୍ନାରେ ମହାଦେବଙ୍କ ପୋଖରୀ ହୁଡ଼ାରେ ଚରୁଥିବା କେତୋଟି ଗାଈ ଗୋରୁ ଏବଂ କେତେଜଣ ଗାଈଆଳ ପିଲାଙ୍କୁ ଅନେଇ ଅରୁଣା ପଚାରିଲା : ତମର ମନର ପ୍ରାର୍ଥନା ଈଶ୍ୱର ଶୁଣିଲେ ? ଶେଷ ବେଳା ଯେ ଆସିଗଲା !

ପ୍ରଣବ ଖୁବ୍ ଆଶାନ୍ୱିତ କଣ୍ଠରେ ଉତ୍ତର ଦେଲା—ଯେ କୌଣସି ମୁହୂର୍ତ୍ତରେ ମୁଁ ଗୋଟାଏ ଟେଲିଗ୍ରାମ୍ ଆଶା କରୁଛି । ବାପାଙ୍କ ଚାକିରି ମିଳିଯିବା ସମ୍ବାଦ ପାଇବା ମାତ୍ରେ ଆମେ—

ଅରୁଣା ଶଙ୍କିତ କଣ୍ଠରେ ପ୍ରଶ୍ନକଲା : ଟେଲିଗ୍ରାମ ? ଏ ଗ୍ରାମକୁ ଟେଲିଗ୍ରାମ୍ କ୍ୱଚିତ୍ ଆସେ । ଆଉ ଡାକବାଲା ଯେଉଁ ଟେଲିଗ୍ରାମ ଆଣେ ସେଥିରେ କେବଳ ଦୁଃସମ୍ବାଦ ଥାଏ । ନା-ନା-ଟେଲିଗ୍ରାମ୍ ନ ଆସୁ—

ନିଜର ଗହଳ ଭ୍ରୂଲତାରେ ଏକ ପ୍ରଶ୍ନବାଚକ ଚିହ୍ନ ଅଙ୍କନ କରି ପ୍ରଣବ ନିଜର ପ୍ରଣୟିନୀକୁ ସାନ୍ତ୍ୱନା ଦେଲା : ତୁ ଭାଙ୍ଗି ପଡ଼ୁଛୁ କାହିଁକି ? ତୁ ଭାଙ୍ଗି ପଡ଼ିଲେ ମୁଁ ହାରିଯିବି । ମୋର ଚାକିରି ନାହିଁ । ମୋ ପାଦ ତଳେ ମାଟି ନାହିଁ । ମୋର ଚେର ସହରରେ ନାହିଁ କି ଗାଁରେ ମଧ୍ୟ ନାହିଁ । ମୁଁ ସାମାନ୍ୟ ପବନର ଧକ୍କାରେ ମଧ୍ୟ ଉପୁଡ଼ି କଟାଗଛ ପରି ତଳେ ପଡ଼ି ଯାଇ ପାରେ । କିନ୍ତୁ ତୋର ଚାକିରି ଅଛି । ତୁ ମାଷ୍ଟ୍ରାଣୀ···ଶହେ ଛାତ୍ରଙ୍କ ପାଇଁ ତୁ ଜ୍ଞାନଦାତ୍ରୀ ଈଶ୍ୱରୀ ।

ଅରୁଣା ମୁହଁରେ ଏଥର ଫୁଲ ଫୁଟିଲା । ମଳିନ ହସର ଫୁଲ ।

ସେ କହିଲା : ମୁଁ ଆଉ ମାଷ୍ଟ୍ରାଣୀ ନାହିଁ । ଶିକ୍ଷୟିତ୍ରୀ ଚାକିରିରୁ ଇସ୍ତଫା ଦେଇ ଦେଇଛି ।

Digitized by PPRACHIN, SOA

: କିନ୍ତୁ ସେ ସମ୍ବାଦଟା ମୋ ଠାରୁ ଏପର୍ଯ୍ୟନ୍ତ ଗୋପନ ରଖିଛୁ କାହିଁକି ?

: ଗୃହିଣୀ କଲାବେଳେ ତମକୁ ପଚ୍ଚାର ନଥିଲ, ଗୃହିଣୀ ଛାଡ଼ିଲାବେଳେ ତମକୁ କହନ୍ତି କାହିଁକି ? ତା ଛଡ଼ା ସ୍କୁଲର ସେକ୍ରେଟେରୀ ଯେତେବେଳେ ତମର ବାପା ସେ ଖବରଟା ତମେ ତାଙ୍କ ଠାରୁ ନିଶ୍ଚୟ ପାଇଥିବ ।

: ବାପା, ବୋଉ ଆଉ ମୁଁ—ଆମେ ତିନହେଁ ତିନୋଟି ନିର୍ଜନ ଦ୍ୱୀପ । ଗୋଟିଏ ଘର ଛାତ ତଳେ ଅଛୁ; କିନ୍ତୁ କାହାର ସହିତ କାହାର ଘନିଷ୍ଠତା ନାହିଁ । ଆମ ଘରେ ଡାହାଣ ହାତ କଣ କରେ ସେକଥା ବାମ ହାତ ଜାଣେ ନାହିଁ । ଆଚ୍ଛା, ତୁ କଅଣ ନିଜ ଇଚ୍ଛାରେ ଗୃହିଣୀରୁ ଇସ୍ତଫା ଦେଇଦେଲୁ ? ଏଭଳି ସମ୍ବାଦ ଆଜିକାଲି କୌଣସି ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରେ ନାହିଁ । ଏଭଳି ଦୁର୍ଲ୍ଲଭ ଘଟଣା କ୍ୱଚିତ୍ ଘଟେ ଏହା କେବଳ ତୋଭଳି ଝିଅ ପକ୍ଷରେ ସମ୍ଭବ ।

• ଅରୁଣା ମୃଦୁ ହସି କହିଲା : ହଁ, ଆଖିରେ ମୋଟା ଫ୍ରେମର ଚଷମା ପିନ୍ଧିବାର ବୟସରେ ପହଞ୍ଚିବା ଆଗରୁ, ଶରୀର ପୃଥୁଳ ଆଉ ଗାଲ ବାଦୁଡ଼ି ଭଳି ଝୁଲି ପଡ଼ିବା ପୂର୍ବରୁ ମୁଁ ଗୃହିଣୀ ଛାଡ଼ିଦେଲି । ମତେ ଆଉ ଆଜୀବନ ଏକରେ ଏକ ମିଶିଲେ ଦୁଇବୋଲି କହିବାକୁ ପଡ଼ିବ ନାହିଁ—

ପ୍ରଣବ ଖୁବ୍ ନିର୍ବୋଧ ଭାବରେ କହିଲା : ଏଥର ଏକରେ ଏକ ମିଶିଲେ ଯୋଗଫଳ ଏକ ! ସ୍କୁଲର ଶ୍ରେଷ୍ଠ ପିଲାଙ୍କୁ ଏ ଜଟିଳ ଗଣିତତତ୍ତ୍ୱ କହି କିଛି ଲାଭ ନାହିଁ ।

ଏହି ସମୟରେ ଗଛ ଉପରୁ କେତୋଟା କଉଳ ଫୁଲ ଅରୁଣା ମୁଣ୍ଡ ଉପରେ ଝରି ପଡ଼ିଲା । ସେ ଫୁଲ ଦୁଇଟାକୁ ଆଘ୍ରାଣ କରୁ କରୁ ଅରୁଣିମା କହିଲା—

: ହଁ, ରମାକାନ୍ତ ରଥଙ୍କ ସେଇ କବିତାର ଲାଇନ୍ ଭଳି ମୁଁ ଜୀବନକୁ ଗଢ଼ିବାକୁ ଚାହେଁ ।

"ବଉଳ ପାଟକୁ ସାଦାକରି ପିନ୍ଧି ଲାଇଁ ଲାଇଁ ଚାଲିବାର ସ୍ୱପ୍ନ, ପାତଳ ହଳଦିଆ କାଗଜରେ ସେଇ ଛାପା ଗୀତ—ମଙ୍ଗଳ ବାଜଣା ବାଜେ—

ବନ୍ଧେ ଫେରି ଚଇତାଳି ଏବଂ କୁହୁ କୁହୁ ଗାଏ ପିକ,

Digitized by PPRACHIN, SOA

ହେ ବିଦେଶୀ ! ଆମର ଅପାକୁ ଗ୍ରେଷ୍ଟ କରନାଥ ।

ଯା ହେବାର ହେଲାଣି ।

ଏଣିକି ନବ ଦମ୍ପତ୍ତିଙ୍କ ଶିରେ ଢାଳ ପ୍ରଭୁ ତମ କୃପା ବାରି"—ମତେ ହାତ ଠାରି ଡାକୁଛୁ । କିନ୍ତୁ ଯଦି ତମର ଟେଲିଗ୍ରାମ୍ ନଆସେ—କିମ୍ବା ସେ ଟେଲିଗ୍ରାମ ଯଦି କୌଣସି ଭୁଲ୍ ଠିକଣାରେ ପହଞ୍ଚିଯାଏ !

ପ୍ରଣବ ଅରୁଣା ପାଖକୁ ଆହୁରି ଘୁଞ୍ଚି ଆସି କହିଲା : ଅଃ, ତୋର ଗ୍ରୀକଷ୍ଟି ନାହିଁ, ମୋର ମଧ୍ୟ ଅବଲମ୍ବନ ନାହିଁ । ଏକରେ ଏକ୍ ମିଶିଲେ ଏଥର ଦୁଇ ନୁହେଁ—ଏକ୍ ! ଅରୁ ! ମତେ ଖୁବ୍ ଶୀତ ଲାଗୁଛି । ତୁ ମୋର ଖୁବ୍ ପାଖକୁ ଗ୍ରଲି ଆ—ତୋ ଦେହର ଉଷ୍ଣତା ଦେଇ ମୋ ଦେହରୁ ଏ ମୃତ୍ୟୁକାଳୀନ ଶୀତଳତା ତୁ ପୋଛିଦେ ।

: ମତେ କଥା ଦିଅ, ମତେ ଏକାକିନୀ ଛାଡ଼ି ଦେଇ ତମେ କୁଆଡ଼େ ପଳାଇବ ନାହିଁ । ମତେ ଆଜିକାଲି ଖୁବ୍ ଭୟ ଲାଗୁଛି । ସ୍ୱପ୍ନରେ ଜାଗରଣରେ ମତେ ଦେଖାଯାଉଛି—କାହାର ଦୁଇଟା କଳାହାତ ଲମ୍ବି ଆସୁଛି ମତେ ଧରିନେବାପାଇଁ ।

: ସେଇ ବ୍ଲାକ୍‌ପ୍ରିନ୍‌ସ ! କଳାରଙ୍ଗର ଓଭରସିଅର୍ ! ସେ ପ୍ରସ୍ତାବଟା କଅଣ ଏପର୍ଯ୍ୟନ୍ତ ଭାଙ୍ଗି ନାହିଁ ! ଆମର ପ୍ରଣୟ ସମ୍ବାଦ ସେ ଲୋକଟା କାନରେ ପହଞ୍ଚିବାକୁ କଣ ଏତେ ଡେରି ଲାଗୁଛି ? ନା, ସେ ଲୋକଟା ବଧିର—ଜନରବ ସେ ଶୁଣିପାରେ ନାହିଁ !

ଗୋଧୂଳିର ଶେଷ ଆଲୋକ ଲିଭି ଯାଉଛି । ଅନ୍ଧାର ଘୋଟି ଆସୁଛି । ଦେହ ଶୀତେଇ ଉଠୁଛି ଥଣ୍ଡା ପବନରେ ।

ଅରୁଣିମା ପ୍ରଣବର ଗୋଟିଏ ହାତ ପାପୁଲିକୁ ନିଜ ହାତରେ ଗ୍ରିପି ଧରି କରୁଛି ।

: ନା, ନା, ତମେ ଆହୁରି ପାଖକୁ ଘୁଞ୍ଚି ଆସ । ଆମ ଦୁଇଜଣଙ୍କ ମଧ୍ୟରେ କିଛି ଫାଙ୍କ ନରହୁ । ଆମ ଭଲପାଇବା ଭିତରେ କିଛି ଫାଙ୍କ ନଥାଉ । ମୋ ଦେହ ଛୁଇଁ କହ, ମୁଁ ତମର, ଚିରଦିନ ତମର, ଆମେ ଦୁହେଁ ମିଶି ଏକ୍ ।

ଅରୁଣିମାର ହାତ ଭିତରେ ପ୍ରଣବର ପାପୁଲିଟା ଝାଳେଇ ଯାଉଛି ।

ସେ ସ୍ୱଗତୋକ୍ତି କଲାଭଳି କହୁଛି ।

Digitized by PPRACHIN, SOA

: ରୁ ଯାହା ଚାହୁଁ ମୁଁ ସେକଥା କହିବାକୁ ଚାହେଁ । କିନ୍ତୁ ମୋ ଜିଭରେ ଜଡ଼ତା, ହାତରେ ବେଡ଼ି ; ତୋର ଚାକିରି ନାହିଁ ; ମୋର ମଧ୍ୟ ଚାକିରି ନାହିଁ । ଅରୁ ! ଦୁଇଟା ଜିରୋ ମିଶିଲେ ଗୋଟିଏ ଗାଣିତିକ ସଂଖ୍ୟାର ଉତ୍ପତ୍ତି ହୁଏ ନାହିଁ ।

: ଜିରୋ ମଧ୍ୟ ଏକ ଗାଣିତିକ ସଂଖ୍ୟା, ଯଦି ତାକୁ ଡାହାଣ ପଟେ ବ୍ୟବହାର କରାଯାଏ ! କିନ୍ତୁ ଜୀବନଟା କେବଳ ଗଣିତ ନୁହେଁ ; ଚାକିରୀଟା ଚେର ମଧ୍ୟ ନୁହେଁ । ଚାକିରି ଠାରୁ ଜୀବନ ବଡ଼ । ଖୁବ୍ ବଡ଼ । ପୁରୁଷର ବଡ଼ ସମ୍ପଦ ତାର ଆତ୍ମବିଶ୍ୱାସ । ପ୍ଲିଜ୍ ! ତମେ ନିଜ ଉପରେ ଆସ୍ଥା ରଖ ।

: ଆତ୍ମ ବିଶ୍ୱାସର ସେଇ ସୁନାର ହରିଣକୁ ଧରିବାପାଇଁ କଟକରୁ ଏଇ ମଫସଲ ଗାଁ—କେତେ ବୁଲିଲି । କିନ୍ତୁ ହରିଣ ନଦିଏ ଧରା...ଚାରିଆଡ଼େ ବଡ଼ ଝଡ଼ ! ମତେ କେବଳ ସେଇ ସୁନା ହରିଣର ସୁନେଲି କାନଟି ଦେଖା ଯାଉଛି । ମୁଁ ତାକୁ ଅନୁସରଣ କରି ପଛେ ପଛେ ତାର ଧାଇଁଛି । ଚାରିଆଡ଼େ ପାହାଡ଼, ଅରଣ୍ୟ । ଢେଙ୍ଗାଢେଙ୍ଗା ଗଛ । ହରିଣ ଲୁଚିଯାଉଛି ପାହାଡ଼ର ଉହାଡ଼ରେ, ଗଛର ଅନ୍ତରାଳରେ । ଅରୁ ! ମୁଁ ଖୁବ୍ କ୍ଲାନ୍ତ । ମୋର ଦୁଇପାଦ କ୍ଷତାକ୍ତ । ମୋର ମନେ ହେଉଛି ଆତ୍ମବିଶ୍ୱାସର ସେଇ ସୁନାର ହରିଣ କୌଣସି ଦିନ ମତେ ଧରାଦେବ ନାହିଁ । ଅରୁଣା ! ତମର କୋମଳ କାନ୍ଧରେ ମୁହଁ ରଖିବାକୁ ମତେ ଦେ, ତୋ ମୁଣ୍ଡର ଗହଳିଆ କେଶର ଅରଣ୍ୟରେ, ପୋଖରୀର ଗଭୀର ଜଳରେ ଦଣ୍ଡିଖିଆ ମାଛ ଭଳି, ମୋ ହାତରେ ଆଙ୍ଗୁଠି ସିଆରି କାଟୁ, କିନ୍ତୁ ଏଇ ଯେ ବାପା, ମତେ କଟମଟ କରି ଚାହିଁଛନ୍ତି, ପାହାଡ଼ ଭଳି ସୁନାର ହରିଣକୁ ଓଡ଼ୁଆଳ କରି ଠିଆ ହୋଇଛନ୍ତି ।

: ନା ନା, ଭସ୍ମରେ ତମେ ମୋ କାନ୍ଧ ଉପରୁ ମୁଣ୍ଡ ଉଠାଇ ନିଅ ନାହିଁ । ସେମାନେ ସମସ୍ତେ ଦେଖନ୍ତୁ—ତମର ବାପା, ବୋଉ, ମୋର ବୋଉ, ମାମୁଁ, ସ୍କୁଲର ବାସୁବାବୁ, ରୁକ୍ମା ଦେଈ—ସମସ୍ତେ ଜାଣନ୍ତୁ, ଏକ୍‌ରେ ଏକ ମିଶିଲେ ଦୁଇ ନୁହେଁ, ଏକ୍ ! ତମେ ଆହୁରି ପାଖକୁ ଘୁଞ୍ଚି ଆସ, ଆହୁରି ପାଖକୁ ।

Digitized by PPRACHIN, SOA

ଘୂଞ୍ଚିବା ପାଇଁ ଆଉ ଶୂନ୍ୟସ୍ଥାନ ନାହିଁ । ଆଉ ଘୁଞ୍ଚିଲେ ତୁ—ତୋର ଦେହ—

ଆଉ ଘୁଞ୍ଚିଲେ ତମେ—ଶୂନ୍ୟସ୍ଥାନ ନାହିଁ । ସବୁ ଶୂନ୍ୟସ୍ଥାନ ପୂର୍ଣ୍ଣ ହୋଇ ଯାଇଛୁ । ନା ?

ଆଃ, ତୁ ଏତେ ପାଖରେ ଥିଲୁ, ମୁଁ ଜାଣି ପାରୁ ନଥିଲି କାହିଁକ ? ତୁ ତ ମୋର ସେଇ ଆତ୍ମ-ବିଶ୍ବାସର ସୁନାର ହରିଣ !

ମୁଁ ଶୂନ୍ୟତାର ହରିଣୀ ନୁହେଁ, ସୁନାର ହରିଣୀ, ଏ କଥା ତମେ ମତେ ଆଗରୁ କହି ନଥିଲ କାହିଁକ ?

ପ୍ରଣବ ଅରୁଣାର ଆଖି ତୋଳାରେ ନିଜର ଦୃଷ୍ଟି-ନିବଦ୍ଧ କରି କହିଲା—

ସେ କଥା ମୁଁ ନିଜେ ହିଁ ଜାଣି ନଥିଲି । ନିଜକୁ ନିଜେ ବୁଝି ପାରି ନଥିଲି, ନିଜକୁ ନିଜେ ଆବିଷ୍କାର କଲାପରେ ମୋର ନିଜର କୌଣସି ଯନ୍ତ୍ରଣା ନାହିଁ । ଅରୁ ! ଏଣିକି ଆମକୁ କେହି ଅଉ ବିଚ୍ଛିନ୍ନ କରି ପାରିବେ ନାହିଁ ।

ଅରୁଣା ସ୍ବପ୍ନ ଦେଖୁଥିବା ଭଳି ତନ୍ଦ୍ରାଚ୍ଛନ୍ନ କଣ୍ଠରେ ଉତ୍ତର ଦେଲା—

ସେ କଥା ମୁଁ ଜାଣିଥିଲି । ସେଥିପାଇଁ ଶିକ୍ଷୟିତ୍ରୀ ଗୃହକଟିକୁ ଜୀର୍ଣ୍ଣ-ଅନ୍ତର୍ବାସ ଭଳି ଦୂରକୁ ଫିଙ୍ଗି ଦେବା ପାଇଁ ମତେ ଗୋଟିଏ ମୁହୂର୍ତ୍ତି ସୁଦ୍ଧା ଭାବିବାକୁ ପଡ଼ି ନଥିଲା ।

ସନ୍ଧ୍ୟା ହୋଇଗଲା ।

ଶୀତ ଦିନର ସନ୍ଧ୍ୟା ।

ଅନ୍ଧକାରରେ ବଉଳ ଫୁଲର ବାସ୍ନା ବ୍ୟତୀତ ଅନ୍ୟ କିଛି ଆଉ ସେମାନେ ଅନୁଭବ କରି ପାରୁ ନଥିଲେ ।

Digitized by PPRACHIN, SOA



କୁହୁଡ଼ିରେ ଚାରିଆଡ଼ ଧୂଆଁଳିଆ। କିଛି ସ୍ପଷ୍ଟ ଦେଖାଯାଉ ନାହିଁ। କଟକ ଆଡ଼ୁ ଆସୁଥିବା ଗାଡ଼ିଟାକୁ ବିଦାକରି ଷ୍ଟେସନ ମାଷ୍ଟର ସଦାନନ୍ଦବାବୁ ପ୍ଲାଟଫର୍ମ ଉପରେ ଠିଆ ହୋଇ ଗୋଟାଏ ବିଡ଼ିରେ ନିଆଁ ଧରେଇଲେ।

କଟକକୁ ଯିବାପାଇଁ ଯେଉଁ ପାସେଞ୍ଜର ଗାଡ଼ି ଆସିବା କଥା, ତାର ସମୟ ସୀମା ଗୋଟାଏ ଘଣ୍ଟା ଆଗକୁ ବଢ଼ି ଯାଇଛି। ଆଜିକାଲି କୌଣସି ଗାଡ଼ି ସମୟ ନିର୍ଘଣ୍ଟର ନିୟମ ମାନି ଯିବା ଆସିବା କରନ୍ତି ନାହିଁ।

ଗାଡ଼ିକୁ ଭଲରେ ବିଦା କରିବା ପାଇଁ ସଦାନନ୍ଦ ବାବୁଙ୍କୁ ଅଯଥା ଅନେକ ସମୟ ଅପେକ୍ଷା କରିବାକୁ ହୁଏ।

ବଡ଼ ବିରକ୍ତିକର ଅପେକ୍ଷା !

ସେ ବିଡ଼ି ଦୁଇ ଚାରିଦମ୍ ଟାଣି ଦେଇ ପୁଣି ପ୍ଲାଟଫର୍ମ ଉପରେ ଏପାଖ ସେପାଖ ହେଲେ। ଲାଇନ୍‌ମ୍ୟାନ୍‌କୁ ଗୋଟାଏ ଦୁଇଟା ଉପଦେଶ ଦେଇସାରି ଦେଖିଲେ, ପ୍ରଣବ !

ସକାଳ ପ୍ୟାସେଞ୍ଜରରେ ଶୀତ ଦିନେ ଯିବା ପାଇଁ ଖୁବ୍ ବେଶୀ ଭିଡ଼ ହୁଏ ନାହିଁ। ଖୁବ୍ ଜରୁରି କାମ ନଥିଲେ ସମସ୍ତେ ଏଗାରଟାବେଳ ଗାଡ଼ି ପାଇଁ ପ୍ଲାଟଫର୍ମରେ ଜମା ହୁଅନ୍ତି।

ସେ ଚାଲି ଚାଲି ପ୍ରଣବ ପାଖକୁ ଗଲେ।

ଷ୍ଟେସନ ମାଷ୍ଟରଙ୍କୁ ଦେଖି ଚମକି ଉଠିଲା ଭଳି ମୁଖଭଙ୍ଗୀ କରି ପ୍ରଣବ ନମସ୍କାର କଲା।

ସଦାନନ୍ଦ ବାବୁ କହିଲେ : ଗାଡ଼ି ଘଣ୍ଟାଏ ଡେରି। ପ୍ଲାଟଫର୍ମ ଉପରେ ବୁଲିବ କାହିଁକି, ମୋ ଅଫିସ ଭିତରକୁ ଆସ—

Digitized by PPRACHIN, SOA

ପ୍ରଣବ ସ୍ୱୀକାର କଲା ନାହିଁ ।

କହିଲା : ଇଏବା କି ଶୀତ ! କାଶ୍ମୀରରେ ବରଫ ଝଡ଼ ଭିତରେ ଗତବର୍ଷ ଆମେ ପ୍ରାୟ ସାତ ଦିନ କଟାଇଛୁ—

ଆଜିକାଲି ପିଲାମାନେ ଏମିତି । ଶୀତ କଥା କହିଲେ ସେମାନେ କାଶ୍ମୀର କାହାଣୀ କହିବେ !

ସଦାନନ୍ଦ ବାବୁ ଷ୍ଟେସନର ଅନ୍ୟ ଦିଗକୁ ଗ୍ରଲିଗଲେ ।

ପ୍ରଣବ ବଞ୍ଚିଗଲା । ବାପାଙ୍କ ସହିତ ଝଗଡ଼ା କରି ଘରୁ ଗ୍ରଲି ଆସିଲା ପରେ ସେ ଆଉ କୌଣସି ବୟସ୍କ ଲୋକଙ୍କ ସାମ୍ନାକୁ ଯିବା ପାଇଁ ଗ୍ରହେଁ ନା ।

ଅରୁଣା କ'ଣ ଷ୍ଟେସନକୁ ଦେଖା କରିବାକୁ ଆସିବ ? ସେ ଆସିଲାବେଳେ ଅଜୁ ତାକୁ ଦେଖିଛି । ଯଦି ଖବର ଦିଏ, ସେ ଆସିପାରେ । ଆସିଲାବେଳେ ସେ ପଛକୁ ଗ୍ରହିଁ ଗ୍ରହିଁ ଆସୁଥିଲା । ସେ ଏଠାରେ ଅପେକ୍ଷା କରିବ । ସଦାନନ୍ଦ ବାବୁଙ୍କ ସହିତ ଅଫିସ୍ ରୁମ୍‌କୁ ଗଲେ ତାକୁ ନ ଦେଖି ଅରୁଣା ନିରାଶ ହୋଇ ଫେରିଯାଇ ପାରେ ।

ଗାଡ଼ି ଆସିବା ବିଳମ୍ବ ଥିଲେ ଭଦ୍ରଙ୍କର କ୍ରୋଧ ହୁଏ ପ୍ରଣବର । ଆଜି କିନ୍ତୁ ଘଣ୍ଟାଏ ବିଳମ୍ବ ପାଇଁ ସେ ମନେ ମନେ ଖୁସି ହେଲା ।

ହୁଏତ ଅରୁଣା ଆସିବ ।

ସେ ଚୁପ୍ ଗୁପ୍ ବସି ଘର କଥା ଭାବିଲା ।

ଆଗରୁ ବାପା ବୋଉଙ୍କର ଏକମାତ୍ର ଗେହ୍ଲାପୁଅ ବୋଲି ସେ ମନେ ମନେ ଖୁବ୍ ଗର୍ବ କରୁଥିଲା । ଆଜି କିନ୍ତୁ ବାପା ମାଆଙ୍କର ଏକମାତ୍ର ପୁଅ ହୋଇଥିବାର ଯନ୍ତ୍ରଣା ସେ ଅନୁଭବ କଲା ।

ସେମାନେ ତାଠାରୁ ଅନେକ କିଛି ଆଶା କରନ୍ତି, ଯାହା ପୂରଣ କରିବା ତା ପକ୍ଷରେ ଅସମ୍ଭବ ବ୍ୟାପାର ।

ଗାଡ଼ି ଆସିବାର ଘଣ୍ଟାଧ୍ୱନି ଶୁଣାଗଲା ।

ତଥାପି ଅରୁଣା ଆସି ନାହିଁ ।

ସେ ଏପରି ଆକସ୍ମିକ ଭାବରେ କଟକ ଫେରିଯିବ ବୋଲି ନିଜେ ଜାଣି ନ ଥିଲା । ଅରୁଣାକୁ ଖବର ଦେବା ମଧ୍ୟ ସମ୍ଭବ ନଥିଲା ।

Digitized by PPRACHIN, SOA

କାଲ୍ ସ୍ୱପ୍ନରେ ହିଁ ସେ କଟକ ଫେରିବା ନିଷ୍ପତ୍ତି କଲା ।

ଗାଡ଼ିର ହୁଇସିଲ୍ ଶୁଣା ଯାଉଛି ।

ପ୍ଲାଟଫର୍ମ ଭିତରେ ପ୍ରବେଶ କରୁଛି ଗାଡ଼ି ।

ଅରୁଣା ଆସି ନାହିଁ ।

କିନ୍ତୁ ସେ ଜାଣେ, ଶୀତ ସ୍ୱପ୍ନର ଶେଷରେ ଆଦ୍ୟ-ବସନ୍ତର ମଳୟ ଭଳି ଅରୁଣା ଦିନେ ନା ଦିନେ ତା ସହିତ ଗାଡ଼ିରେ ଉଠି ପଡ଼ିବ । ଲାଲ୍‌ବତୀ ଲିଭିଯିବ । ସବୁଜ ଆଲୁଅ ଦେଖାଯିବ । ଗାଡ଼ି ପ୍ଲାଟଫର୍ମ ଛାଡ଼ି ଆଗକୁ ଦୌଡ଼ିବା ଆରମ୍ଭ କରିବ । ସେମାନେ କେହି ତାଙ୍କୁ ଧରି ଅଟକାଇ ପାରିବେ ନାହିଁ ।

Digitized by PPRACHIN, SOA